JULY 17, 2026
FRIDAY, BHUBANESWAR

ଜୁଲାଇ ୧୭, ୨୦୨୬
ଶୁକ୍ରବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA | ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 312 ବର୍ଷ- ୧ ● ସଂଖ୍ୟା- ୩୧୨ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

**କଡ଼ା ସୁରକ୍ଷା ବଳୟରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା**

# ବର୍ଷାରେ ଭିଜିଲେ ବଡ଼ଠାକୁର







- ❖ ବିନା ଟାହିଆରେ ମହାପ୍ରଭୁଙ୍କ ପହଣ୍ଡି
- ❖ ରଥ ଟାଣିଲେ ମୁଖ୍ୟମନ୍ତ୍ରୀ, ବାଣ୍ଟିଲେ ଟଙ୍କତୋରାଣି

ପୁରୀ, ୧୬/୦୭ : ଝିପିଝିପି ବର୍ଷା ଦୁଇ ଦିନ ହେଲା ବଡ଼ଦାଣ୍ଡକୁ ଭିଜେଇ ଚାଲିଥାଏ, ସତେ ଯେମିତି ମହାପ୍ରଭୁଙ୍କ ସ୍ୱାଗତ ପାଇଁ ପ୍ରକୃତି ନିଜେ ଜଳାଭିଷେକ କରୁଛି । ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କଠାରୁ ଆରମ୍ଭ କରି ଦେଶର ବଡ଼ ବଡ଼ ନେତା, ମନ୍ତ୍ରୀ ଓ ସଙ୍ଗୀତଜ୍ଞଙ୍କ ପର୍ଯ୍ୟନ୍ତ ସମସ୍ତେ ବଡ଼ଦାଣ୍ଡରେ ହାଜର। ଚାରିଆଡ଼େ ପୋଲିସର ଅଭୂତପୂର୍ବ ସୁରକ୍ଷା ବଳୟ। ଏପରିକି ପାସ୍ ଧାରୀମାନେ ବି କର୍ଡନ ଭିତରକୁ ଯାଇ ନପାରି ଆଶ୍ଚର୍ଯ୍ୟ ହେଉଥାନ୍ତି। ଭିଆଇପି ଓ ଭିଭିଆଇପିଙ୍କ ଭିଡ଼ମଧ୍ୟରେ ରାଜ୍ୟପାଳ ହରିବାବୁ କୁମ୍ଭମପାଟି, ବହୁ ବିଚାରପତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ବିଜେପି ସଭାପତି ତଥା ସାଂସଦ ମନମୋହନ ସାମଲ, ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡା,ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରି ଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା,ରାଜ୍ୟ ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ ,ବହୁ ବିଧାୟକ , ସଙ୍ଗୀତଜ୍ଞ ସୋନୁ ନିଗମ ଓମୁଖ୍ୟ ଶାସନ ସଚିବ ଅନୁଗର୍ଗଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ମହାପ୍ରଭୁଙ୍କ ରଥଯାତ୍ରା ଦେଖିବାକୁ ପୁରୀରେ ଉପସ୍ଥିତ ଥିବା ଦେଖାଯାଇଥିଲା। ଏଭଳି ସୁରକ୍ଷା ବ୍ୟବସ୍ଥା ଓ ଏତେ ସଂଖ୍ୟକ୍ ପୋଲିସ କେବେ ରଥ ସମୟରେ ଦେଖିନଥିବା ପୁରୀର ବହୁ ବରିଷ୍ଠ ନାଗରିକ କହିଛନ୍ତି। ଗୁମୁଟ ଭିତରେ ଅଟକିଲେ ମହାବାହୁ ସେବାୟତମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ପହଣ୍ଡି ଆରମ୍ଭ କରିଥିଲେ । ଚକ୍ରରାଜ ସୁଦର୍ଶନ,ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରା ପହଣ୍ଡି ବିଜେ ହୋଇରଥାରୂଢ଼ ହୋଇଥିଲେ। ତେବେ ଧାଡ଼ି ପହଣ୍ଡିରେ ଆସୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ ସିଂହଦ୍ୱାର ଗୁମୁଟ ଭିତରେ ଅଟକିରହିଥିଲେ। ମହାପ୍ରଭୁଙ୍କ ପହଣ୍ଡି ପାଇଁ ନିୟୋଜିତ ସେବାୟତମାନେ ପ୍ରାଣ ପ୍ରଣେ ଉଦ୍ୟମ କରିଥିଲେ ମଧ ଅଚଳ ମହାମେରୁଙ୍କୁ ପହଣ୍ଡି ବିଜେ କରି ସାମାନ୍ୟ ଆଗକୁ ଆଣି ପାରିନଥିଲେ । ତେବେ ଗୁମୁଟ ଭିତରେ ପ୍ରାୟ ଏକ ଘଣ୍ଟା ଅଟକି ରହିଥିବା ମହାପ୍ରଭୁ ଧିରେ ଧିରେ ଆଗକୁ ବଢ଼ିବାରୁ ସେବାୟତ ଓ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିଲା। ଶ୍ରୀଜଗନ୍ନାଥଙ୍କ ମସ୍ତକରେ ନଥିଲା ଟାହିଆ ପ୍ରତିବର୍ଷ ରଥଯାତ୍ରା ସମୟରେ ଅର୍ଥାତ ରତ୍ନବେଦୀରୁ ଜନ୍ମବେଦୀକୁ ବାହାରିଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରାଘବଦାସ ମଠ ପକ୍ଷରୁ ଟାହିଆ ଯୋଗାଇ ଦିଆଯାଇଥାଏ। ଧାଡ଼ି ପହଣ୍ଡିରେ ଆସୁଥିବା ଚତୁର୍ଦ୍ଧାମୂର୍ତ୍ତି ସାତପାହାଚରେ ପହଞ୍ଚିବା ପରେ ସେଠାରେ ବିଗ୍ରହମାନଙ୍କୁ ଟାହିଆ ଲାଗି କରାଯାଇଥାଏ । ଚଳିତ ବର୍ଷ ମଧ ବିଗ୍ରହମାନଙ୍କୁ ସାତପାହାଚରେ ଟାହିଆ ଲାଗି କରାଯାଇଥିଲା। ତେବେ ସିଂହଦ୍ୱାର ଗୁମୁଟ ଭିତରୁ ମହାପ୍ରଭୁ ☞ପୃଷ୍ଠା-୨

## ବଡ଼ଦାଣ୍ଡରେ ରାତି କାଟିଲେ ମହାବାହୁ

- ◆ ଆଜି ସକାଳ ସାଢ଼େ ୯ରେ ପୁଣି ଗଡ଼ିବ ତିନି ରଥ
- ◆ ବର୍ଷା ଭିଜା ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କ ମହାମିଳନ
- ◆ ଅଧା ବାଟରେ ଅଟକିଲେ କାଳିଆ ସାଆନ୍ତ

ପୁରୀ,୧୬ ।୭(ଅକ୍ଷର ଓଡ଼ିଶା):ପ୍ରବଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଆରମ୍ଭ ହୋଇଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଶ୍ରୀମନ୍ଦିର ରତ୍ନବେଦୀ ଛାଡ଼ି ଗୁଣ୍ଡିଚା ମନ୍ଦିର ଜନ୍ମବେଦୀ ଅଭିମୁଖେ ନବଦିନଯାତ୍ରାରେ ବାହାରିଛନ୍ତି ମହାବାହୁ । ମହାପ୍ରଭୁଙ୍କ ଆଗମନରେ ଧନ୍ୟ ହୋଇଛି ବଡଦାଣ୍ଡ । ଜନସମୁଦ୍ରରେ ପରିଣତ ହୋଇଛି ଶ୍ରୀକ୍ଷେତ୍ର । ବଡଦାଣ୍ଡରେ ଭକ୍ତ ଭଗବାନଙ୍କର ହୋଇଛି ମହା ମିଳନ। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଛି ବଡଦାଣ୍ଡ ।ତିନି ଦିନ ଧରି ଲଗାଣବର୍ଷା ଲାଗି ରହିଥିଲେ ମଧ ତାହାକୁ ଭୃକ୍ଷେପ ନକରି ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ନିଜକୁ କୃତାର୍ଥ ମନେ କରିଛନ୍ତି । ସମଗ୍ର ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଛି ଆଧ୍ୟାତ୍ମିକ ପରିବେଶ । ଚଳତବର୍ଷ ରଥଯାତ୍ରା ପାଇଁ ଜଳ ,ସ୍ଥଳ ଓ ଆକାଶ ମାର୍ଗରେ ହୋଇଥିଲା ଅଭୁତ ପୂର୍ବ ସୁରକ୍ଷା ବ୍ୟବସ୍ଥା। ଇଣ୍ଟେଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ ସାଙ୍ଗକୁ ଏ ଆଇ କ୍ୟାମେରା ନଜରରେ ରହିଥିଲା ଶ୍ରୀକ୍ଷେତ୍ର। ତେବେ ରଥଟଣା ଶେଷ ହେବା ସୁଦ୍ଧା ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ମାର୍କେଟ ଛକରେ ଅଟକି ରହିଛି । ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ମରିଚିକୋଟ ନିକଟରେ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ମାତ୍ର ସ୍ୱଳ୍ପ ବାଟ ☞ପୃଷ୍ଠା-୨



## ଆଜି ହେବନି ଆଡ଼ପ ମଣ୍ଡପ ବିଜେ ନୀତି

**ସେବାୟତଙ୍କୁ କୃତଜ୍ଞତା ଜଣାଇଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

ପୁରୀ, ୧୬/୦୭ : ତିନି ରଥ ବଡ଼ଦାଣ୍ଡର ଭିନ୍ନ ଭିନ୍ନ ସ୍ଥାନରେ ଅଟକି ରହିବା ପରେ, ଶ୍ରୀକ୍ଷେତ୍ରରେ ଏକ ଭାବପୂର୍ଣ୍ଣ ଓ ଗମ୍ଭୀର ପରିବେଶ ସୃଷ୍ଟି ହୋଇଛି। ପ୍ରତିକୂଳ ପରିସ୍ଥିତି ଏବଂ ପ୍ରବଳ ବର୍ଷା ସତ୍ତ୍ୱେ ସେବାୟତମାନେ ଯେଉଁ ନିଷ୍ଠାର ସହ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପାଦନ କଲେ, ସେଥିପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଛତିଶା ନିଯୋଗ ଓ ସମସ୍ତ ସେବାୟତ ବନ୍ଧୁମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ଆସନ୍ତା କାଲି ରଥାରୂଢ଼ ଜିଉମାନଙ୍କ ଆଡ଼ପମଣ୍ଡପ ବିଜେ ନୀତି ହେବନାହିଁ ବୋଲି ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ସ୍ପଷ୍ଟ କରିଛନ୍ତି। ତେବେ ଆଜି ସକାଳ ସାଢେ ୯ ଟାରେ ରଥଗୁଡ଼ିକୁ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଟଣାଯିବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ଆଜି ବିଜାରି ରହିବ ସୁରକ୍ଷା ବ୍ୟବସ୍ଥାଈ କୌଣସି ବି ରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚି ପାରିନାହିଁ। ଏପରିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ନାମକୁ ମାତ୍ର ଟଣାଯାଇ ସିଂହଦ୍ୱାରରେ ଅଟକି ରହିଛି। ଆଜି ରଥଗୁଡ଼ିକୁ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଟଣାଯିବ। ତେଣୁ ରଥଯାତ୍ରା ପାଇଁ ହୋଇଥିବା ସମସ୍ତ ସୁରକ୍ଷା ବ୍ୟବସ୍ଥା ବଳବତ୍ତର ରହିବ ବୋଲି ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି। ଆଜି ସମସ୍ତ ସୁରକ୍ଷା କର୍ମୀଙ୍କ ପାଇଁ ନିର୍ଦ୍ଧାରିତ ହୋଇଥିବା ସମସ୍ତ ଦାୟିତ୍ୱ ସେମାନେ ଆଜି ତୁଲାଇବେ ବୋଲି ଡିଜିପି ସୂଚନା ଦେଇଛନ୍ତି।

## ରଥ ଟାଣିଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬/୦୭ : ପବିତ୍ର ରଥଯାତ୍ରା ଅବସରରେ ପୁରୀରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତଙ୍କ ସହ ସାମିଲ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଭବ୍ୟ ରଥଯାତ୍ରାରେ ଯୋଗ ଦେଇଛନ୍ତି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏବଂ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ। ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି ରାଜ୍ୟପାଳ ଓଡ଼ିଶାବାସୀଙ୍କ ଶାନ୍ତି, ସମୃଦ୍ଧି ଓ ସୁଖମୟ ଜୀବନ ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଥିଲେ। ପବିତ୍ର ରଥଯାତ୍ରାର ଅନୁଭୂତିକୁ ଆଧ୍ୟାତ୍ମିକ ଓ ଉତ୍ସାହପ୍ରଦ ବୋଲି ବର୍ଣ୍ଣନା କରି ରାଜ୍ୟପାଳ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦିବ୍ୟ ଉପସ୍ଥିତିରେ ରହିବାର ସୁଯୋଗ ପାଇ ନିଜକୁ ଧନ୍ୟ ମନେ କରିଥିଲେ। ଏହି ଅବସରରେ ସମସ୍ତ ଭକ୍ତଙ୍କୁ ରାଜ୍ୟପାଳ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ପବିତ୍ର ରଥଯାତ୍ରା ଆମ ସମସ୍ତଙ୍କ ମଧ୍ୟରେ ଆସ୍ଥା, ଏକତା, ସମାନତା, ଭାଇଚାରା ଓ ମାନବିକତାର ଭାବନାକୁ ଆହୁରି ସୁଦୃଢ଼ କରୁ ବୋଲି ପ୍ରାର୍ଥନା କରିଥିଲେ । ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ବିରାଜମାନ କରୁ ଏବଂ ମହାପ୍ରଭୁଙ୍କ ଆଶୀର୍ବାଦ ସମସ୍ତଙ୍କୁ ଶାନ୍ତି, ସଦଭାବ, କରୁଣା ଓ ଧର୍ମର ପଥରେ ଆଗେଇ ନେଉ ବୋଲି ରାଜ୍ୟପାଳ କାମନା କରିଥିଲେ।



## ଇସ୍ରୋ ବୈଜ୍ଞାନିକଙ୍କ ଇସ୍ତଫା ଓ ସ୍ୱେଚ୍ଛାକୃତ ଅବସର ଉପରେ କଟକଣା



ନୂଆଦିଲ୍ଲୀ,୧୬ ।୭: ଭାରତୀୟ ମହାକାଶ ଗବେଷଣା ସଂଗଠନ (ISRO)ର ଗ୍ରୁପ୍ ଇ ବୈଜ୍ଞାନିକ ଏବଂ ବୈଷୟିକ କର୍ମଚାରୀଙ୍କ ମଧ୍ୟରେ ଇସ୍ତଫା ଓ ସ୍ୱେଚ୍ଛାକୃତ ଅବସର (VRS)ର ମାତ୍ରା ବୃଦ୍ଧି ପାଉଥିବାରୁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। 'ଗଗନୟାନ' ଭଳି ଦେଶର ଅତ୍ୟନ୍ତ ପ୍ରତିଷ୍ଠିତ ମହାକାଶ ମିଶନଗୁଡ଼ିକ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ସରକାର ଇସ୍ତଫା ନିୟମକୁ ଅଧିକ କଡ଼ାକଡ଼ି ☞ପୃଷ୍ଠା-୨

## ରଥଯାତ୍ରାରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



**ଭକ୍ତଙ୍କ ସୁଖ-ସମୃଦ୍ଧି କାମନା କରି ଆଶୀର୍ବାଦ ଲୋଡିଲେ ଗୃହମନ୍ତ୍ରୀ ଓ ରାଜ୍ୟପାଳ**

ପୁରୀ, ୧୬/୦୭ : ପବିତ୍ର ଶ୍ରୀକ୍ଷେତ୍ର ପୁରୀରେ ପାଳିତ ହେଉଛି ବିଶ୍ୱପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା। ଭକ୍ତ ଓ ଭଗବାନଙ୍କ ଏହି ମହାମିଳନ ପର୍ବ ଅବସରରେ ସାରା ଦେଶରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ ଓଡ଼ିଶାର ରାଜ୍ୟପାଳ। ସୋସିଆଲ ମିଡିଆ 'ଏକ୍ସ'ରେ ଶୁଭେଚ୍ଛା ବାର୍ତ୍ତା ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ରଥଯାତ୍ରା ଭାରତର କାଳଜୟୀ ଆଧାତ୍ମିକ ଓ ସାଂସ୍କୃତିକ ଐତିହ୍ୟର ଏକ ଉଜ୍ଜ୍ୱଳ ପ୍ରତୀକ। ଏହି ପର୍ବ ସହ ଜଡିତ ପରମ୍ପରା ପିଢ଼ି ପରେ ପିଢ଼ିକୁ ପ୍ରେରଣା ଦେଇଆସିଛି। ଏଥିରେ ନମ୍ରତା, ସାମୂହିକ ଅଂଶଗ୍ରହଣ ଓ ନିଃସ୍ୱାର୍ଥପର ସେବାର ବାର୍ତ୍ତା ନିହିତ ରହିଛି। ମହାପ୍ରଭୁ ଜଗନ୍ନାଥଙ୍କ ଅସୀମ କୃପା ସମସ୍ତଙ୍କ ଉପରେ ବର୍ଷୁ ଏବଂ ଦେଶବାସୀଙ୍କ ଜୀବନରେ ସାସ୍ଥ୍ୟ, ସୁଖ, ସମୃଦ୍ଧି ଓ ନୂଆ ଶକ୍ତିର ସଞ୍ଚାର ହେଉ ବୋଲି ସେ କାମନା କରିଛନ୍ତି। ସେହିପରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ ରଥଯାତ୍ରା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ, ବିଶ୍ୱପ୍ରସିଦ୍ଧ ଜଗନ୍ନାଥ ରଥଯାତ୍ରା ଅଟୁଟ ଆସ୍ଥା, ବିଶ୍ୱାସ ଓ ଭକ୍ତିର ପ୍ରତୀକ। ଏହି ମହାପର୍ବ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ସନାତନ ପରମ୍ପରାର ଗୌରବକୁ ବିଶ୍ୱ ☞ପୃଷ୍ଠା-୨



**ବ୍ୟଙ୍ଗ ବିଚାର**

**ଡ.ଗିରୀଶ ରଂଜନ**

ଦିନ ସାରା ବର୍ଷା ଏମିତି ଛେଚିଲା
କାଳିଆ ତ ସର ସର
ଦୁଇଦିନ ହେବ ସୁସ୍ଥ ହୋଇଛନ୍ତି
ହୋଇଥିଲା ତାଙ୍କୁ ଜ୍ୱର
ସାରା ବିଶ୍ୱର ସେ ବୀର
ଆକାଶରୁ ଇନ୍ଦ୍ର ପୁଷ୍ପ ଆକାରରେ
ଢାଳୁଛନ୍ତି ଖାଲି ନିର

## ଲଗାଣ ବର୍ଷାରେ ଭିଜିବ ଓଡ଼ିଶା



**'ୱେଲ୍ ମାର୍କଡ୍ ଲୋ ପ୍ରେସର' ପ୍ରଭାବରେ ୨ ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା**

ଭୁବନେଶ୍ୱର, ୧୬/୦୭ : ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଏବେ ଆହୁରି ଜୋର ଧରିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ 'ୱେଲ୍ ମାର୍କଡ୍ ଲୋ ପ୍ରେସର' ରେ ପରିଣତ ହୋଇଥିବା ବେଳେ, ଆସନ୍ତା ଦୁଇ ଦିନ ଓଡ଼ିଶାରେ ବର୍ଷାର ପ୍ରକୋପ ଆହୁରି ବଢ଼ିବ ବୋଲି ଭାରତୀୟ ପାଣିପାଗ ବିଭାଗ (IMD) ସତର୍କ କରିଛି। ବିଶେଷକରି ଉତ୍ତର ଓ ଉପକୂଳ ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ପାଣିପାଗ ବିଭାଗ ସୂଚନା ଅନୁସାରେ, ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଥିବା ଏହି ସୁଦୃଶ୍ୟ ଲଘୁଚାପ ବଳୟ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଉତ୍ତର ଓଡ଼ିଶା ଓ ଗାଙ୍ଗେୟ ପଶ୍ଚିମବଙ୍ଗ ☞ପୃଷ୍ଠା-୨

**ସୁପ୍ରିମକୋର୍ଟଙ୍କ ଐତିହାସିକ ରୋଡମ୍ୟାପ୍**

## ଅଗଷ୍ଟରେ ବିଶେଷ ଲୋକ ଅଦାଲତ



- ❖ ଏକାସଙ୍ଗେ ୯ ହଜାରରୁ ଅଧିକ ମାମଲାର ହେବ ସମାଧାନ
- ❖ ବର୍ଷ ବର୍ଷର ମାମଲା ବୋଝ କମାଇବାକୁ ସୁପ୍ରିମକୋର୍ଟଙ୍କ ନୂଆ ରୋଡମ୍ୟାପ୍
- ❖ ଓକିଲଙ୍କ ଯୁକ୍ତି ପାଇଁ ରହିବ ସମୟ ସୀମା
- ❖ ସାଧାରଣ ଲୋକଙ୍କୁ ବଡ଼ ଆଶ୍ୱସ୍ତି
- ❖ ପୁରୁଣା ମାମଲାକୁ ମିଳିବ ପ୍ରାଥମିକତା

ନୂଆଦିଲ୍ଲୀ, ୧୬/୦୭ : ଅଦାଲତରେ ବର୍ଷ ବର୍ଷ ଧରି ପଡ଼ି ରହିଥିବା ମାମଲାର ବୋଝ କମାଇବା ଏବଂ ସାଧାରଣ ଜନତାଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ କରିବା ଦିଗରେ ସୁପ୍ରିମକୋର୍ଟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଗତ ୧୫ ଜୁଲାଇରେ ଅନୁଷ୍ଠିତ ଫୁଲ୍ କୋର୍ଟ (ସମସ୍ତ ବିଚାରପତିଙ୍କ ବୈଠକ) ବୈଠକରେ ଆସନ୍ତା ଅଗଷ୍ଟ ୨୧, ୨୨ ଏବଂ ୨୩ ତାରିଖରେ 'ସମାଧାନ ସମାରୋହ' ଅଧୀନରେ ଏକ ବିଶେଷ ଲୋକ ଅଦାଲତ (Special Lok Adalat) ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ପ୍ରାୟ ୧୦୦ଟି ସମୂହ ବା ବଞ୍ଚ୍ ମାମଲାକୁ ପ୍ରାଥମିକତା ଦିଆଯାଇ ଏକ ସଙ୍ଗେ ୯,୧୭୭ଟି ପଡ଼ି ରହିଥିବା ମାମଲାର ସମାଧାନ କରାଯିବ।କୋର୍ଟଙ୍କ ଯୋଜନା ଅନୁଯାୟୀ, ଏହି ବଞ୍ଚ୍ ମାମଲାର ସମାଧାନ ପରେ ନୋଟିସ ଜାରି ହେବା ଦିନଠାରୁ ପଡ଼ି ରହିଥିବା ସବୁଠାରୁ ପୁରୁଣା ମାମଲାଗୁଡ଼ିକୁ ପ୍ରତି ସପ୍ତାହର ମଙ୍ଗଳବାର, ବୁଧବାର ଏବଂ ଗୁରୁବାର ଦିନ ଶୁଣାଣି କରାଯିବ। ମାମଲାର ଦୈନନ୍ଦିନ ତାଲିକା ବା 'କଜ୍ ଲିଷ୍ଟ'କୁ ସରଳ ଓ ଶୃଙ୍ଖଳିତ କରିବା ପାଇଁ ବିଚାରପତିମାନଙ୍କୁ ନେଇ ଏକ ସତନ୍ତ୍ର କମିଟି ମଧ ଗଠନ କରାଯାଇଛି ।ଅଦାଲତରେ ପଡ଼ି ରହିଥିବା ମାମଲାର ବୋଝ କମାଇବା ଏବଂ ନ୍ୟାୟିକ ପ୍ରକ୍ରିୟାକୁ ଅଧିକ ଦ୍ରୁତ ତଥା ଶୃଙ୍ଖଳିତ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୧୫ ଜୁଲାଇ ୨୦୨ରେ ଅନୁଷ୍ଠିତ ଫୁଲ୍ କୋର୍ଟ (ସମସ୍ତ ବିଚାରପତିଙ୍କ ବୈଠକ) ବୈଠକରେ ସ୍ଥିର କରାଯାଇଛି ଯେ, ଆସନ୍ତା ଅଗଷ୍ଟ ୨୧, ୨୨ ଏବଂ ୨୩ ତାରିଖରେ 'ସମାଧାନ ସମାରୋହ' ଅଧୀନରେ ବିଶେଷ ଲୋକ ଅଦାଲତ ଆୟୋଜନ କରାଯିବ। ଏଥିରେ ସୁପ୍ରିମକୋର୍ଟର ସମସ୍ତ ବିଚାରପତି ଅଂଶଗ୍ରହଣ କରିବେ।

ଏହା ସହିତ କୋର୍ଟ ପ୍ରାୟ ୧୦୦ଟି ବଞ୍ଚ୍ ମାମଲାକୁ ପ୍ରାଥମିକତା ଭିତ୍ତିରେ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି, ☞ପୃଷ୍ଠା-୨

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବର୍ଷାରେ ଭିଜିଲେ...

ଶ୍ରୀଜଗନ୍ନାଥ ପହଣ୍ଡି ବିଜେ ହୋଇ ବାହାରକୁ ଆସିବାବେଳକୁ ତାଙ୍କ ମୁଣ୍ଡରେ ଟାହିଆ ନଥିବା ଦେଖାଯାଇଥିଲା। ପହଣ୍ଡି ବିଜେ ସମୟରେ ମହାପ୍ରଭୁଙ୍କ ମସ୍ତକରେ ଟାହିଆ ନଥିବା ପ୍ରଥମ ଥର ଲାଗି ଦେଖାଯାଇଥିଲା। ମହାପ୍ରଭୁଙ୍କ ମସ୍ତକରେ ତୁଳସୀ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଲଗାଣ ବର୍ଷା ଯୋଗୁଁ ଟାହିଆଟି ନଷ୍ଟ ହୋଇଯାଇଥିଲା । ବଡଦାଣ୍ଡର ବିଭିନ୍ନ ସ୍ଥାନରୁ ଜଳ ନିଷ୍କାସନ ପ୍ରଶାସନକୁ ୯ ଟି ପମ୍ପ ବ୍ୟବହାର କରାଯାଇଥିଲା। ଲଘୁଚାପ କ୍ଷେତ୍ର ଯୋଗୁଁଗତ ଦୁଇ ଦିନ ଧରି ରାଜ୍ୟର ବିଭିନ୍ନସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି। ପୁରୀରେ ଗତ ୪୮ ଘଣ୍ଟା ମଧ୍ୟରେ ୨୩୩.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପାଣିପାଗ ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ ପୁରୀ ସହରରେ ଜୁଲାଇ ୧୪ରୁ ୧୫ ମଧ୍ୟରେ ୧୪୩.୮ ମିମି ବର୍ଷା ହୋଇଥିଲା। ପରେ ଜୁଲାଇ ୧୫ରୁ ୧୬ ମଧ୍ୟରେ ଆହୁରି ୮୯.୫ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

### ବଡ଼ଦାଣ୍ଡରେ ରାତି କାଟିଲେ...

ଆଗକୁ ଯାଇ ସିଂହ ଦ୍ୱାର ନିକଟରେ ଅଟକି ରହିଛି। ଆସନ୍ତାକାଲି ପୂର୍ବାହ୍ନ ସାଢେ ୯ ଟାରେ ରଥ ଗୁଡ଼ିକୁ ଟଣାଯାଇ ଗୁଣ୍ଡିଚାମନ୍ଦିର ନିକଟକୁ ଯିବ । ପୂର୍ବ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ୩୦ ମିନିଟ ପୂର୍ବରୁ ଅର୍ଥାତ ପୂର୍ବାହ୍ନ ୯ ଟାରେ ମହାପ୍ରଭୁଙ୍କ ପହଣ୍ଡି ଆରମ୍ଭ ହୋଇଥିଲେ ମଧ ନିର୍ଦ୍ଧାରିତ ସମୟର ଦେଢ଼ ଘଣ୍ଟା ବିଳମ୍ବରେ ଦିନ ୨ଟାରେ ଶେଷ ହୋଇଥିଲା। ଝିପି ଝିପି ବର୍ଷାରେ ପ୍ରଥମେ ଚକ୍ରରାଜ ସୁଦର୍ଶନ ପହଣ୍ଡି ବିଜେ ହୋଇ ଆସି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ବିରାଜମାନ କରିଥିଲେ । ଧାଡ଼ି ପହଣ୍ଡିରେ ଆସୁଥିବା ଚତୁର୍ଦ୍ଧାମୂର୍ତ୍ତି ସାତପାହାଚରେ ପହଞ୍ଚିବା ପରେ ରାଘବଦାସ ମଠ ପକ୍ଷରୁ ଯୋଗାଇ ଦିଆଯାଇଥିବା ଟାହିଆ ଲାଗି କରାଯାଇଥିଲା। କେତେକ ନିର୍ଦ୍ଦିଷ୍ଟ ମଠ ପକ୍ଷରୁ ପନ୍ତି ଭୋଗ,ଚାମର ଓ ଆଲଟ ସେବା କରାଯାଇଥିଲା। ଟାହିଆର ଦୋଳନ ମଧ୍ୟରେ ପ୍ରଭୁ ବଳଭଦ୍ର ପରେ ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡି ବିଜେ ହୋଇ ରଥାରୁଢ଼ ହୋଇଥିଲେ। ଲଗାଣ ବର୍ଷା ସତ୍ତ୍ୱେ ପହଣ୍ଡି ସମୟରେ ଶ୍ରଦ୍ଧାଳୁମାନଙ୍କ ଜୟ ଜଗନ୍ନାଥ ଧ୍ୱନି,ଘଣ୍ଟ ଘଣ୍ଟା କାହାଳୀର ନିନାଦ ସାଙ୍ଗକୁ ବାନଟି, ଗୋଟି ପୁଅ ତଥା ଓଡିଶୀନୃତ୍ୟ ସୃଷ୍ଟି କରିଥିଲା ଭାବ ଉଦ୍ଦୀପକ ପରିବେଶ। ଶ୍ରୀଜିଉମାନେ ରଥାରୁଢ଼ ହେବା ପରେ ପ୍ରଭୁବଳଭଦ୍ରଙ୍କ ରଥରେ ରାମକୃଷ୍ଣ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥରେ ଚଳନ୍ତି ପ୍ରତିମା ମଦନ ମୋହନ ବିଜେ କରିଥିଲେ। ରଥାରୁଢ଼ ହେବା ପରେ ବିଗ୍ରହମାନଙ୍କୁ ରୁନ୍ଧା ଯାଇଥିଲା ।ଗୋବର୍ଦ୍ଧନପୀଠାଧୀସ ଜଗତଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ତାଙ୍କର ୬ ଜଣ ଶିଷ୍ୟଙ୍କ ସହିତ ରଥ ଉପରକୁ ଯାଇ ଦାରୁବିଗ୍ରହଙ୍କ ଦର୍ଶନ କରିଥିଲେ। ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏକ ସୁସଜ୍ଜିତ ମେହନାରେ ଅପରାହ୍ନ ୩ଟା ୪୦ରେ ଶ୍ରୀନଅରରୁ ଆସି ପ୍ରଥମେ ବଳଭଦ୍ର,ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥରେ ଓ ଶେଷରେ ଦେବୀ ସୁଭଦ୍ରାଙ୍କ ରଥରେ ଛେରା ପହଁରାକରି ଦିନ ୪ ଟା ୪୦ ସୁଦ୍ଧା ଫେରିଯାଇଥିଲେ ।ଏହାପରେ ରଥରେ ସାରଥୀ ଓ ଘୋଡ଼ା ଯୋଚାଯାଇ ଚାରମାଳ ଖୋଲାଯାଇଥିଲା । ସଅଳ ନୀତି ଯୋଗୁଁ ନିର୍ଦ୍ଧାରିତ ସମୟର ୩୦ ମିନିଟ ପୂର୍ବରୁ ପହଣ୍ଡି ଆରମ୍ଭ ହୋଇଥିଲେ ମଧ ଦେଢଘଣ୍ଟା ବିଳମ୍ବରେ ଶେଷ ହୋଇଥିଲା ମହାପ୍ରଭୁଙ୍କ ପହଣ୍ଡି। ଫଳରେ ଅନ୍ୟ ନୀତି କାନ୍ତି ବିଳମ୍ବ ହେବାରୁ ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ୧୦ ମିନିଟ ବିଳମ୍ବରେ ଅର୍ଥାତ ଅପରାହ୍ନ ୫ ଟା ୧୦ରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦଘୋଷ ରଥ ସ୍ୱଳ୍ପ ଦୂର ଟଣାଯାଇ ସିଂହ ଦ୍ୱାର ନିକଟରେ ଅଟକି ରହିଛି। ଭକ୍ତଙ୍କ ହରିବୋଲ ହୁଳହୁଳି ସାଙ୍ଗକୁ ଜଗନ୍ନାଥ ଧ୍ୱନିରେ ଉଛୁଳି ପଡୁଥିଲା ବଡଦାଣ୍ଡ। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ପଡିଥିଲା ମୁରୁଜର ଚିତା। ତେବେ ଲଗାଣ ବର୍ଷା ଯୋଗୁଁ ସେଥିରୁ ଅନେକ ଲିଭି ଯାଇଥିବା ଲକ୍ଷ୍ୟ କରାଯାଇଥିଲା। ଆମ୍ବୁଲାନ୍ସ ପାଇଁ ସ୍ୱତନ୍ତ୍ର କରିଡ଼ର କରାଯାଇଥିଲା। ଯେକୌଣସି ଅଘଟଣକୁ ଏଡ଼ାଇବା ପାଇଁ ଅଗ୍ନିଶମ ବାହିନୀକୁ ପ୍ରସ୍ତୁତ ରଖାଯାଇଥିଲା। ତେବେ ଜନ ଗହଳି ମଧ୍ୟରେ ସ୍ୱୟଂ ଇନ୍ଦ୍ରଦେବ ଆଗନ୍ତୁକ ଶ୍ରଦ୍ଧାଳୁ ମାନଙ୍କ ଉପରେ ଜଳସିଞ୍ଚନ କରୁଥିବା ଦେଖାଯାଇଥିଲା ।ରେଡକ୍ରସ,ସେଣ୍ଟ ଜନ ଆମ୍ବୁଲାନ୍ସ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଆଦି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦର୍ଶନାର୍ଥୀମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା। ସେହିପରି ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ସହରର ବହୁ ସ୍ଥାନରେ ମାଗଣା ଖାଦ୍ୟ ଓ ପାନୀୟ ଯୋଗାଇ ଦିଆଯାଇଥିଲା। ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସମୟାନୁବର୍ତ୍ତୀ ତଥା ଶୃଙ୍ଖଳିତ ନୀତି ସମ୍ପାଦନ କାର୍ଯ୍ୟର ତଦାରଖ କରୁଥିବା ଦେଖାଯାଇଥିଲା। ରଥଯାତ୍ରାକୁ ଆଖି ଆଗରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୭ ଜଣ ଏସପି ପାହ୍ୟାର ଅଧିକାରୀ ଟ୍ରାଫିକ ସୁପରିଚାଳନା ଦାୟିତ୍ୱରେ ନିୟୋଜିତ ହୋଇଥିଲେ। ଟ୍ରାଫିକ ସୁପରିଚାଳନା ପାଇଁ ବିଭିନ୍ନ ସେକ୍ଟର ସହିତ ମୋବିଲିଟି ପ୍ଲାନ୍ କରାଯାଇଥିଲା। ତାଳବଣିଆ,ସମଙ୍ଗ, ମାଳତୀପାଟପୁର ପାର୍କିଂ ଠାରୁ ଶ୍ରଦ୍ଧାଳୁମାନଙ୍କୁ ମାଗଣା ଅଟୋ ସେବା ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା।

### ଇସ୍ରୋ ବୈଜ୍ଞାନିକଙ୍କ ଇସ୍ତଫା...

କରିଛନ୍ତି। କର୍ମଚାରୀମାନଙ୍କ ଦ୍ୱାରା ସେବା ଛାଡିବା ପାଇଁ ଅଧିକ ଅନୁରୋଧ ଯୋଗୁ ସରକାର ଏହି ନିୟମଗୁଡ଼ିକୁ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳସ୍ୱରୂପ, ମହାକାଶ ବିଭାଗ ISROର ପ୍ରମୁଖ ମହାକାଶ ଗବେଷଣା କେନ୍ଦ୍ରଗୁଡ଼ିକୁ ନୂତନ ନିର୍ଦ୍ଦେଶ ଜାରି କରିଛି, ଯାହା ସ୍ୱେଚ୍ଛାକୃତ ଅବସର ଏବଂ ଇସ୍ତଫା ନିୟନ୍ତ୍ରଣ କରୁଥିବା ନିୟମଗୁଡ଼ିକୁ ଅଧିକ କଡ଼ାକଡ଼ି କରିଛି। ୧୪ ଜୁଲାଇରେ ୟୁଆର ରାଓ ସାଟେଲାଇଟ ସେଣ୍ଟର ଏବଂ ବିକ୍ରମ ସାରାଭାଇ ସ୍ପେସ ସେଣ୍ଟରକୁ ଜାରି କରାଯାଇଥିବା ଏକ ସ୍ମାରକପତ୍ର ନିର୍ଦ୍ଦେଶ ଦେଇଛି ଯେ ଗଗନୟାନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ମିଶନ ସହିତ ଜଡିତ ଗ୍ରୁପ ଇ ବୈଜ୍ଞାନିକ ଏବଂ ବୈଷୟିକ କର୍ମଚାରୀଙ୍କ ଇସ୍ତଫା କିମ୍ବା ସ୍ୱେଚ୍ଛାକୃତ ଅବସର ପାଇଁ ଅନୁରୋଧଗୁଡ଼ିକୁ ନିୟମିତ ପ୍ରକ୍ରିୟା ଅନୁଯାୟୀ ଗ୍ରହଣ କରାଯିବା ଉଚିତ ନୁହେଁ। ସରକାର ଉଲ୍ଲେଖ କରିଛନ୍ତି ଯେ ISROର ଗ୍ରୁପ ଇ ବୈଜ୍ଞାନିକ ଏବଂ ବୈଷୟିକ କର୍ମଚାରୀଙ୍କ ଠାରୁ ଏପରି ଅନୁରୋଧରେ ସମ୍ପ୍ରତି ବୃଦ୍ଧି ଘଟିଛି, ଯେଉଁଥିରେ ଗଗନୟାନ ଭଳି ପ୍ରତିଷ୍ଠିତ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ମଧ ସାମିଲ ଅଛନ୍ତି, ଯାହା ଜାତୀୟ ସ୍ୱାର୍ଥର ପ୍ରକଳ୍ପ ଉପରେ କାର୍ଯ୍ୟକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରୁଛି।

### ରଥଯାତ୍ରାରେ ଦେଶବାସୀଙ୍କୁ...

ଦରବାରରେ ପହଞ୍ଚାଉଛି। ମହାପ୍ରଭୁ ଜଗନ୍ନାଥ, ବୀର ବଳଭଦ୍ର ଓ ମା' ସୁଭଦ୍ରାଙ୍କ ନିକଟରେ ସମସ୍ତଙ୍କ ସୁଖ, ସମୃଦ୍ଧି ଓ କଲ୍ୟାଣ କାମନା କରିଛନ୍ତି ସେ। ଏହି ପବିତ୍ର ଅବସରରେ ଓଡ଼ିଶାର ରାଜ୍ୟପାଳ ମଧ ଦେଶବାସୀଙ୍କୁ ରଥଯାତ୍ରାର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ମହାପ୍ରଭୁଙ୍କ ନିକଟରେ ସମସ୍ତଙ୍କ ସୁଖ, ଶାନ୍ତି ଓ ମଙ୍ଗଳ କାମନା କରିଛନ୍ତି। ରଥଯାତ୍ରା ଅବସରରେ ଦେଶର ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଏହି ଶୁଭେଚ୍ଛା ବାର୍ତ୍ତା ସାରା ଦେଶରେ ଭକ୍ତିଭାବକୁ ଆହୁରି ଉଦ୍ଦୀପିତ କରିଛି।

### ଲଗାଣ ବର୍ଷାରେ ଭିଜିବ...

ଅତିକ୍ରମ କରିବ। ଏହାର ପ୍ରଭାବରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଧିକ ସକ୍ରିୟ ହେବା ସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିବ। ଆଜି ସକାଳଠାରୁ ରାଜ୍ୟର ଅନେକ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ୫ରୁ ୧୫ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ରେକର୍ଡ ହୋଇଛି। ଏହି ବର୍ଷା ଫଳରେ ନିମ୍ନାଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହେବା ସହ ସହରାଞ୍ଚଳରେ ଯାତାୟାତ ପ୍ରଭାବିତ ହେବାର ଆଶଙ୍କା ରହିଛି। IMD ପକ୍ଷରୁ କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲା ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ସତର୍କତା ଜାରି କରାଯାଇଛି। ଏହାଛଡ଼ା ଉତ୍ତର ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲା ସହ ଆଭ୍ୟନ୍ତରୀଣ ଅଞ୍ଚଳରେ ମଧ ଭାରି ବର୍ଷାର ପ୍ରଭାବ ଦେଖିବାକୁ ମିଳିପାରେ। ପ୍ରଶାସନ ପକ୍ଷରୁ ଲୋକଙ୍କୁ ଆବଶ୍ୟକ ନ ଥିଲେ ଘରୁ ବାହାରକୁ ନ ଯିବା, ନଦୀ ଓ ନାଳ ନିକଟକୁ ନ ଯିବା ଏବଂ ପାଣିପାଗ ବିଭାଗର ସତର୍କ ସୂଚନା ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ବର୍ଷାର ତୀବ୍ରତା ବଢ଼ିବା ସହ କିଛି ସ୍ଥାନରେ ଜଳବନ୍ଦୀ ଓ ସ୍ଥାନୀୟ ବନ୍ୟା ପରିସ୍ଥିତି ଉପୁଜିପାରେ। ତେଣୁ ଆସନ୍ତା ଦୁଇ ଦିନ ସତର୍କ ରହିବା ସହ ସରକାରୀ ନିର୍ଦ୍ଦେଶ ପାଳନ କରିବାକୁ ପାଣିପାଗ ବିଶେଷଜ୍ଞମାନେ ଅନୁରୋଧ କରିଛନ୍ତି।

### ଅଗଷ୍ଟରେ ବିଶେଷ ଲୋକ...

ଯାହାଦ୍ୱାରା ଏକ ସଙ୍ଗେ ପ୍ରାୟ ୯,୧୭୭ଟି ମାମଲାର ସମାଧାନ ହୋଇପାରିବ। ଏହି ମାମଲାଗୁଡ଼ିକୁ ସାଧାରଣ କ୍ରମରୁ ହଟାଇ ସମ୍ପୃକ୍ତ ବେଞ୍ଚ ସମ୍ମୁଖରେ ରଖାଯିବ, ଯାହାଦ୍ୱାରା ବର୍ଷ ବର୍ଷ ଧରି ପଡ଼ି ରହିଥିବା ମାମଲାଗୁଡ଼ିକର ଶୀଘ୍ର ସମାଧାନ ହେବ ଏବଂ ନ୍ୟାୟ ମିଳିବା ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଶୁଣାଣି ପ୍ରକ୍ରିୟାକୁ ଆହୁରି ଦ୍ରୁତ କରିବା ପାଇଁ ଚୂଡ଼ାନ୍ତ ଶୁଣାଣି ପର୍ଯ୍ୟାୟରେ ଥିବା ମାମଲାରେ ଓକିଲମାନଙ୍କୁ ସେମାନଙ୍କ ମୌଖିକ ଯୁକ୍ତି ରଖିବା ପାଇଁ କେତେ ସମୟ ଦରକାର, ତାହା ପୂର୍ବରୁ ଜଣାଇବାକୁ ହେବ। ଏହାଦ୍ୱାରା ଅଯଥା ଶୁଣାଣି ଦୀର୍ଘ ହେବନାହିଁ ଏବଂ କୋର୍ଟଙ୍କ ସମୟର ସଠିକ୍ ପରିଚାଳନା ହୋଇପାରିବ। ସର୍ବୋଚ୍ଚ ଅଦାଲତ ସାଧାରଣ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଯେଉଁମାନେ ଓକିଲ ନରଖି ନିଜେ ନିଜର ମାମଲା ଲଢୁଛନ୍ତି, ସେମାନେ ରେଜିଷ୍ଟ୍ରାରଙ୍କ ସମ୍ମୁଖରେ ଭର୍ଚୁଆଲ୍ ବା ଅନଲାଇନ୍ ମାଧ୍ୟମରେ ହାଜର ହେବାର ସୁବିଧା ପାଇବେ।

## ଗୋପରେ ବହୁମୁଖୀ ବଜାର କମ୍ପ୍ଲେକ୍ସ ପାଇଁ ଦାବି

ଗୋପ ୧୬/୦୭ (ସନ୍ତୋଷ ): ପୁରୀ ଜିଲ୍ଲା ଗୋପ ଅଞ୍ଚଳରେ ଏକ ଆଧୁନିକ ବହୁମୁଖୀ ବଜାର କମ୍ପ୍ଲେକ୍ସ ନିର୍ମାଣ ପାଇଁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିବା ବେଳେ, ଏବେ ସରକାରୀ ସ୍ତରରେ ଗୋଚର ଜମିର କିସମ ପରିବର୍ତ୍ତନ ପ୍ରକ୍ରିୟାକୁ ନେଇ ନୂତନ ବିବାଦ ସୃଷ୍ଟି ହୋଇଛି। ଗୋପରେ ୩୧ ଗୋଟି ପଞ୍ଚାୟତ ଥିଲେ ମଧ ଏଠାରେ ବଜାର କମ୍ପ୍ଲେକ୍ସ, ବସ୍ ଷ୍ଟାଣ୍ଡ, ପାର୍କିଂ ଏବଂ ସାମୁଦାୟିକ ବୈଠକ ପାଇଁ କୌଣସି ଆଧୁନିକ ଭିତ୍ତିଭୂମି ନାହିଁ। ଫଳସ୍ୱରୂପ, ସ୍ଥାନୀୟ ଲୋକେ ମୌଳିକ ଆବଶ୍ୟକତା ପାଇଁ ବହୁ ଦୂରକୁ ଯିବାକୁ ବାଧ ହେଉଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ହେଲେ ଅଞ୍ଚଳର ଅର୍ଥନୀତି ସୁଦୃଢ଼ ହେବା ସହ ଜୀବନଧାରଣର ମାନ ବୃଦ୍ଧି ପାଇବ। ଅନ୍ୟପକ୍ଷରେ, ଗୋପ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଏକ 'ସର୍ବସାଧାରଣ ଇସ୍ତାହାର' (ସରକାରୀ ମୁଦ୍ରା ସଂଖ୍ୟା - ୨୧/୨୦୨୬) ମାଧ୍ୟମରେ ମୌଜା-ଗୋପର ଖାତା ନଂ ୧୮୯୨, ପ୍ଲଟ ନଂ ୫୧୮୪ (ଗୋଚର ଜମି) ର କିସମ ପରିବର୍ତ୍ତନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୋ-ବଂଶର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଗୋଚର ଜମିର କିସମ ପରିବର୍ତ୍ତନ କରିବା ସାମାଜିକ ଓ ସାମ୍ବିଧାନିକ ଦାୟିତ୍ୱର ଖିଲାପ। ବଜାର କମ୍ପ୍ଲେକ୍ସ ପାଇଁ ଅନ୍ୟ ବିଚାରାଧୀନ ପ୍ରସ୍ତାବ ଥିବାବେଳେ, ଗୋଚର ଜମିକୁ ଏପରି ତରବରିଆ ଭାବେ ଅନ୍ୟ ବ୍ୟବହାରରେ ଆଣିବା ଗ୍ରହଣୀୟ ନୁହେଁ। ଏହି ବିଷୟଟି ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବାବେଳେ ଏପରି ଏକତରଫା ନିଷ୍ପତ୍ତି ଆଇନଗତ ଭାବେ ସନ୍ଦେହଜନକ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ବୁଗୁଡା : ୧୬/୦୭/(ଅକ୍ଷର ଓଡିଶା ) : ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ କଳମ୍ବ ଗ୍ରାମର ଜନୈକା ମହିଳା ବିଷଧର ସାପ କାମୁଡ଼ାରେ ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ମୃତା ମହିଳା ଜଣକ ହେଲେ ଜଗନ୍ନାଥ ସାଇଁଙ୍କ ପନ୍ନୀ ଝୁମୁରି ସାଇଁ (୩୫)। ଘଟଣାରୁ ପ୍ରକାଶ ଯେ, ବୁଧବାର ରାତିରେ ଝୁମୁରି ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କ ଗୋଡକୁ କାମୁଡି ଦେଇଥିଲା। ଯନ୍ତ୍ରଣାଦାୟକ ବିନ୍ଧା ହେବାରୁ ସେ ତାଙ୍କର ବଡ ଯାଆଙ୍କୁ ଏନେଇ ଜଣାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଏକ ଅଟୋରେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି।

## ପୁରପଲ୍ଲୀରେ ମହାଆଡ଼ମ୍ବରରେ ପାଳିତ ହେଲା ପବିତ୍ର ରଥଯାତ୍ରା

ଯାଜପୁର ୧୬/୦୭ (ଅକ୍ଷର ଓଡ଼ିଶା):ଲଘୁଚାପଜନିତ ଲଗାତାର ବର୍ଷା ସତ୍ତ୍ୱେ ଦାନଗଦି ବ୍ଲକର ପୁରପଲ୍ଲୀରେ ଅପୂର୍ବ ଶ୍ରଦ୍ଧା ଓ ଭକ୍ତିର ସହ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା । ବର୍ଷାକୁ ଖାତିର ନକରି ହଜାର ହଜାର ଭକ୍ତ ମହାପ୍ରଭୁଙ୍କ ରଥଟଣାରେ ସାମିଲ ହୋଇଥିଲେ । ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସୁସଜ୍ଜିତ ରଥରେ ବସାଇ ଭକ୍ତମାନେ ଆନନ୍ଦ ମନରେ ଶ୍ରୀଗୁଣ୍ଡିଚା ମନ୍ଦିର (ମାଉସୀ ମା' ମନ୍ଦିର) ଅଭିମୁଖେ ରଥ ଟାଣି ନେଇଥିଲେ ।କଳିଙ୍ଗନଗର ସମେତ ବ୍ଲକର ପ୍ରମୁଖ ଗ୍ମାନତିରା, ଯଖପୁରା, ଶାଳିଜଙ୍ଗା, ବେଙ୍ଗପାଟିଆ, କଣ୍ଟିପୁର, ଟୋଲକାନି, ମଣ୍ଡପଡ଼ା,



ଟମକା, ନଛିପୁରା, ବାରଗାଡ଼ିଆ ଏବଂ ଡୁବୁରୀ ଆଦି ସ୍ଥାନରେ ରଥଯାତ୍ରା ଅତି ଉତ୍ସାହର ସହ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଥିଲା ।ରଥଯାତ୍ରା ସମୟରେ ଉପସ୍ଥିତ ସେବାୟତ ଓ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଦ୍ୱାରା ଶଙ୍ଖ, ଘଣ୍ଟ, କର୍ତ୍ତାଳ, ଝାଞ୍ଜ ଏବଂ ମୃଦଙ୍ଗ ବାଜଣାର ଗହଗହ ନାଦ ଚତୁର୍ଦ୍ଦିଗକୁ ଭକ୍ତିମୟ କରି ଗଢ଼ିଥିଲା । ଭକ୍ତଙ୍କ ହରିବୋଲ, ହୁଳହୁଳି ଏବଂ 'ଜୟ ଜଗନ୍ନାଥ' ମହାଧ୍ୱନିରେ ସମଗ୍ର ଗଗନ ପବନ ପ୍ରକମ୍ପିତ ହୋଇଉଠିଥିଲା ।ସ୍ଥାନୀୟ ବିଭିନ୍ନ ଥାନାର ପୋଲିସ ଅଧିକାରୀ ଓ କର୍ମଚାରୀମାନେ ରଥଖଳା ଏବଂ ରଥଟଣା ମାର୍ଗରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳାର ସହ ଯାତ୍ରା ସମାପନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ବୁଗୁଡ଼ା ଅଞ୍ଚଳରେ ରଥଯାତ୍ରା ଉତ୍ସବମୁଖର

ବୁଗୁଡା: ୧୬/୦୭/(ଅକ୍ଷର ଓଡିଶା ) : ଚଳିତ ବର୍ଷ ବୁଗୁଡ଼ା ଏବଂ ଏହାର ଆଖପାଖ ଅଞ୍ଚଳରେ ପବିତ୍ର ରଥଯାତ୍ରା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବୁଗୁଡା ବଡଦାଣ୍ଡରେ ଆଜି ଅପରାହ୍ନରେ ପୁରୋହିତ ରାମାନୁଜ ମହାପାତ୍ର ଓ ପଦ୍ମ ଚରଣ ଦାଶଙ୍କ ଦ୍ୱାରା ରଥ ପ୍ରତିଷ୍ଠା କାର୍ଯ୍ୟ ସଂପାଦନ ହୋଇଥିଲା । ତା'ପରେ ମନ୍ଦିର ପୂଜକମାନେ ବାଦ୍ୟ ବାଜଣା ସହ ମହନ୍ତ ଭକ୍ତରାମ ଦାସଙ୍କୁ ଆମନ୍ତ୍ରଣ କରି ବରଣ କରିଥିଲେ। ତା' ପରେ ବଳଦେବ, ସୁଭଦ୍ରା, ଜଗନ୍ନାଥ ତିନି ଠାକୁରଙ୍କର ଆଳତି କରାଯାଇ ପହଣ୍ଡି ବିଜେ ମାଧ୍ୟମରେ ସେମାନଙ୍କୁ ରଥାରୁଢ କରାଯାଇଥିଲା । ରଥ ଉପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ଆଳତି କରାଯିବା ସହ ମହନ୍ତଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ହୋଇଥିଲା । ଏହାପରେ ଭକ୍ତମାନେ ଉତ୍ସାହର ସହ ହରିବୋଲ ହୁଳହୁଳି ପକାଇ ଠାକୁରଙ୍କ ରଥ ଟାଣି ମାଉସୀ ମାଆ ମନ୍ଦିର ନିକଟରେ ପହଞ୍ଚାଇଥିଲେ । ମନ୍ଦିର ପରିଚାଳନା କମିଟିର ସଂପାଦକ ଶରତ ଚନ୍ଦ୍ର ମହାରଣାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟବୃନ୍ଦ , ମନ୍ଦିରର ପୂଜକ ଗୋଷ୍ଠୀ ଏବଂ ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘର ସଦସ୍ୟଗଣ ରଥଯାତ୍ରା ପରିଚାଳନାରେ



ସକ୍ରିୟ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୂତୟନ ହୋଇଥିଲେ। ସେହିପରି ବୁଗୁଡ଼ା ଅଞ୍ଚଳର ଗୋଲିଆ , କାଦପଡା , କତକଲା , ବୀରଧନଞ୍ଜୟପୁର , ହରିଶରଣପୁର , ଆଦିପୁର , ଅନ୍ତରପଡା , ସଦାଶିବପୁର , ରାମଗଡ ଆଦି ଗ୍ରାମରେ ମଧ ମହାସମାରୋହରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

## ରାଇଘର ରଥଯାତ୍ରାରେ ଅଘଟଣ: ରଥର ଚକ ଭାଙ୍ଗିଗଲା

ରାଇଘର: ୧୬/୦୭(ଭୁବନେଶ୍ୱର ସୁନାନୀ)ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ପବିତ୍ର ରଥଯାତ୍ରା ସମୟରେ ଏକ ଅଘଟଣ ଘଟିଛି। ରଥ ଟଣା ଚାଲିଥିବା ବେଳେ ହଠାତ୍ ରଥର ଏକ ଚକ ଭାଙ୍ଗିଯାଇଥିବାରୁ କିଛି ସମୟ ପାଇଁ ରଥଯାତ୍ରା ବନ୍ଦ ରହିଥିଲା।



ଏହି ଘଟଣା ପରେ ସେଠାରେ ଉପସ୍ଥିତ ଭକ୍ତମାନଙ୍କ ମଧ୍ୟରେ କିଛି ସମୟ ପାଇଁ ଚିନ୍ତା ଓ ଉତ୍କଣ୍ଠା ଦେଖାଦେଇଥିଲା। ସ୍ଥାନୀୟ ଲୋକ ଓ ରଥଯାତ୍ରା ପରିଚାଳନା କମିଟିର ସଦସ୍ୟମାନେ ତୁରନ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରି ରଥର ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଅଘଟଣରେ କୌଣସି ଜନହାନି କିମ୍ବା ଆହତ ହେବାର ଖବର ମିଳିନାହିଁ। ପରିସ୍ଥିତି ସ୍ୱାଭାବିକ ହେବା ପରେ ପୁଣି ରଥଯାତ୍ରା ଆରମ୍ଭ ହୋଇଥିବା ସୂଚନା ମିଳିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଜୋର ଧରିଥିବା ବେଳେ ରଥର ନିର୍ମାଣ ଓ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠୁଛି।

## ପାଣି ମିଟର ପୁଣି ଚୋରୀ ନେଇ ଉଦବେଗ, ନୀରବଦ୍ରଷ୍ଟା ସାଜିଛି ଖଣ୍ଡପଡ଼ା ପୁଲିସ

ଖଣ୍ଡପଡ଼ା, ୧୬ ।୭ (ଅକ୍ଷର ଓଡ଼ିଶା) ଗତ କିଛିଦିନ ତଳେ ଖଣ୍ଡପଡା ସହରର ବିଭିନ୍ନ ସ୍ଥାନରୁ ଲୁଟେରାମାନେ ବାସଗୃହକୁ ସଂଯୋଗ ହୋଇଥିବା ପାଣି ପାଇପ ଲାଇନରୁ ୩୯ ଟି ମିଟର ଚୋରୀ କରି ନେଇଥିଲେ। ଏ ସଂପର୍କରେ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଙ୍କ ତ୍ରିଲୋଚନ ବେହେରା ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ ପୁଲିସ ସେଥିପ୍ରତି ଦୃଷ୍ଟି ନଦେଇ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି ।ଏହାର ସୁଯୋଗ ନେଇ ଲୁଟେରାମାନେ ପୁଣି ସକ୍ରୀୟ ହୋଇ ଉଠି ବୁଧବାର ରାତିରେ ପୁର୍ନବାର ୧୦, ୧୨ ଓ ୧୩ ୱାର୍ଡର ବିଭିନ୍ନ ସ୍ଥାନରୁ ପାଣି ପାଇପ କାଟି ୪୮ ଟି ମିଟର ଚୋରୀ କରି ନେଇଥିବା ଜଣାପଡିଛି। ଫଳରେ ସହରର ଏକାଧିକ ବାସଗୃହକୁ ପାନୀୟଜଳ ଯୋଗାଣ ଗୁରୁବାର ବ୍ୟାହତ ହୋଇଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି ।ତେବେ ପୁର୍ନବାର ପାଇପ ଲାଇନ ମରାମତି କରି ବାସଗୃହ ଗୁଡିକୁ ପାନୀୟଜଳ ଯୋଗାଇ ଦେବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଥିଲେ ହେଁ ଏହି ଘଟଣା ବିଭାଗୀୟ କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ଜଣାପଡିଛି। ଅପରପକ୍ଷେ ଖଣ୍ଡପଡା ସହରରେ ପୁଲିସ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି ହେଉ ନଥିବା ଅଭିଯୋଗ ହେଉଛି ।ଏହାର ସୁଯୋଗ ନେଇ ଲୁଟେରା ଓ ଅସାମାଜିକ ଯୁବକମାନେ ବିଳମ୍ବିତ ରାତିରେ ବେଶ ସକ୍ରୀୟ ହୋଇ ଉଠି ଲୁଟପାଟ କରୁଥିବା ଜଣାପଡିଛି।

## 'ସେବା ଉତ୍ସବ'ରେ ଅସହାୟଙ୍କୁ ବସ୍ତ୍ର, ଶୁଖିଲା ଖାଦ୍ୟ ଓ ଚପଲ ବଣ୍ଟନ

ରାଜସୁନାଖଳା ୧୬/୦୭ (ଅକ୍ଷର ଓଡିଶା ) ନୟାଗଡ଼ ସେବା ଉତ୍ସବ ସମିତି ପକ୍ଷରୁ ଆୟୋଜିତ ଜିଲ୍ଲାବ୍ୟାପୀ 'ସେବା ଉତ୍ସବ' ର ନବମ ଦିବସ ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳା ପଞ୍ଚାୟତରେ ଉତ୍ସାହ ଓ ଆନ୍ତରିକତାର ସହ ସମ୍ପନ୍ନ ହୋଇଛି। ଏହି ଅବସରରେ ରାଜସୁନାଖଳା ପଞ୍ଚାୟତର କୋଟଗଡ଼ ଆଦିବାସୀ ସାହି ସମେତ ବିଭିନ୍ନ ପ୍ରତ୍ୟନ୍ତ ଅଞ୍ଚଳକୁ ସ୍ୱେଚ୍ଛାସେବୀମାନେ ପହଞ୍ଚି ଦରିଦ୍ର, ଅସହାୟ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ପରିବାରମାନଙ୍କୁ ବସ୍ତ୍ର, ଶୁଖିଲା ଖାଦ୍ୟ ସାମଗ୍ରୀ ଏବଂ ଚପଲ ବଣ୍ଟନ କରିଥିଲେ। ସେବା ଉତ୍ସବ ସମିତିର ଅଧକ୍ଷ ଶିବରାମ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବେଶ ପ୍ରଶଂସା ସାଉଁଟିଛି। ସମାଜରେ ସେବା, ସହଯୋଗ ଓ ଦାନର ମହନୀୟ ପରମ୍ପରାକୁ ଆଗକୁ ନେବା ସହ ଯୁବପିଢ଼ିଙ୍କ ମନରେ ମାନବିକ ମୂଲ୍ୟବୋଧ ଜାଗ୍ରତ କରିବା ହିଁ ଏହି ଉତ୍ସବର ମୂଳ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ରାକେଶ ଚନ୍ଦ୍ର ପାଢ଼ୀ, ସମାଜସେବୀ କୈଳାସ ଚନ୍ଦ୍ର ସାହୁ, ଯୁବ ସ୍ୱେଚ୍ଛାସେବୀ ଗୁଲସନ କୁମାର ଦାସ, ପ୍ରଶାନ୍ତ ସାହୁ, ମମତା ବେହେରା, ଆଦିତ୍ୟ ପାଳ, ସତ୍ୟନାରାୟଣ ବେହେରା, ପରମେଶ୍ୱର ସାହୁ, ସୌମ୍ୟା ସ୍ୱୟଂପ୍ରଭା, ଶୁଭସ୍ମିତା



ମିଶ୍ର, ଜଗନ୍ନାଥ କହଁର, ଅଭିନାଶ ସାହୁ, ଆଶୁତୋଷ ସାହୁ, ଅଂଶୁମାନ ସେଠୀ, ବର୍ଷାରାଣୀ ପ୍ରଧାନ, ଲକ୍ଷ୍ମୀଧର ବେହେରା, ପ୍ରଭୁଦତ୍ତ ପ୍ରଧାନ ଓ ବାଲୁଙ୍କି ରାଉତ ପ୍ରମୁଖ ସକ୍ରିୟ ଭାବେ ଅଂଶଗ୍ରହଣ କରି ସେବା କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଶୁଣିଲାନି ପ୍ରଶାସନ : ଗାଁକୁ ରାସ୍ତା ନିର୍ମାଣ କଲେ ପାଞ୍ଚଟି ଗ୍ରାମର ଗ୍ରାମବାସୀ



କନ୍ଧମାଳ, ୧୬/୦୭ (ମନୋଜ ): କନ୍ଧମାଳ ଜିଲ୍ଲା ରେ ଏବେବି ଏମିତି ଅନେକ ଗାଁ ରହିଛି ସରକାର ଯୋଜନା ଅପହଞ୍ଚ ।ଗାଁ ଲୋକମାନଙ୍କ ଗମନା ଗମନ ପାଇଁ ଭଲ ରାସ୍ତାଟିଏ ମଧ ନାହିଁ ଓ ଯାହାଫଳରେ ବଣ ପାହାଡ଼ ଘେରା ଏହି ଗ୍ରାମାଞ୍ଚଳର ଲୋକମାନଙ୍କୁ ବର୍ଷ ବର୍ଷ ଧରି ନାହିଁ ନଥିବା ଅସୁବିଧା ଭୋଗିବାକୁ ପଡୁଥିବା ବେଳେ କୌଣସି ଜରୁରୀ କାମ ପଡିଲେ ଏହି ବଣ ଜଙ୍ଗଲ ରାସ୍ତାରେ କିଲୋମିଟର କିଲୋମିଟର ଚାଲିବାକୁ ପଡିଥାଏ ଓ ବିଶେଷ କରି ବର୍ଷା ଦିନ ଆସିଲେ ଏହି ଅଂଚଳର ଲୋକମାନଙ୍କ ସମସ୍ୟା ଆହୁରି ଦୁଇ ଗୁଣିତ ହୋଇ ଯାଇଥାଏ ଓ ରାସ୍ତା ନଥିବାରୁ ରୋଗିଟିଏ ମେଡିକାଲ ଯାଇନପାରି ଘରେ ମୃତ୍ୟୁ ବରଣ କରେ ତ ଆଉ କେତେବେଳେ ଜଣେ ପାଠ ପଢା ଛାତ୍ର କିମ୍ବା ଛାତ୍ରୀ ଅଧାରୁ ପାଠ ପଢିବାକୁ ବାଧ ହୁଏ ଓ ଏହି ସବୁ ପରିସ୍ଥିତି ମଧ୍ୟରେ ବି ଏହି ଅଂଚଳର ଲୋକେ ନିଜ ଭାଗ୍ୟକୁ ଆଦରି କରି ପଡ଼ି ରହିଥିବା ବେଳେ ବାରମ୍ବାର ରାସ୍ତା ଖଣ୍ଡିଏ ନିର୍ମାଣ କରିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ପ୍ରଶାସନ ଓ ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କ ପାଖରେ ଗୁହାରି କରିଥିଲେ ମଧ ଆଜି ପର୍ଯ୍ୟନ୍ତ ଭଲ ରାସ୍ତା ଖଣ୍ଡିଏ ଏମାନଙ୍କ ପାଇଁ ସପ୍ନ ପାଲଟିଛି ଓ ତେବେ ଏଭଳିଆ ଏକ ରାସ୍ତାର ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ର ଉପାନ୍ତ ଅଂଚଳରେ ରହିଛି ମାନପଦର, ଶାଗଦହଳା, କଟରସିଲା, ବାଗଦୁହାଲ, ଭାତଖୁରୀ ଭଳି ପାଞ୍ଚ ରୁ ସାତଟି ଗାଁ ଓ ଭାରତ ସାଧୀନ ହେବା ପୂର୍ବରୁ ଏହି ଗାଁ ମାନଙ୍କରେ ଲୋକମାନେ ବସବାସ କରି ଆସୁଥିବା ବେଳେ ସାଧୀନ ହେବା ର ଦୀର୍ଘ ୭୯ ବର୍ଷ ବିତିଯାଇଥିଲେ ମଧ ଏହି ଗାଁ କୁ ଭଲ ରାସ୍ତାଟିଏ ଆଜିଯାଏ ହୋଇପାରିଲା ନାହିଁ ଓ ଗ୍ରାମବାସୀ ବାରମ୍ବାର ଅଭିଯୋଗ ପରେ ମଧ ପ୍ରଶାସନ କର୍ଣ୍ଣପାତ ନିଦ୍ରାରେ ଶୋଇଛନ୍ତି। ଶେଷରେ ଏହି ପାଞ୍ଚରୁ ସାତ ଖଣ୍ଡ ଗାଁ ଲୋକ ଏକ ଜୁଟ ହୋଇ ଶ୍ରମଦାନ କରି ରାସ୍ତା ନିର୍ମାଣ କଲେ ଜଙ୍ଗଲ ଭିତରେ ଓ ପ୍ରଶାସନ କିମ୍ବା ସ୍ଥାନୀୟ ଜନ ପ୍ରତିନିଧି ଙ୍କୁ ରାସ୍ତା ପାଇଁ ବାରମ୍ବାର ଅଭିଯୋଗ କରି ଆସିଥିଲେ ମଧ କୌଣସି ସୁଫଳ ମିଳିନଥିବାରୁ ଗ୍ରାମବାସୀ ନିଜେ ରାସ୍ତା ନିର୍ମାଣ କରି ପ୍ରଶାସନ କୁ ଦେଖେଇ ଦେଇଛନ୍ତି ।ଅନ୍ୟପଟେ ନିର୍ବାଚନ ଆସିଲେ ଭୋଟ ମାଗିବା ପାଇଁ ବହୁ ନେତା ଗାଁ କୁ ଆସନ୍ତି ଓ ରାସ୍ତା ନିର୍ମାଣ ପାଇଁ ପ୍ରତି ଶ୍ରୁତି ମଧ ଦିଅନ୍ତି କିନ୍ତୁ ନିର୍ବାଚନ ସରିଲେ ନେତାମାନେ ରାସ୍ତା ନିର୍ମାଣ କଥା ଭୁଲି ଯାଆନ୍ତି ବୋଲି କହିଛନ୍ତି ଗ୍ରାମବାସୀ। ପବିତ୍ର କହଁର, ଲବ କହଁର, କେଶବ କହଁର ବିଶ୍ୱାମିତ୍ର କହଁର, ଭାଦ୍ରବ ବିନ୍ଧାଣି, ଅନୁଭବ କହଁର, ଅଶୋକ ବିନ୍ଧାଣି, ବବଲୁ କହଁର, ସୁଦାମ ମଳିକ ଙ୍କ ସମେତ ଅଞ୍ଚଳବାସୀ।

## ବାଘ ନଦୀରେ ପୋଲ ନାହିଁ

## ବର୍ଷା ଆସିଲେ ବାହ୍ୟଜଗତରୁ ବିଚ୍ଛିନ୍ନ ଡୁମୁରିଗାଟା

### ଦୁଇ ବର୍ଷ ପୁଅକୁ ହଣ୍ଡାରେ ବସାଇ ନଦୀ ପାର କରାଇଲେ ବାପା

ଫିରିଙ୍ଗିଆ, ୧୬/୦୭( ଅକ୍ଷର ଓଡ଼ିଆ) କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ସଲାଗୁଡ଼ା ପଞ୍ଚାୟତର ଡୁମୁରିଗାଟା ଗ୍ରାମ ଗତ ୧୩ ତାରିଖ ଦିନ ସକାଳ ସମୟ ରେ ଭିଡିଓ ଭାଇରାଲ୍ ହେଉଛି ଡୁମୁରିଗାଟା ଠାରୁ ଗୋଛାପଡା ଭିବାନାମଲିକ ଶିଶୁ ପୁତ୍ର ତାର ଦେହ ଖରାପ ହେବା ଯୋଗୁ ମେଡିକାଲ କୁ ଅଣାଯାଇଥିଲା ଅର୍ଜୁନ ମଲିକ ଦୁଇ ବର୍ଷ ଶିଶୁ ପୁତ୍ର ମେଡିକାଲକୁ ଆସୁଛନ୍ତି ରସ ହଣ୍ଡା ରେ ନଦୀ ପାରି ହେଇ ଆସିଲେ ବିଚ୍ଛିନ୍ନାଞ୍ଚଳରେ ଭାବେ ରହିଛି ଗାଁ ପାଖ ଦେଇ ଯାଇଥିବା ବାଘ ନଦୀ ଉପରେ ପୋଲ ନଥିବାରୁ ଲୋକେ ଯାତାୟାତ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଲୋକଙ୍କୁ ଭରା ନଈ ଭିତରେ ପଶି ପାର ହେବାକୁ ପଡୁଛି ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ରୋଗୀ, ଗର୍ଭବତୀ, ସ୍କୁଲ ପିଲାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନଦୀ ପାଣିରେ ପଶି



ଯିବାକୁ ପଡୁଛିଖରା ଦିନ କୌଣସି ପ୍ରକାରେ ଚଳି ଯାଉଛି କିନ୍ତୁ ବର୍ଷା ଦିନ ଆସିଲେ ନଦୀ ପାର କରିବା ଅସମ୍ଭବ ହୋଇପଡୁଛି ପୂର୍ବରୁ ଅନେକ ଥର ଲୋକ ଏହି ନଦୀରେ ରସ ହଣ୍ଡାରେ ବସି ପାରି ହେଉଛନ୍ତି ଗ୍ରାମବାସୀଦୁର୍ଗମ ଗ୍ରାମ ଡୁମୁଗାଟା ରେ ୧୭ ପରିବାର ଜନକ ଭାବେ ପାର ହେଉଛନ୍ତି ଗର୍ଭବତୀଙ୍କ ଠାରୁ ଶିଶୁ ଙ୍କୁ ରସ ହଣ୍ଡାରେ ବସାଇ ନଦୀ ପାରି କରାଯାଉଛି ସଲାଗୁଡ଼ା ପଞ୍ଚାୟତର ଅତ୍ୟନ୍ତପରିବାର ରହୁଛନ୍ତି ବାଘ ନଦୀ ପାରି ହୋଇ ଏହି ଗ୍ରାମକୁ ଯିବାକୁ ପଡ଼େ ନଦୀ ଉପରେ ପୋଲଟିଏ ନିର୍ମାଣ ପାଇଁ ଗ୍ରାମବାସୀ ବହୁ ବର୍ଷ ହେଲା ପ୍ରଶାସନ ନିକଟରେ ଗୁହାରିଜଣାଉଥିଲେ ମଧ କୌଣସି ଫଳ ମିଳିନାହିଁ ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଜୁଳି ଆଲୋକ ପହଞ୍ଚି ପାରି ନ ଥିବା ବେଳେ ପାନୀୟ ଜଳ ସୁବିଧା ମଧ ନାହିଁ ଡିଜିଟାଲ ଯୁଗରେ ଗ୍ରାମର ଏଭଳି ସ୍ଥିତି ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି ସଲାଗୁଡ଼ା ସରପଞ୍ଚ ରୋହିତ କହଁରଙ୍କୁ ପଚାରିବାରୁ ସେ କହିଛନ୍ତି, ଗ୍ରାମ ପାଇଁ ସୋଲାର ଲାଇଟ୍ ଓ କୂଅ ବ୍ୟବସ୍ଥା କରାଯାଇଛି ବାଘ ନଦୀ ଉପରେ ପୋଲ ନିର୍ମାଣ ପାଇଁ ପଞ୍ଚାୟତ ତରଫରୁ ବ୍ଲକ୍ ଏବଂ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି ଶୀଘ୍ର ଏଦିଗରେ ପଦକ୍ଷେପ ନେବା ପାଇଁ ପ୍ରଶାସନ ସହିତ ଆଲୋଚନା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ଭାରତ ଟେକ୍ସ ୨୦୨୬

କାଶ୍ମୀରୀ ପଶ୍ମିନାର ଅପୂର୍ବ ଉଷ୍ମତାଠାରୁ ଆରମ୍ଭ କରି ଆସାମର ମୁଗା ସିଲ୍କର ମହାନ ଚମକ ପର୍ଯ୍ୟନ୍ତ, ରାଜସ୍ଥାନୀ ବାନ୍ଧଣୀର ପ୍ରାଣବନ୍ତ ଜ୍ୟାମିତିକ ଶୈଳୀଠାରୁ ଆରମ୍ଭ କରି କାଞ୍ଜିଭରମ୍ ସିଲ୍କର ଚିରନ୍ତର ତଥା ସୁସଜ୍ଜିତ ଚମତ୍କାରିତା ପର୍ଯ୍ୟନ୍ତ, ଭାରତର ଭୌଗଳିକ ଏବଂ ସାଂସ୍କୃତିକ ବିବିଧତା ହେଉଛି ସୂତାରେ ଅଙ୍କାଯାଇଥିବା ଏକ ଜୀବନ୍ତ ମାନଚିତ୍ର। ଆଜି, ଆମ ସଭ୍ୟତାର ଏହି ଅତୁଳନୀୟ କାନଭାସ ଏକ ସୂତ୍ରରେ ବାନ୍ଧି ହୋଇ ଗୋଟିଏ ଛାତ ତଳେ ଏକତ୍ରିତ ହୋଇଛି। ଭାରତ ଟେକ୍ସ ୨୦୨୬ ଜୁଲାଇ ୧୪ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଏହାର ଦ୍ୱାର ଉନ୍ମୁକ୍ତ କରିବା ସହିତ, ଏହା ଆମ ଦେଶର ସୁନ୍ଦରତମ ବିବିଧତାକୁ ଗୋଟିଏ ସ୍ଥାନରେ ପ୍ରଦର୍ଶନ କରିବାକୁ ଯାଉଛି।

ବୟନ ଶିଳ୍ପ କେବଳ ଆମ ସଂସ୍କୃତି ଓ ଐତିହ୍ୟର ପ୍ରତିଫଳନ ନୁହେଁ, ବରଂ ଏହା ଭାରତର ବୃହତ ଅର୍ଥନୈତିକ ଭିତ୍ତିଭୂମିର ଏକ ମୁଖ୍ୟ ସ୍ତମ୍ଭ। ଏହି କ୍ଷେତ୍ର ଅଭିବୃଦ୍ଧି ଏବଂ ସମାନତାର ଏକ ସ୍ମାରକୀ ଇଞ୍ଜିନ ଭାବରେ ରହିଛି, ଯାହା ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି) ରେ ୨.୩ ପ୍ରତିଶତ, ଶିଳ୍ପ ଉତ୍ପାଦନରେ ୧୩ ପ୍ରତିଶତ ଏବଂ ରପ୍ତାନିରେ ୮.୬ ପ୍ରତିଶତ ଅବଦାନ ରଖିଛି। କୃଷି ପରେ ଭାରତର ଦ୍ୱିତୀୟ ବୃହତ୍ତମ ନିଯୁକ୍ତିଦାତା ଭାବରେ, ଏହା ୧୦ କୋଟିରୁ ଅଧିକ ଲୋକଙ୍କୁ ଜୀବିକା ଯୋଗାଇ ଦେଉଛି, ଯାହା ଗ୍ରାମୀଣ ସମୁଦାୟକୁ ସଦୃଢ଼ କରିବା ସହ ସାରା ଦେଶରେ ଲକ୍ଷ ଲକ୍ଷ ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବିତାକୁ ବୃଦ୍ଧି କରୁଛି।

ଆର୍ଥିକ ଦୃଷ୍ଟିରୁ ଏହି ଶକ୍ତିଶାଳୀ ସଂସ୍ଥାକୁ ପ୍ରକୃତରେ ଉପଭୋଗ ଏବଂ ପ୍ରଶଂସା କରିବା ପାଇଁ, ଜଣେ ଭାରତ ଟେକ୍ସକୁ ଅନୁଭବ କରିବା ଉଚିତ। ଏହା ଭାରତର ଏକ ପ୍ରମାଣିତ, ବିଶ୍ୱ-ସ୍ତରୀୟ ବୟନ ଶିଳ୍ପ ବାଣିଜ୍ୟ ମେଳା, ଯାହା ସମଗ୍ର ବିଶ୍ୱକୁ ଆମର ସମ୍ପୂର୍ଣ୍ଣ ଉତ୍ପାଦନ ଏବଂ ସୃଜନଶୀଳ ପ୍ରଭୁତ୍ୱ ପ୍ରଦର୍ଶନ କରିବା ଲକ୍ଷ୍ୟରେ ଡିଜାଇନ୍ କରାଯାଇଛି। ଏହା ଗୋଟିଏ ଛାତ ତଳେ ଘରୋଇ ନିର୍ମାତା, ରାଜ୍ୟ ମଣ୍ଡପ, ଅନ୍ତର୍ଜାତୀୟ ପ୍ରଦର୍ଶକ ଏବଂ ବିଶ୍ୱ କ୍ରେତାମାନଙ୍କୁ ଆତିଥ୍ୟ ପ୍ରଦାନ କରୁଥିବା ଏକ ବ୍ୟାପକ ବଜାର ଭାବରେ କାର୍ଯ୍ୟ କରେ, ଯାହା ଅଭୂତପୂର୍ବ ସ୍ତରରେ ଉଚ୍ଚ-ମୂଲ୍ୟଯୁକ୍ତ ସୋର୍ସିଂ, କର୍ପୋରେଟ୍ ସଂଯୋଗ ଏବଂ ବ୍ରାଣ୍ଡ ପ୍ରଦର୍ଶନକୁ ସକ୍ଷମ କରିଥାଏ।

ଏହି ମହାନ ପଦକ୍ଷେପର ସଫଳ ଯାତ୍ରା ଉପରେ ପ୍ରତିଫଳିତ କରି, ମୁଁ ଭାରତ ଟେକ୍ସର ପୂର୍ବ ଦୁଇଟି ସଂସ୍କରଣ ମାଧ୍ୟମରେ ଅଣାଯାଇଥିବା ବିଶାଳ ଗର୍ବ ଏବଂ ସ୍ୱଷ୍ଟତାକୁ ସ୍ମରଣ କରାଇ ଦେବାକୁ ଚାହେଁ। ଭାରତ ଟେକ୍ସର ବିଗତ ସଂସ୍କରଣ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୟନ ଶିଳ୍ପ ସହିତ ଜଡ଼ିତ ସମଗ୍ର ଗୋଷ୍ଠୀଙ୍କୁ ସମ୍ବୋଧିତ କରିବା ସମୟରେ, ସେ ସୁନ୍ଦର ଭାବରେ ଦର୍ଶାଇଥିଲେ ଯେ ଆମେ ଯେଉଁ ବୀଜ ରୋପଣ କରିଥିଲୁ ତାହା ଏବେ ଦ୍ରୁତ ଗତିରେ ଏକ ବିଶାଳ ବଟବୃକ୍ଷରେ ପରିଣତ ହୋଇଛି। ସେ ଉଲ୍ଲେଖ କରିଥିଲେ ଯେ ଏହି ମହାନ ପ୍ରଦର୍ଶନୀ କେବଳ ଆମର ସମୃଦ୍ଧ ପରମ୍ପରାକୁ ଅନୁପାଳନ କରେ ନାହିଁ ବରଂ ଏକ ବିକଶିତ ଭାରତର ଅପାର ସମ୍ଭାବନାକୁ ମଧ୍ୟ ଉଜ୍ଜ୍ୱଳ ଭାବରେ ପ୍ରଦର୍ଶିତ କରିଥାଏ। ପ୍ରଥମ ଦୁଇଟି ସଂସ୍କରଣର ବିପୁଳ ସଫଳତା, ଯାହା ଅଭୂତପୂର୍ବ ଅନ୍ତର୍ଜାତୀୟ କ୍ରେତାଙ୍କୁ ଆକର୍ଷିତ କରିଥିଲା ଏବଂ ବ୍ୟାପକ ସହଯୋଗମୂଳକ ପ୍ରଗତି ସୃଷ୍ଟି କରିଥିଲା, ଏକ ସୁଦୃଢ଼ ଭିତ୍ତିଭୂମି ସ୍ଥାପନ କରିଥିଲା। ଭାରତ ଟେକ୍ସ ୨୦୨୫ ସମୟରେ ମୋର ବ୍ୟକ୍ତିଗତ ଅଭିଜ୍ଞତା, ସରକାର- ସରକାର ଏବଂ ବ୍ୟବସାୟ- ସରକାର ମଧ୍ୟରେ ଘନିଷ୍ଠ ଆଲୋଚନାକୁ ଦୃଶ୍ୟମାନ ଫଳାଫଳରେ ପରିଣତ କରିବା ସହିତ ଭବିଷ୍ୟତ ପାଇଁ ଏକ ଅତ୍ୟନ୍ତ ସକାରାତ୍ମକ ଦୃଷ୍ଟିକୋଣକୁ ସୁନିଶ୍ଚିତ କରିଥିଲା ଏବଂ ଭାରତର କାର୍ଯ୍ୟାନ୍ୱୟନ କ୍ଷମତା ଉପରେ ବଢ଼ି ଚାଲିଥିବା ବିଶ୍ୱ ବିଶ୍ୱାସକୁ ପ୍ରଦର୍ଶନ କରିଥିଲା।

# ମୁଁ ବି ସରକାରୀ ଚାକିରିଆ ହେବି

ଗୁରୁଜନମାନଙ୍କ ଆଶୀର୍ବାଦ ଯୋଗୁଁ ଛାତ୍ର ଜୀବନ ପରେ ଚାକିରି କରିବା ସୁଯୋଗ ମିଳେ କିନ୍ତୁ ଯଦି ସରକାରୀ ଚାକିରୀ ମିଳିଯାଏ ତେବେ 'କଚେ ପୁଅ ବାର'। ଓଡ଼ିଶାର ସାମାଜିକ-ଅର୍ଥନୈତିକ ପରିବେଶରେ ସରକାରୀ ଚାକିରି କେବଳ ଏକ ରୋଜଗାରର ମାଧ୍ୟମ ନୁହେଁ, ବରଂ ଏହା ଏକ 'ସୁରକ୍ଷା କବଚ'। ଆମ ରାଜ୍ୟ ଯାହା ଐତିହାସିକ ଭାବେ ଚରମ ଦାରିଦ୍ର୍ୟ ଏବଂ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଆସିଛି, ସେଠାରେ ଆର୍ଥିକ ଅସ୍ଥିରତା ବିରୋଧରେ ସରକାରୀ ଚାକିରି ଏକ ଅଭେଦ୍ୟ 'ଢାଲ' ସଦୃଶ କାର୍ଯ୍ୟ କରେ। ଜଣେ ସାଧାରଣ ଓଡ଼ିଆ ପରିବାର ପାଇଁ ସରକାରୀ ନିଯୁକ୍ତି ହେଉଛି ଏକମାତ୍ର 'ରିସେସନ୍-ପ୍ରୁଫ୍' ବା ମାନ୍ଦାବସ୍ଥା-ନିରୋଧୀ ସମ୍ପତ୍ତି, ଯାହା ବାତ୍ୟା ହେଉ କି ମହାମାରୀ, ସବୁ ପରିସ୍ଥିତିରେ ଆର୍ଥିକ ସ୍ରୋତକୁ ଅବ୍ୟାହତ ରଖିଥାଏ। ଏହି ସାଂସ୍କୃତିକ ପ୍ରେକ୍ଷାପଟରେ ସଫଳତାର ସଂଜ୍ଞା କେବଳ ରୋଜଗାରରେ ସୀମିତ ନୁହେଁ, ବରଂ ଏହା ଯୁବପିଢ଼ିର ସାମୂହିକ ମାନସିକତାକୁ ନିୟନ୍ତ୍ରିତ କରୁଥିବା ଏକ ସାମାଜିକ ପ୍ରତୀକ। ଏହି ବ୍ୟାକୁଳତା ପଛରେ ଥିବା ସାମାଜିକ ପ୍ରତିଷ୍ଠା, କ୍ଷମତା ଓ ଆର୍ଥିକ ନିରାପତ୍ତାର ଜଟିଳ ସମୀକରଣକୁ ବୁଝିବା ନିହାତି ଜରୁରୀ।

ସରକାରୀ ଚାକିରିର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଏହାର 'ଜୀବନବ୍ୟାପୀ ସୁରକ୍ଷା' ଏବଂ ସୁବିଧା ସୁଯୋଗ। ଯେତେବେଳେ ବେସରକାରୀ କ୍ଷେତ୍ର ବା ବହୁରାଷ୍ଟ୍ରୀୟ କମ୍ପାନୀ ଗୁଡ଼ିକରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟଦକ୍ଷତା ଓ ଛଟେଇର ଭୟ ଲାଗି ରହିଥାଏ, ସରକାରୀ ଚାକିରି ସେଠାରେ ଏକ ମାନସିକ ଶାନ୍ତି ପ୍ରଦାନ କରିଥାଏ। ଏହି ନିଶ୍ଚିତତା ବ୍ୟକ୍ତିକୁ କର୍ପୋରେଟ୍ ଜଗତର ଅହେତୁକ ଚାପରୁ ମୁକ୍ତ ରଖିବାରେ ସାହାଯ୍ୟ କରେ। ଏଠାରେ ସାଧାରଣ ବା ହାରାହାରି କାର୍ଯ୍ୟଦକ୍ଷତା କାରଣରୁ ନିଯୁକ୍ତି ହରାଇବାର କୌଣସି ଆଶଙ୍କା ନଥାଏ। ଏହା ଜଣେ କର୍ମଚାରୀଙ୍କ ନିଜ ପରିବାରର ଭବିଷ୍ୟତ ପାଇଁ ଏକ ଦୃଢ଼ ଭିତ୍ତିଭୂମି ପ୍ରଦାନ କରେ। ବେସରକାରୀ କ୍ଷେତ୍ରର ଅନିଶ୍ଚିତ କାର୍ଯ୍ୟସୂଚୀ ଯୋଗୁଁ ଯୁବପିଢ଼ି ମଧ୍ୟରେ ଉଚ୍ଚ ରକ୍ତଚାପ, ମଧୁମେହ ଏବଂ ହୃଦ୍‌ରୋଗ ପରି 'ଜୀବନଶୈଳୀଗତ ବ୍ୟାଧି' ବଢ଼ିବାରେ ଲାଗିଛି। ଅପରପକ୍ଷେ, ସରକାରୀ ଚାକିରିର ନିର୍ଦ୍ଧାରିତ ସମୟ ବ୍ୟକ୍ତିକୁ ନିଜ ସ୍ୱାସ୍ଥ୍ୟ ଓ ପରିବାର ପାଇଁ ଅଧିକ ସମୟ ଦେବାର ସୁଯୋଗ ଦିଏ। ଅବସର ପରେ ମିଳୁଥିବା ଆର୍ଥିକ ସହାୟତା କେବଳ ବ୍ୟକ୍ତି ପାଇଁ ନୁହେଁ, ବରଂ ତାଙ୍କ ଜୀବନସାଥୀଙ୍କ ପାଇଁ ମଧ୍ୟ ଏକ ଦୀର୍ଘକାଳୀନ ସୁରକ୍ଷା। ଏହା ବାର୍ଦ୍ଧକ୍ୟରେ ଜଣେ ବ୍ୟକ୍ତିକୁ ସମ୍ମାନର ସହ ବଞ୍ଚିବାକୁ ସାହାଯ୍ୟ କରେ। ଏହି ସମସ୍ତ ସୁବିଧା ସରକାରୀ ଚାକିରିକୁ ଏକ ବ୍ୟକ୍ତିଗତ ପେସା ପରିବର୍ତ୍ତେ ସମ୍ପୂର୍ଣ୍ଣ ପରିବାର ପାଇଁ ଏକ 'ସାମାଜିକ ବୀମା ପଲିସି'ରେ ପରିଣତ କରିଛି। ସରକାରୀ ଚାକିରୀ କରାଗ୍ରତ କରିବା ଉଦ୍ଦେଶ୍ୟରେ ଯୁବଗୋଷ୍ଠୀ ଅଦମ୍ୟ ପରିଶ୍ରମ ସାଙ୍ଗକୁ ନିରନ୍ତର ଅଧ୍ୟବସାୟ କରନ୍ତି। ଚାକିରୀ ପ୍ରକ୍ରିୟାକୁ ସରଳ କରିବା ପାଇଁ ବଜାରରେ ବିଭିନ୍ନ ଛୋଟ ବଡ଼ ନାମୀ ଦାମୀ କୋଚିଂ ସଂସ୍ଥା ମାନ ବେରୋଜଗାରଙ୍କୁ ଆକର୍ଷିତ କରି ବ୍ୟବସାୟରେ ମାତିଛନ୍ତି। ମୋଟା ଅଙ୍କ ଦରମା ଓ ଆଇ. ଆଇ .ଟି . ଓ ଏନ. ଆଇ. ଟି. ଭଳି ନାମୀ ଦାମୀ ଅନୁଷ୍ଠାନରୁ ଉତୀର୍ଣ୍ଣ ହୋଇ ଇଞ୍ଜିନିଅରିଂ ପେଶାକୁ ମଧ୍ୟ କୁଠାରଘାତ କରି ରାଜ୍ୟ ସଚିବାଳୟରେ ସରକାରୀ ଚାକିରୀରେ ଏ.ଏସ.ଓ. ଭାବେ ଯୋଗ ଦେବାକୁ ଯୁବପିଢ଼ିଙ୍କ ଅହେତୁକ ଆଗ୍ରହ ପରିଲକ୍ଷିତ ହୁଏ।

ଓଡ଼ିଆ ସମାଜରେ ସରକାରୀ ଚାକିରିଆଙ୍କ 'ଭାଲ୍ୟୁଏସନ' ବା ମୂଲ୍ୟାୟନ ଅତି ଅଦ୍ଭୁତ। ବିବାହ ବଜାରରେ ଏହା ସବୁଠାରୁ ଶ୍ରେଷ୍ଠ ଯୋଗ୍ୟତା ଭାବେ ଗଣାଯାଏ। ଜଣେ ଯୁବକ ସେମିକଣ୍ଡକ୍ଟର ଶିଳ୍ପ ବା ଆଇଟି କ୍ଷେତ୍ରରେ ମାସିକ ୯୦,୦୦୦ ଟଙ୍କାରୁ ଅଧିକ ରୋଜଗାର କରୁଥିଲେ ମଧ୍ୟ, ପରିବାର ଓ ସମ୍ପର୍କୀୟମାନେ ତାଙ୍କର ଭବିଷ୍ୟତ ସନ୍ଦିହାନ ମଣିଥାଆନ୍ତି । ଯଦି ସେ କୁହନ୍ତି ଯେ ସେ କୌଣସି ଓଡିଶା ଲୋକ ସେବା ଆୟୋଗ ମନୋନୀତ 'ଗ୍ରୁପ୍-ଏ, ବି ' ବା ଷ୍ଟାଫ ସିଲେକସନ ଆୟୋଗ ମନୋନୀତ 'ଗ୍ରୁପ୍-ସି' ପରୀକ୍ଷା ଦେଉନାହାନ୍ତି, ତେବେ ପରିବାରବର୍ଗ ତାଙ୍କୁ 'ନିରାଶା ଓ ଉଦ୍‌ବେଗର ଏକ ମିଶ୍ରିତ କଟାକ୍ଷ' ଦିଅନ୍ତି। ପିତାମାତାଙ୍କ ପାଇଁ ନିଜ କନ୍ୟାକୁ ଜଣେ ସରକାରୀ କର୍ମଚାରୀଙ୍କ ହାତରେ ସମର୍ପିବା ହେଉଛି ସବୁଠାରୁ 'ନିରାପଦ ନିବେଶ', ତେଣୁ କନ୍ୟା ବିବାହ ପାଇଁ ସରକାରୀ ଜ୍ୱାଇଁ ଖୋଜାପଡନ୍ତି ହେଲେ ସେମାନେ ଏବେ ବିରଳ । ବିବାହ ଉପଯୋଗୀ କନ୍ୟାଙ୍କ ତୁଳନାରେ ସରକାରୀ ଚାକିରିଆ 'ସମୁଦ୍ରକୁ ସଂଖେ' ସଦୃଶ । ଏହି ସାମାଜିକ ଷ୍ଟାଟସ୍ ପାଇଁ ଥିବା ଅନ୍ଧ ଆକର୍ଷଣ ଅନେକ ସମୟରେ ଯୁବକମାନଙ୍କର ନିଜସ୍ୱ ଆଗ୍ରହ ଏବଂ ପ୍ରତିଭାକୁ ଜଳାଞ୍ଜଳି ଦେବାକୁ ବାଧ କରେ।

ସରକାରୀ ଚାକିରିରେ ଥିବା 'ଓ୍ୱେଜ୍ ଗ୍ୟାପ୍' ବା ଦରମାର ପାର୍ଥକ୍ୟକୁ ନେଇ କରାଯାଇଥିବା ଗବେଷଣା (ଉଦାହରଣ ସ୍ୱରୂପ ବ୍ରାଜିଲର ଅଧ୍ୟୟନ) ଏକ 'ଡବଲ୍ ଇମବ୍ୟାଲାନ୍ସ' ବା ଦ୍ୱିମୁଖୀ ଅସନ୍ତୁଳନକୁ ଦର୍ଶାଏ। ନିମ୍ନ ସ୍ତରର ସରକାରୀ ଚାକିରିରେ ଦରମା ବେସରକାରୀ କ୍ଷେତ୍ର ତୁଳନାରେ ପ୍ରାୟ ୪୮% ଅଧିକ ଥିବାବେଳେ, ଉଚ୍ଚ ସ୍ତରରେ ବେସରକାରୀ ଦରମା ବହୁତ ବେଶୀ। ତଥାପି, ଜଣେ ଅଧିକ ରୋଜଗାର କରୁଥିବା ଘରୋଇ ସଂସ୍ଥାର କର୍ମଚାରୀ ମଧ୍ୟ ସାମାଜିକ ଚାପରେ ସରକାରୀ ଚାକିରି ପଛରେ ଧାଉଁଛନ୍ତି।

ଏଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି 'ରେଣ୍ଟ ଡିସିପେସନ' ବା ଲାଭର ଅପଚୟ। ସରକାରୀ ଚାକିରି ପାଇଁ ଯେଉଁ ଅହେତୁକ ପ୍ରତିଯୋଗିତା ହୁଏ, ସେଥିରେ ଅର୍ଥନୈତିକ ଦୃଷ୍ଟିରୁ ଏକ ବଡ଼ କ୍ଷତି ଘଟେ। ବାରମ୍ବାର କୋଚିଂ, ପରୀକ୍ଷା ଫିସ୍ ଏବଂ ବର୍ଷ ବର୍ଷର ମୂଲ୍ୟବାନ ସମୟ ଅର୍ଥାତ୍ 'ଅପରଚ୍ୟୁନିଟି କଷ୍ଟ'କୁ ହିସାବ କଲେ ଦେଖାଯାଏ ଯେ, ସରକାରୀ ଚାକିରିର ମୋଟ ଲାଭ ଶୂନ ବା ନକାରାତ୍ମକ ହୋଇଯାଏ। ଏହା ଏକ ପ୍ରକାରର 'ଅନ୍ଧ ପ୍ରତିଯୋଗିତା', ଯେଉଁଠାରେ ସମସ୍ତେ ଗୋଟିଏ ଆସନ ପାଇଁ ଲଢ଼ିବା ଦ୍ୱାରା ପରସ୍ପରର ମୂଲ୍ୟ ବା ସମୟକୁ ନଷ୍ଟ କରନ୍ତି। ସରକାରୀ ଚାକିରୀ ଦୌଡ଼ରେ ବିଫଳ ହୋଇ ନିଜ ଭବିଷ୍ୟତ ଉଜାଡିଥିବା ପ୍ରତିଯୋଗୀଙ୍କ ଅନେକ ନଜିର ରହିଛି।

ଓଡ଼ିଶା ପରି ଏକ ରାଜ୍ୟ ପାଇଁ ଏହି ମାନସିକତା ଏକ 'ଅର୍ଥନୈତିକ ଟ୍ରାଜେଡି'। ଯେତେବେଳେ ରେଭେନ୍‌ସା କିମ୍ବା ଏନ.ଆଇ.ଟି. ପରି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଶ୍ରେଷ୍ଠ ମସ୍ତିଷ୍କଗୁଡ଼ିକ ଗୋଟିଏ କ୍ଲର୍କ ଚାକିରି ପାଇଁ ନିଜ ଜୀବନର ସବୁଠାରୁ ଉର୍ବର ସମୟ କେବଳ ସାଧାରଣ ଜ୍ଞାନ ଘୋଷିବାରେ ନଷ୍ଟ କରନ୍ତି, ସେତେବେଳେ ରାଜ୍ୟର ନବସୃଜନ ଓ ଉଦ୍ୟୋଗୀକରଣ କ୍ଷେତ୍ରରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୁଏ। ଗରିବୀରୁ ମୁକ୍ତି ପାଇବାର ଏହି ବ୍ୟାକୁଳ ଆକାଂକ୍ଷା ବାସ୍ତବରେ ରାଜ୍ୟର 'ଟ୍ୟାଲେଣ୍ଟ ଡ୍ରେନ୍'ର ମୁଖ୍ୟ କାରଣ। ସରକାରୀ ସାଲାରୀକୁ 'ଡିଜାଷ୍ଟର୍-ପ୍ରୁଫ୍' ସମ୍ପତ୍ତି ଭାବେ ଗ୍ରହଣ କରିବାର ଏହି ପ୍ରବୃତ୍ତି ଆମକୁ ସୃଜନଶୀଳ ଦକ୍ଷତା ହାସଲ କରିବାରୁ ବଞ୍ଚିତ ରଖୁଛି।

ମିଳିଥିବା ତଥ୍ୟରୁ ଜଣାଯାଏ , ଓଡ଼ିଶାରେ ବାର୍ଷିକ ଆଠ ଲକ୍ଷ ଛାତ୍ରଛାତ୍ରୀ ସ୍ନାତକ ପାସ କରି ଚାକିରୀ କ୍ଷେତ୍ରକୁ ପ୍ରବେଶ କରୁଥିବା ବେଳେ ଶତକଡା ମାତ୍ର ୧-୨ ଭାଗ ସରକାରୀ ଚାକିରୀ ପାଇଁ ବିଜ୍ଞାପନ ପ୍ରକାଶିତ ହୁଏ। ବିଜ୍ଞାପନ ଠାରୁ ଚାକିରୀ ରେ ଯୋଗଦାନ ଭିତରେ ପ୍ରାୟ ଦୁଇ ତିନି ବର୍ଷ ଲାଗିଯାଏ। ସେହି ମଧ୍ୟରେ କୋର୍ଟ କେଶ ହୋଇଗଲେ ପ୍ରକ୍ରିୟା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଝୁଲନ୍ତା ଅବସ୍ଥାକୁ ଚାଲିଯାଏ। ଏତେ କମ ପରିମାଣ ସରକାରୀ ଚାକିରୀ ବିଶାଳ ଜନସଂଖ୍ୟା ପାଇଁ ଏକ ତାଚ୍ଛଲ୍ୟ ଭଳି, କିନ୍ତୁ ଏହା ଦର୍ଶାଇ ଥାଏ ଯେ ସମସ୍ତଙ୍କୁ କୌଣସି ସରକାର ଚାକିରୀ ଯୋଗାଇଦେବା ଅସମ୍ଭବ। ତେବେ, ଯେଉଁ ମାନେ ଏପରି ଚାକିରୀ ପାଇଯାନ୍ତି ସେ ଧରାକୁ ସରା ମନେ କରି ନ୍ୟସ୍ତସ୍ୱାର୍ଥୀ ହୋଇପଡନ୍ତି ଯାହା ଅସ୍ୱାଭାବିକ। ସରକାରୀ ଚାକିରିଆ ମାନଙ୍କ ସାଧାରଣ ଜନତାଙ୍କ ପ୍ରତି ଅସୌଜନ୍ୟତା ଯୋଗୁଁ ଆଜିକାଲି ଏମାନେ ସାଧାରଣ ଜନତାଙ୍କ ଆକ୍ରୋଶର ଶିକାର ହେବା ଏକ ଅଶୁଭ ସୂଚନା। ଏପରି ହେବା କାରଣ ସରକାରୀ କର୍ମଚାରୀଙ୍କ କାର୍ଯ୍ୟରେ ଜନତାଙ୍କ ଅସନ୍ତୋଷ। ମୁଷ୍ଟିମେୟ ସରକାରୀ କର୍ମଚାରୀ ନିଜର ତଥା କଥିତ 'ସୁରକ୍ଷା କବଚ' ର ଦ୍ୱାହି ଦେଇ ନିଜକୁ କର୍ମଠ ନକରି ଠକିବା ବା ଲାଞ୍ଚ ଖୋର ମନୋବୃତି ଆପଣାଇବାକୁ ଚେଷ୍ଟାକରନ୍ତି ଯଦ୍ୱାରା ସାଧାରଣଭାବେ ସରକାରୀ କର୍ମଚାରୀ ଜନତାଙ୍କ ରୋଷର ଶିକାର ମଧ୍ୟ ହୋଇଥାନ୍ତି। ଆଜିକାଲି ପରିସ୍ଥିତିରେ ସର୍ବ ଭାରତ ସ୍ତରୀୟ ପ୍ରଥମ ଶ୍ରେଣୀ ଅଫିସରଙ୍କ ଠାରୁ ଆରମ୍ଭ କରି ଛୋଟ କିରାଣୀ କିମ୍ବା ପିଅନ ଙ୍କ ଘରୁ କୋଟି କୋଟି ଟଙ୍କାର ସମ୍ପତି ଜବତ ହେବା ଭଳି ରୋଚକ ତଥ୍ୟ ଗଣମାଧ୍ୟମରେ ଆସୁଥିବା ବେଳେ ଯୁବକ ମାନଙ୍କୁ ଅନୁଭବ ହେଲାଣି ଯେ ମୁଁ ବି ଦିନେ ସରକାରୀ ଚାକିରୀର ଅଧିକାରୀ ହେବି ଯଦ୍ୱାରା ଅଳ୍ପ ସମୟ ମଧ୍ୟରେ ବହୁ ସମ୍ପତିର ଅଧିକାରୀ ହୋଇପାରିବି। ସରକାର ଏସବୁକୁ ଦୃଷ୍ଟିରେ ରଖି ନିଜ କର୍ମଚାରୀଙ୍କ ପ୍ରତି ବିଶେଷ କଠୋରତା ପ୍ରଦର୍ଶନ କରି ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି, କାରଣ ସରକାରଙ୍କ ପାଇଁ ଜନତା ସର୍ବାଗ୍ରେ।

ଶେଷରେ, ସରକାରୀ ଚାକିରିକୁ ଏକ ପେସା ଭାବେ ଗ୍ରହଣ କରିବା ଭୁଲ ନୁହେଁ, କିନ୍ତୁ ଏହାର ଧାଡ଼ିରେ ଛିଡ଼ା ହୋଇ ଯେଉଁ ମୂଲ୍ୟ ଦିଆଯାଉଛି, ତାହା ଅଧିକାଂଶ ସମୟରେ ମିଳୁଥିବା ଫାଇଦା ତୁଳନାରେ ବହୁତ କମ୍। ପିତାମାତାଙ୍କ ପୁରୁଣା ଅଭିଜ୍ଞତାକୁ ସମ୍ମାନ ଜଣାଇବା ସହ ଆଜିର ଯୁବପିଢ଼ି ନିଜର ଆଗ୍ରହ ଏବଂ ବୈଶ୍ୱିକ ବଜାରର ଚାହିଦାକୁ ବୁଝିବା ଉଚିତ୍। ଏକ ଜଗତୀକୃତ ଅର୍ଥନୀତିରେ ସରକାର ସମସ୍ତଙ୍କ ପାଇଁ 'ସୁରକ୍ଷା କବଚ' ହୋଇପାରିବେ ନାହିଁ। ବାସ୍ତବରେ, 'ସୁରକ୍ଷା' କୌଣସି ଏକ ନିର୍ଦ୍ଧାରିତ ଆସନ ବା 'ସିଟ୍'ରୁ ଆସେ ନାହିଁ, ବରଂ ତାହା ବ୍ୟକ୍ତିର 'ଦକ୍ଷତା'ରୁ ଆସିଥାଏ। ଓଡ଼ିଶାର ଭବିଷ୍ୟତ ପାଇଁ 'ସିଟ୍ ରୁ ସ୍କିଲ୍' ପର୍ଯ୍ୟନ୍ତ ଏହି ମାନସିକ ପରିବର୍ତ୍ତନ ହିଁ ହେଉଛି ଏକମାତ୍ର ସମାଧାନ। ସୁରକ୍ଷାର ଅନ୍ଧ ଅନ୍ୱେଷଣରେ ନିଜର ସ୍ୱପ୍ନକୁ ହତ୍ୟା କରିବା ପରିବର୍ତ୍ତେ, ଆଜିର ଯୁବକ ନିଜକୁ ଏପରି ଦକ୍ଷ କରିବା ଉଚିତ୍ ଯେପରି ସାରା ବିଶ୍ୱ ତାଙ୍କ ପାଇଁ ଏକ ବଜାର ହୋଇପାରିବ।




**ଡକ୍ଟର ମାନସ ରଞ୍ଜନ ଶତପଥି**
ଅଧକ୍ଷ, ମଡେଲ ଡିଗ୍ରୀ କଲେଜ,
ନୟାଗଡ଼, ୯୪୩୭୪୭୯୦୪୫


# ମେଘ-ମୟୂରର ମିଳନ ଋତୁ



ଆଷାଢର ପ୍ରଥମ ଦିନ, ପୂର୍ବ ଆକାଶରେ କଳା ମେଘର ଛାତ ପଡ଼ିଲା ବେଳେ ଧରିତ୍ରୀର ବୁକୁ ଚିରି ଯେଉଁ ଧ୍ୱନି ଉଠେ ତାହା ହେଉଛି ମୟୂରର କେକା ରବ। ମୟୂରର ଏଇ ଶବ୍ଦ କେବଳ ବର୍ଷାର ଆରମ୍ଭ ନୁହେଁ, ଏଇଟା ହେଉଛି ମେଘ ଆଉ ମୟୂର ବହୁ ପ୍ରତୀକ୍ଷିତ ପ୍ରେମର ଏକ ମିଳନ ଋତୁର ଘୋଷଣା। ବର୍ଷାର ପ୍ରଥମ ବିନ୍ଦୁ ମାଟିରେ ପଡିବା ମାତ୍ରେ ମାଟିରୁ ଯେଉଁ ସୁଗନ୍ଧ ଉଠେ, ସେଇ ଗନ୍ଧ ଶୁଣି ଜଙ୍ଗଲ ଭିତରୁ ନୀଳ କଣ୍ଠୀ ମୟୂର ବାହାରି ଆସେ। ତାର ଆଖିରେ ହଜାର ସ୍ୱପ୍ନ, ଛାତିରେ ହଜାର ଆଶା। କାରଣ ସେ ଜାଣେ, ମେଘ ଆସିଲେ ହିଁ ତାର ଜୀବନର ଅର୍ଥ ପୂର୍ଣ୍ଣ ହୁଏ। ବୈଜ୍ଞାନିକ ଭାବେ ଦେଖିଲେ ମେଘ ଗର୍ଜନର ନିମ୍ନ ଆବୃତି ଶବ୍ଦ ଓ ବାୟୁର ଆର୍ଦ୍ରତା ମୟୂର ଶରୀରେ ହର୍ମୋନର ଶକ୍ତି ଆଣିଦିଏ। ବର୍ଷା ଋତୁ ହେଉଛି ମୟୂର ଉପଯୁକ୍ତ ପ୍ରଜନନ ସମୟ। ଏଇ ସମୟରେ ମୟୂରୀ ଡିମ୍ବ ଦେବା ପାଇଁ ପ୍ରସ୍ତୁତ ହୁଏ ଆଉ ପୁରୁଷ ମୟୂରର କାମ ହେଉଛି ତାକୁ ନିଜ ସୌନ୍ଦର୍ଯ୍ୟରେ ଆକର୍ଷିତ କରିବା। ତେଣୁ ମେଘ କୁ ଦେଖିଲେ ମୟୂର ପକ୍ଷ (ପୁଚ୍ଛ) ମେଲାଇ ନାଚେ। ତାର ପୁଚ୍ଛରେ ଥିବା ଶତ ଶତ ଚକ୍ଷୁ ଆକୃତିର ଚିହ୍ନ ବର୍ଷାର ପାଣିରେ ଝଲମଲ ହୋଇ ଉଠେ। ସେ ନାଚ କେବଳ ନାଚ ନୁହେଁ, ସେଇଟା ହେଉଛି ଆକାଶକୁ ଉଦ୍ଦେଶ୍ୟ କରି କରାଯାଉଥିବା ବର୍ଷା ପାଇଁ ଗୋଟିଏ ପ୍ରେମ ପତ୍ର। ମୟୂର କହୁଥାଏ - 'ହେ ମେଘ, ତୁମେ ଆସ, ମୁଁ ତୁମ ପାଇଁ ମହୀଧାମେ ଅପେକ୍ଷା କରିଛି ଆଉ ଆଜି ମୋ ମନ ଆନନ୍ଦ ଆଜି ବହୁଦିନ ପାରେ ତୁମର ମୋର ହେବ ମିଳନ। ଏକ କିମ୍ବଦନ୍ତୀ ଅନୁଯାୟୀ ପୂର୍ବେ ମୟୂର ଜଣେ ରାଜକୁମାର ଥିଲା। ସେ ଆକାଶର ମେଘକନ୍ୟାକୁ ମନ ପ୍ରାଣରେ ଭଲ ପାଉଥିଲା। କିନ୍ତୁ ଦେବତା ମାନେ ରାଗି ଯାଇ ତାକୁ ଶାପ ଦେଲେ ଯେ ତୁ ପକ୍ଷୀ ହୋଇଯିବୁ ଆଉ ପ୍ରତିବର୍ଷ ବର୍ଷା ଆସିଲେ ହିଁ ତୁ ତୋ ପ୍ରିୟାକୁ ଦେଖିପାରିବୁ। ସେଦିନଠୁ ସେ ପ୍ରତିବର୍ଷ ମେଘ ଆସିବାର ଅପେକ୍ଷାରେ ରହେ। ଲୋକକଥା ଅନୁଯାୟୀ 'ମେଘ ଡାକିଲେ ମୟୂର ନାଚେ, ମନରେ ଆନନ୍ଦ ସଂଚାର ହୁଏ'। ଆଉ ଏଇ କଥା ସତ ବି। ମୟୂର ନାଚ ଦେଖିଲେ ଚାଷୀ ବୁଝନ୍ତି ଏବେ ବିଜ (ବିହନ)ବୁଣିବା ସମୟ ଆସିଗଲା। ମେଘ ମଧ ମୟୂରକୁ କମ୍ ଭଲ ପାଏ ନାହିଁ। ମେଘ ପାଇଁ ମୟୂର ହେଉଛି ତାର ଆଗମନର ଉତ୍ସବର ସାକ୍ଷୀ। ମେଘ ଯେତେ ବର୍ଷା କଲେ ବି ଯଦି ଧରିତ୍ରୀ ଖୁସିରେ ନାଚି ନ ଉଠେ ତେବେ ସେ ବର୍ଷାର ଅର୍ଥ କଣ? ମୟୂର ନାଚ ଦେଖି ମେଘ ବୁଝେ ତାର ବର୍ଷା ସାର୍ଥକ ହେଲା। ସେ ଆଉ ଅଧିକ ଶୀତଳ ଧାରାରେ ଧରିତ୍ରୀକୁ ଧୋଇଦିଏ। ମେଘ ନ ଥିଲେ ମୟୂର ଖାଇବାକୁ ପାଇବ ନାହିଁ, କାରଣ ବର୍ଷା ପରେ ହିଁ ମାଟିରୁ ପୋକ ଜୋକ, ସରୀସୃପ ବାହାରନ୍ତି ଯାହା ମୟୂରର ପ୍ରିୟ ଖାଦ୍ୟ। ଆଉ ମୟୂର ନ ଥିଲେ ମେଘର ଆଗମନର ସୌନ୍ଦର୍ଯ୍ୟ ଅଧା ହୋଇଯାଏ। ମେଘ ଆଉ ମୟୂର ଦୁହେଁ ଦୁହିଙ୍କ ପାଇଁ ପରିପୂରକ। ଓଡ଼ିଶାର ସାହିତ୍ୟରେ ଏଇ ମିଳନକୁ ଅନେକ କବି ବର୍ଣ୍ଣନା କରିଛନ୍ତି। ଗୀତରେ ଗାଇ ଲେଖିଛନ୍ତି - 'କାଳିଆ ମେଘ ଘନ ଘୋର, ନାଚୁଛି ମନ ମୋ ମୟୂର'। ଏଇ ନାଚ ଭିତରେ ଲୁଚି ରହିଛି ପ୍ରକୃତିର ଗୋଟିଏ ବଡ ସତ୍ୟ। ସେଇଟା ହେଉଛି ନିର୍ଭରଶୀଳତା। ମେଘ ବିନା ମୟୂର ବଞ୍ଚିପାରିବ ନାହିଁ, ମୟୂର ବିନା ମେଘର ଆଗମନ ନୀରସ। ଏଇ ଋତୁ ଆମକୁ ଶିଖାଏ ପ୍ରତୀକ୍ଷାର ମହତ୍ତ୍ୱ। ସାରା ବର୍ଷ ମୟୂର ମେଘର ଅପେକ୍ଷାରେ ରହେ। ଯେତେବେଳେ ମେଘ ଆସେ ସେ ତାର ସମସ୍ତ ଦୁଃଖ ଭୁଲି ନାଚେ ଉଠେ। ଠିକ୍ ସେମିତି ମଣିଷ ଜୀବନରେ ବି କିଛି ମୁହୂର୍ତ୍ତ ଆସେ ଯେଉଁଥିରେ ସବୁ କଷ୍ଟ ଭୁଲି ଆମେ ଖୁସିରେ ନାଚି ଉଠିଥାଏ। ବର୍ତ୍ତମାନ ଜଳବାୟୁ ପରିବର୍ତନ ଯୋଗୁଁ ମେଘ ଆଉ ଠିକ୍ ସମୟରେ ଆସୁନି। ଫଳରେ ମୟୂର ପ୍ରଜନନ ଚକ୍ର ବି ବିଗିଡୁଛି। ତେଣୁ ଏଇ ମିଳନ ଋତୁକୁ ବଞ୍ଚାଇ ରଖିବା ଆମର ଦାୟିତ୍ୱ। ଗଛ ଲଗାଇବା, ଜଙ୍ଗଲ ବଞ୍ଚାଇବା, ପରିବେଶକୁ ସୁସ୍ଥ ରଖିବା। କାରଣ ଯଦି ମେଘ ନ ଆସେ ତେବେ ମୟୂର ନାଚିବ କେମିତି? ଆଉ ଯଦି ମୟୂର ନ ନାଚେ ତେବେ ବର୍ଷାର ସୌନ୍ଦର୍ଯ୍ୟ କାହା ପାଇଁ? ଶେଷରେ କୁହାଯାଇପାରେ ମେଘ-ମୟୂର ମିଳନ ଋତୁ କେବଳ ଗୋଟିଏ ଋତୁ ନୁହେଁ। ଏଇଟା ହେଉଛି ପ୍ରେମର ପାଠ, ପ୍ରତୀକ୍ଷାର ଉଦାହରଣ, ପ୍ରକୃତି ସହ ଜୀବନର ସଂପର୍କ। ଯେତେବେଳେ ଆକାଶରେ ମେଘ ଘୋଟି ଆସେ ଆଉ ତଳେ ମୟୂର ପୁଚ୍ଛ ମେଲି ନାଚେ, ସେତେବେଳେ ଲାଗେ ଯେମିତି ସ୍ୱର୍ଗ ଆଉ ମାଉଉ ହାତ ଧରି ନାଚୁଛନ୍ତି। ଏଇ ଦୃଶ୍ୟ ଦେଖିଲେ ମନ ଭିତରେ ଗୋଟିଏ ଶାନ୍ତି ଆସେ।


**-ବିଶ୍ୱମ୍ଭର ରାଉତ**
ସରପଦା, ଭଣ୍ଡାରିପୋଖରୀ,
ଭଦ୍ରକ, ୯୮୫୩୭୩୭୦୩୭


# ଦାରୁବ୍ରହ୍ମ-ନାମର ସାର୍ଥକତା

ଦ୍ୱାପର ଯୁଗର ଅନ୍ତିମ ଭାଗର କଥା। ପୁରାଣ ପୃଷ୍ଠାରେ ବର୍ଣ୍ଣିତ କଥାବସ୍ତୁ ଅନୁସାରେ ଜରା ଶବରର ଶର ବିଦ୍ଧ ହେବା ପରେ ଶ୍ରୀକୃଷ୍ଣ ତାଙ୍କର ମାନବ ଲୀଳା ସମ୍ବରଣ କଲେ। ହିନ୍ଦୁ ଦର୍ଶନ ଓ ସନାତନ ଧର୍ମରେ ମୃତ୍ୟୁ ପରେ ଶବ ପାଲଟି ଯାଇଥିବା ଶରୀରର ସତ୍କାର କରିବାର ବିଧାନ ରହିଛି ଯାହାକୁ ଶବ ସତ୍କାର କିମ୍ବା ଶବ ଦାହ କିମ୍ବା ଅଗ୍ନି ସଂସ୍କାର କୁହାଯାଏ। ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କ ପାର୍ଥତ୍ୱ ଶରୀରର ଅଗ୍ନି ସଂସ୍କାର କଲେ। ତାଙ୍କ ଶରୀର ଅଗ୍ନିରେ ଭସ୍ମୀଭୂତ ହୋଇ ପାଉଁଶ ହୋଇଗଲା। କିନ୍ତୁ ହୃଦୟ ବା ନାଭି ଅଂଶ ଅଗ୍ନିରେ ଜଳିଲା ନାହିଁ। ଏହା ଏକ ଦିବ୍ୟ, ଜୀବନ୍ତ ପଦାର୍ଥ ରୂପେ ରହିଗଲା। ସେହି ଅଲୌକିକ ଦିବ୍ୟ ଜୀବନ୍ତ ଅଂଶ ଯାହା ଆଜି 'ବ୍ରହ୍ମ ପଦାର୍ଥ' ରୂପେ ଅଭିହିତ, ତାକୁ ଏକ କାଠ ଗଣ୍ଡି ଭିତରେ ସୁରକ୍ଷିତ ରଖି ସମୁଦ୍ରରେ ଭସାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସ୍ୱପ୍ନାଦେଶ ପାଇ ଅବନ୍ତି ନରେଶ ଇନ୍ଦ୍ରଦ୍ୟୁମ୍ନ ସେହି କାଠ ଗଣ୍ଡିକୁ ସମୁଦ୍ରରୁ ଉଦ୍ଧାର କରିଥିଲେ ଏବଂ ସେଥିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିର୍ମାଣ କରିଥିଲେ। କାଠର ଅନ୍ୟ ନାମ ଦାରୁ। ଦାରୁ ଭିତରେ ଦିବ୍ୟ ଜୀବନ୍ତ ବ୍ରହ୍ମ ସ୍ଥାପନ କରି ବିଗ୍ରହ ନିର୍ମାଣ କରିଥିବାରୁ ଜଗନ୍ନାଥଙ୍କୁ ଦାରୁବ୍ରହ୍ମ ମଧ୍ୟ କୁହାଯାଇଥାଏ। ପୁରୀ ଶ୍ରୀମନ୍ଦିରର ପ୍ରଭୁ ବଳଭଦ୍ର ଏବଂ ତାଙ୍କ ଭଉଣୀ ସୁଭଦ୍ରାଙ୍କ ବିଗ୍ରହ ମଧ୍ୟ କାଠରେ ନିର୍ମିତ ଓ ସେହି ଦାରୁମାନଙ୍କ ଭିତରେ ପ୍ରଭୁଙ୍କର ଦିବ୍ୟ ବ୍ରହ୍ମ ବିଦ୍ୟମାନ।

ଅନକେ ପ୍ରଶ୍ନ କରନ୍ତି ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବିଗ୍ରହ ଅନ୍ୟ ଧାତୁ ବଦଳରେ କେବଳ ନିମ୍ବ କାଠରେ କାହିଁକି ନିର୍ମିତ ହୋଇଥାଏ? ଏହାର ପ୍ରମୁଖ କାରଣ ହେଉଛି କାଠ ପ୍ରକୃତି ସହ ଜଡ଼ିତ। ଏହା ନଶ୍ୱର। ନଷ୍ଟ ହୁଏ, କ୍ଷୟ ଯାଏ। ଦାରୁ ଭିତରେ ବ୍ରହ୍ମ ଥାଆନ୍ତି। କାଠ ନଶ୍ୱର ହେତୁ ନଷ୍ଟ ହୁଏ। କିନ୍ତୁ ବ୍ରହ୍ମ ସ୍ୱୟଂ ଈଶ୍ୱର। ଅକ୍ଷୟ। ଠିକ୍ ସିମିତି ଆମ ଶରୀର ଯାହା କାଷ୍ଠ ତୁଲ୍ୟ। ଦିନେ ନାଁ ଦିନେ ନଷ୍ଟ ହୁଏ। କିନ୍ତୁ ଭିତରେ ଥିବା ବ୍ରହ୍ମ ଅର୍ଥାତ ଆତ୍ମା ଅମର, ଅକ୍ଷୟ। ଯାର ବିନାଶ ନଥାଏ। ଅବିନାଶି। ଦାରୁ ଏବଂ ବ୍ରହ୍ମ ଅର୍ଥାତ୍ ଦାରୁବ୍ରହ୍ମ ଠାକୁରଙ୍କ ଜୀବନ୍ତ ଓ ପରିବର୍ତ୍ତନଶୀଳତାକୁ ଦର୍ଶାଏ। ଜଗତର ନାଥ ଜଗନ୍ନାଥଙ୍କୁ ସେଥିପାଇଁ ଚଳନ୍ତି ଠାକୁର କୁହନ୍ତି ଯାହାଙ୍କ ଜୀବଜଗତର ଜନ୍ମ - ମୃତ୍ୟୁ ଚକ୍ର ସହ ସମ୍ପର୍କ ରହିଛି। ପ୍ରାରମ୍ଭରୁ କାଠରୁ ତିନି ବିଗ୍ରହ ନିର୍ମିତ ହୋଇଥିବାରୁ ସେହି ପରମ୍ପରା ବର୍ତ୍ତମାନ ଯାଏ ପାଳିତ ହୋଇଆସୁଛି।

ଜନ୍ମ - ମୃତ୍ୟୁ ଚକ୍ର ସହ ଜଡ଼ିତ ସୃଷ୍ଟିର ସମସ୍ତ ପଦାର୍ଥ ପରିବର୍ତ୍ତନଶୀଳ। କ୍ଷଣସ୍ଥାୟୀ, କ୍ଷଣଭଙ୍ଗୁର। ଆଜି ଅଛି, କାଲି ନଥିବ। ସେହି ନ୍ୟାୟରେ ଶରୀର ମଧ୍ୟ। ସିଏ ମଣିଷ ହୁଅନ୍ତୁ କିମ୍ବା ଦେବତା। ଭାଗବତ ପୁରାଣରେ ଏହାର ଲିଖିତ ପ୍ରମାଣ ମିଳେ। ''ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେ ବି ମରଇ।'' ଯେହେତୁ ଶ୍ରୀଜଗନ୍ନାଥ ଜନ୍ମ-ମୃତ୍ୟୁ ସହ ଜଡ଼ିତ ତାଙ୍କ ଶରୀର ମଧ୍ୟ ଚିରସ୍ଥାୟୀ ନୁହଁ। ତାର ମୃତ୍ୟୁ ଘଟେ। ''ବାସାଂସି ଜୀର୍ଣ୍ଣାନୀ ଯଥା ବିହାୟ''ଭଳି ପ୍ରଭୁଙ୍କ ଦିବ୍ୟ ବ୍ରହ୍ମ ପାଇଁ ନୂଆ ଶରୀର ସୃଷ୍ଟି ହୁଏ। ତିଆରି କରାଯାଏ। ଏକ ନିର୍ଦ୍ଦିଷ୍ଟ ବ୍ୟାନଧାନରେ ପୁରୁଣା କାଠ ମୂର୍ତ୍ତି ପରିବର୍ତ୍ତିତ ହୁଅନ୍ତି। ନବୀନ ପ୍ରତିମା ଗଢ଼ାଯାଏ। ଦିବ୍ୟ ବ୍ରହ୍ମଙ୍କ ନୂଆ ଦାରୁ ପ୍ରବେଶ ପରମ୍ପରା ପାଳିତ ହୁଏ। ଏହି ବିଶିଷ୍ଟ ପରମ୍ପରା ୧୨ ରୁ ୧୯ ବର୍ଷ ମଧ୍ୟରେ ଆସେ ଯାହାକୁ ପବିତ୍ର 'ନବକଳେବର' କୁହାଯାଏ। ଭବିଷ୍ୟ ପୁରାଣ ଓ ସ୍କନ୍ଦ ପୁରାଣରେ ନିମ୍ବ ଗଛ ଅତ୍ୟନ୍ତ ପବିତ୍ର ଓ ଦିବ୍ୟ ବୋଲି ବର୍ଣ୍ଣିତ। ଏହି କାଠରେ ତିଆରି ମୂର୍ତ୍ତି ସର୍ବଦା ନକାରାତ୍ମକ ଶକ୍ତିକୁ ଦୂର କରିବାରେ ସମର୍ଥ ବୋଲି ବିଶ୍ୱାସ ରହିଛି। ତେଣୁ ନିମ୍ବ କାଠରେ ନିର୍ମିତ ମୂର୍ତ୍ତିରେ 'ବ୍ରହ୍ମ ପଦାର୍ଥ' ସ୍ଥାପନ କରାଯାଇଥାଏ। ଯେଉ ବର୍ଷ ଗୋଟିଏ ଅଧିକ ଆଷାଢ଼ ମାସ ପଡ଼େ ଅର୍ଥାତ ଆଷାଢ଼ ମାସରେ ମଳ ମାସ ପଡ଼ିବା ବର୍ଷରେ ନବକଳେବର ପରମ୍ପରା ପାଳିତ ହୋଇଥାଏ। ଗତ ୨୦୧୫ ରେ ନବକଳେବର ଆୟୋଜିତ ହୋଇଥିଲା। ଆସନ୍ତା ନବକଳେବର ୨୦୩୯ ମସିହାରେ ପଡ଼ିବାର ସମ୍ଭାବନା ରହିଛି।

ଶ୍ରୀଜଗନ୍ନାଥ ସଂସ୍କୃତିରେ 'ବ୍ରହ୍ମ ପଦାର୍ଥ' ଏବଂ ଏହାର ପରିବର୍ତ୍ତନ ପ୍ରକ୍ରିୟା ଖୁବ୍ ରହସ୍ୟମୟ। ଏହାକୁ ନେଇ ଅନେକ ଆଧ୍ୟାତ୍ମିକ କଥାବସ୍ତୁ ଓ ଦଇତାପତି ସେବାୟତମାନଙ୍କର ଆଶ୍ଚର୍ଯ୍ୟଜନକ ଅନୁଭୂତି ରହିଛି। ଲୌକିକ ମାନ୍ୟତା ଅନୁସାରେ, ଏହା ପ୍ରଭୁ ଶ୍ରୀକୃଷ୍ଣଙ୍କର ଅମର ହୃଦ୍‌ପିଣ୍ଡ। ଏକ ଶକ୍ତି ଉ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ସୁଦର୍ଶନଙ୍କ ବିଗ୍ରହର ନାଭି ମଣ୍ଡଳରେ ଏହା ସ୍ଥାପିତ ହୋଇଥାଏ। ଏହାର ବିଦ୍ୟମାନତା ହେତୁ ନିମ୍ବ କାଠରେ ନିର୍ମିତ ବିଗ୍ରହମାନେ ଜୀବନ୍ତ ଠାକୁର କିମ୍ବା 'ଚଳନ୍ତି ପ୍ରଭୁ' ଭାବେ ପୂଜା ପାଇଥାନ୍ତି।

ନବକଳେବର ସମୟରେ ପୁରୁଣା ମୂର୍ତ୍ତିରୁ ବ୍ରହ୍ମ ପଦାର୍ଥକୁ ବାହାର କରି ନୂଆ ମୂର୍ତ୍ତିରେ ସ୍ଥାପନ କରାଯାଇଥାଏ। ଏହି କାର୍ଯ୍ୟ ଅତ୍ୟନ୍ତ ଗୋପନୀୟ ଭାବେ କରାଯାଇଥାଏ। ଏହି କାର୍ଯ୍ୟ ହେବାକୁ ଥିବା ରାତିରେ ସମ୍ପୂର୍ଣ୍ଣ ପୁରୀ ସହରରେ ବିଦ୍ୟୁତକାଟ ହୁଏ। ବଡ଼ଦେଉଳ ପରିସରକୁ ପୂରାପୁରି ଅନ୍ଧକାର କରାଯାଏ। ବ୍ରହ୍ମ ପରିବର୍ତ୍ତନ କରୁଥିବା ମୁଖ୍ୟ ବଡ଼ପଣ୍ଡା ଏବଂ ଦଇତାପତି ସେବାୟତମାନଙ୍କ ଆଖିରେ ଅନ୍ଧପଟି ବନ୍ଧାଯାଏ। ହାତରେ ମୋଟା କପଡ଼ା ଗୁଡ଼ାଯାଏ। କାରଣ ଏହାଦ୍ୱାରା ସେମାନେ ବ୍ରହ୍ମ ପଦାର୍ଥକୁ ଦେଖିପାରିବେ ନାହିଁ କିମ୍ବା ଖାଲି ହାତରେ ସ୍ପର୍ଶ କରିପାରିବେ ନାହିଁ। ବ୍ରହ୍ମ ପରିବର୍ତ୍ତନ କରିଥିବା ବୟୋବୃଦ୍ଧ ସେବାୟତମାନଙ୍କ କହିବା ଅନୁସାରେ ହାତରେ ମୋଟା କପଡ଼ା ଥିଲେ ମଧ ବ୍ରହ୍ମ ପଦାର୍ଥ ସ୍ପର୍ଶ ମାତ୍ରେ ଶାରୀର ଓ ମନରେ ଏକ ଆଧ୍ୟାତ୍ମିକ ଭାବ ସୃଷ୍ଟି ହୁଏ। ଶାନ୍ତ ଓ ଶୀତଳତା ଅନୁଭୂତ ହୁଏ। ଏପରି ଅନୁଭବ ହୁଏ ସତେ ଯେମିତି ତାଙ୍କ ହାତ ମୁଠାରେ ଜୀବନ୍ତ ଚଢ଼େଇଟିଏ ଫଡ଼ଫଡ଼ ହେଉଛି କିମ୍ବା କାହାର ହୃଦସ୍ପନ୍ଦନ ଚାଲିଛି। ଏହା କୌଣସି ଧାତୁ ବା ପଥର ପରି ଶକ୍ତ ଲାଗେ ନାହିଁ। ଅତ୍ୟନ୍ତ କୋମଳ ଓ ସ୍ପନ୍ଦନଶୀଳ ବସ୍ତୁ ପରି ଅନୁଭୂତ ହୁଏ। କିମ୍ବଦନ୍ତୀ ରହିଛି ଯେ, ଯଦି କେହି ସ୍ୱଚକ୍ଷୁରେ ଏହି ବ୍ରହ୍ମ ପଦାର୍ଥକୁ ଦେଖିବାକୁ ଚେଷ୍ଟା କରେ, ତେବେ ତାର ଦୃଷ୍ଟିଶକ୍ତି ଚାଲିଯାଏ କିମ୍ବା ତାର ମୃତ୍ୟୁ ଘଟିଥାଏ। ତେଣୁ ଏହି ରହସ୍ୟକୁ ଆଜିଯାଏ ଗୋପନ ରଖାଯାଇଛି। ରହସ୍ୟ ରହସ୍ୟ ହୋଇ ରହିଛି। ଉପରୋକ୍ତ କାରଣରୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବିଗ୍ରହ କାଠରେ ନିର୍ମିତ ହୋଇଥାଏ। ଆମେ ଜଗନ୍ନାଥଙ୍କୁ ସେଥିପାଇଁ ଦାରୁବ୍ରହ୍ମ କହୁ। ଜଗନ୍ନାଥଙ୍କ ଦାରୁବ୍ରହ୍ମ ନାମର ସାର୍ଥକତା ଏଥିରୁ ସ୍ପଷ୍ଟ ପରିଦୃଷ୍ଟ।




**ଡ଼କ୍ଟର ପ୍ରମୋଦ କୁମାର ପଣ୍ଡା**
ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର, ମୋ-୭୯୭୮୨୮୩୧୯୦




# ଷୋଳ କଳାରେ କାଳିଆ: ପୂର୍ଣ୍ଣାଙ୍ଗ ଜୀବନ ଦର୍ଶନ

ବିଶ୍ୱର ବିଶ୍ୱାସର ବିସ୍ମୟ ଦେବତା ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ଆଚାର୍ଯ୍ୟ ଓଡ଼ିଶାର ଆତ୍ମ ଦେବତା ଓଡ଼ିଆ ମାନଙ୍କର କୂଳ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥ। ଓଡ଼ିଆ ସଂସ୍କୃତି ଓ ସନାତନ ଧର୍ମରେ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପରଂବ୍ରହ୍ମ। ଅନ୍ୟ ସମସ୍ତ ଅବତାର କଳା ବା ଅଂଶରୁ ଜନ୍ମ ନେଇଥିବା ବେଳେ, ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ ଅବତାରୀ ଏବଂ ଷୋଳକଳାର ଅଧିକାରୀ। ଭଗବାନଙ୍କର ଏହି ଷୋଳ କଳା ତାଙ୍କର ସଂପୂର୍ଣ୍ଣତା, ଐଶ୍ୱରିକ ଶକ୍ତି ଏବଂ ମାନବୀୟ ଲୀଳାର ଅପୂର୍ବ ସମନ୍ୱୟକୁ ଦର୍ଶାଇଥାଏ।

ଅତିବଡ଼ି ଜଗନ୍ନାଥ ଦାସ (ଓଡ଼ିଆ ଭାଗବତ):
'ତେଜ ବଳୟେ ଷୋଳକଳା,
ବ୍ୟାପି ରହିଛି ସର୍ବଲୀଳା।'

ଭଗବାନଙ୍କର ଦିବ୍ୟ ଶକ୍ତି ବା ମହାତେଜ ଏହି ଷୋଳ କଳା ମଧ୍ୟରେ ସୀମିତ। ସଂସାରରେ ଯେତେ ପ୍ରକାରର ଐଶ୍ୱରିକ ଲୀଳା, ସୃଷ୍ଟି ଓ ପ୍ରଳୟ ଘଟୁଛି, ସେସବୁ ମହାପ୍ରଭୁଙ୍କର ଏହି ଷୋଳ କଳା ଦ୍ୱାରା ହିଁ ବ୍ୟାପି ରହିଛି ଓ ପରିଚାଳିତ ହେଉଛି।

ସନାତନ ଧର୍ମରେ ଭଗବାନଙ୍କ ବିଭିନ୍ନ ଅବତାରଙ୍କ ଶକ୍ତି ଓ ବୈଶିଷ୍ଟ୍ୟକୁ 'କଳା' ମାଧ୍ୟମରେ ପ୍ରକାଶ କରାଯାଇଛି। ସାଧାରଣତଃ ଶ୍ରୀରାମଚନ୍ଦ୍ର ୧୨ କଳା ଏବଂ ଶ୍ରୀକୃଷ୍ଣ ୧୪ କଳାର ଅଧିକାରୀ ବୋଲି କୁହାଯାଉଥିବା ବେଳେ, ଶ୍ରୀକ୍ଷେତ୍ରର ନାଥ ଶ୍ରୀଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣବ୍ରହ୍ମ ଏବଂ ସେ ସମସ୍ତ ଷୋଳ କଳାରେ ପରିପୂର୍ଣ୍ଣ।

ଶାସ୍ତ୍ର ଓ ପୁରାଣ ଅନୁସାରେ ଶ୍ରୀଜଗନ୍ନାଥଙ୍କ ଠାରେ ବିଦ୍ୟମାନ ଥିବା ଷୋଳ ଗୋଟି ଶକ୍ତି ବା କଳା ଗୁଡ଼ିକ ହେଲା:

୧. ଅନ୍ନମୟୀ: ସମଗ୍ର ସୃଷ୍ଟିକୁ ଖାଦ୍ୟ ଓ ପୋଷଣ ପ୍ରଦାନ କରିବାର ଶକ୍ତି। (ମହାପ୍ରଭୁଙ୍କ ମହାପ୍ରସାଦ ଏହାର ସ୍ୱରୂପ)।
୨. ପ୍ରାଣମୟୀ: ଜୀବଜଗତ ମଧ୍ୟରେ ଜୀବନ ବା ପ୍ରାଣ ସଞ୍ଚାର କରିବାର ଶକ୍ତି।
୩. ମନୋମୟୀ: ସମସ୍ତ ପ୍ରାଣୀଙ୍କ ମନକୁ ନିୟନ୍ତ୍ରଣ ଓ ସଂଚାଳିତ କରିବାର କଳା।
୪. ବିଜ୍ଞାନମୟୀ: ସୃଷ୍ଟିକୁ ଜ୍ଞାନ, ବୁଦ୍ଧି ଓ ବିବେକ ପ୍ରଦାନ କରିବାର ଐଶ୍ୱରିକ ଶକ୍ତି।
୫. ଆନନ୍ଦମୟୀ: ଭକ୍ତ ମନରେ ପରମ ଶାନ୍ତି ଓ ଅସୀମ ଆନନ୍ଦ ଭରିଦେବାର ଗୁଣ।
୬. ଅତିଶୟିନୀ: ସମସ୍ତ ସୀମା ବାହାରେ ଥିବା ଅଲୌକିକ ଓ ଅସାଧାରଣ ଶକ୍ତି।
୭. ବିପରିଣାମିନୀ
ସୃଷ୍ଟିର ପରିବର୍ତ୍ତନ ଏବଂ ସମୟର ଚକ୍ରକୁ ନିୟନ୍ତ୍ରଣ କରିବାର କ୍ଷମତା।
୮. ସଂକ୍ରାମିଣୀ: ଜଣକ ଠାରୁ ଅନ୍ୟଜଣକୁ ଶକ୍ତି ବା ଭାବ ସଞ୍ଚାର କରିବାର ଶକ୍ତି।
୯. ପ୍ରଭ୍ୱୀ: ସମଗ୍ର ସୃଷ୍ଟିର ପ୍ରଭୁତ୍ୱ ବା ମାଲିକାନା ଜାହିର କରିବାର ସର୍ବୋଚ୍ଚ କ୍ଷମତା।
୧୦. ଭୂତି: ଅପାର ଐଶ୍ୱର୍ଯ୍ୟ, ସମୃଦ୍ଧି ଏବଂ କଲ୍ୟାଣ ପ୍ରଦାନ କରିବାର ଶକ୍ତି।
୧୧. ଭାସତୀ: ସୃଷ୍ଟିକୁ ଆଲୋକିତ କରୁଥିବା ଜ୍ୟୋତି ବା ଦିବ୍ୟ ପ୍ରଭା।
୧୨. ଚେତନା: ସଜୀବ ଓ ନିର୍ଜୀବ ବସ୍ତୁ ମଧ୍ୟରେ ଚେତନା ଓ ଜାଗରଣ ସୃଷ୍ଟି କରିବାର ଶକ୍ତି।
୧୩. ପ୍ରଥା: ସୃଷ୍ଟିର ନିୟମ, ପରମ୍ପରା ଓ ପ୍ରସିଦ୍ଧିକୁ ବଜାୟ ରଖିବାର କଳା।
୧୪. ଇଚ୍ଛା: ଭଗବାନଙ୍କ ସେହି ସଂକଳ୍ପ ଶକ୍ତି, ଯାହା ଦ୍ୱାରା ସୃଷ୍ଟିର ସବୁକିଛି ସଂଘଟିତ ହୁଏ।
୧୫. ଜ୍ଞାନ: ସର୍ବଜ୍ଞତା ବା ସମସ୍ତ ବିଦ୍ୟାର ମୂଳ ଆଧାର ହେବାର ଶକ୍ତି।
୧୬. କ୍ରିୟା: ସୃଷ୍ଟିର ସର୍ଜନା, ପାଳନ ଓ ସଂହାର କରିବାର କାର୍ଯ୍ୟକାରୀ ଶକ୍ତି।



**ମନୋଜ କୁମାର ଶତପଥୀ**
ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ
ନଟବର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଦ୍ମାବତୀ, ୭୫୨୦୬୩,
ନୟାଗଡ, ୯୯୩୮୫୫୯୫୬୮

ଷୋଳ କଳାର ଆଧ୍ୟାତ୍ମିକ ମହତ୍ତ୍ୱ:ମହାପ୍ରଭୁଙ୍କ ଏହି ଷୋଳ କଳା କେବଳ ପୁରାଣର କଥା ନୁହେଁ, ଏହା ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରତିଟି ଦିଗରେ ପ୍ରତିଫଳିତ।

ନୀତିକାନ୍ତି:ଶ୍ରୀମନ୍ଦିରର ଦୈନନ୍ଦିନ ପୂଜା ଅର୍ଚ୍ଚନାରେ ୧୬ ଗୋଟି ମୁଖ୍ୟ ଉପଚାର ବା 'ଷୋଡ଼ଶ ଉପଚାର' ବ୍ୟବହାର କରାଯାଏ, ଯାହା ଏହି ଷୋଳ କଳାକୁ ସମ୍ମାନ ଜଣାଇଥାଏ। ଚନ୍ଦ୍ରଙ୍କର ୧୬ ଗୋଟି କଳା ଥାଏ। ଶ୍ରୀଜଗନ୍ନାଥ ସେହିପରି ସଂପୂର୍ଣ୍ଣ ପ୍ରକୃତି ଓ ବ୍ରହ୍ମାଣ୍ଡର ପ୍ରତୀକ।

'ଋଗ୍‌ବଦାଦି ଶାସ୍ତ୍ରେଷୁ ଷୋଡ଼ଶକଳା ପୁରୁଷଃ ଶ୍ରୀଜଗନ୍ନାଥଃ।' ଋଗବେଦ ଆଦି ପବିତ୍ର ଶାସ୍ତ୍ରସମୂହରେ ଯେଉଁ 'ଷୋଡ଼ଶକଳା ପୁରୁଷ' ବା ଷୋଳ କଳା ବିଶିଷ୍ଟ ପରମ ପୁରୁଷଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି, ସେହି ପରମ ପୁରୁଷ ଅନ୍ୟ କେହି ନୁହଁନ୍ତି, ସେ ହେଉଛନ୍ତି ସ୍ୱୟଂ ଶ୍ରୀଜଗନ୍ନାଥ।

ସଂକ୍ଷେପରେ କହିବାକୁ ଗଲେ, ଶ୍ରୀଜଗନ୍ନାଥ କେବଳ ଜଣେ ଦେବତା ନୁହନ୍ତି, ସେ ହେଉଛନ୍ତି ସମଗ୍ର ବ୍ରହ୍ମାଣ୍ଡର ମୂଳ ଉତ୍ସ। ତାଙ୍କର ଷୋଳ କଳା ପ୍ରମାଣିତ କରେ ଯେ ସେ ସର୍ବଶକ୍ତିମାନ, ସର୍ବବ୍ୟାପୀ ଏବଂ ସର୍ବଗୁଣସମ୍ପନ୍ନ। ଏହି ଷୋଳ କଳାର ଅଧିକାରୀଙ୍କ ଚରଣରେ ନିଜକୁ ସମର୍ପଣ କରିଦେଲେ ମାନବ ଜୀବନ ସାର୍ଥକ ହୋଇଥାଏ। ଜୟ ଜଗନ୍ନାଥ...



# ନବ ଯୌବନ ବେଶ : ଶାସ୍ତ୍ରୀୟ ପ୍ରସଙ୍ଗ ଓ ତାତ୍ପର୍ଯ୍ୟ







ଶ୍ରୀକ୍ଷେତ୍ର ପୁରୀର ଶ୍ରୀ ଜଗନ୍ନାଥ ସଂସ୍କୃତି ହେଉଛି ନୀତି, ନିୟମ ଓ ଶାସ୍ତ୍ର ସମ୍ମିଳିତ ଏକ ଜୀବନ୍ତ ପାଠଶାଳା । ଏହି ସଂସ୍କୃତିର ପ୍ରତିଟି ବେଶ ଓ ଉତ୍ସବ ପଛରେ ତନ୍ତ୍ର ଓ ପୁରାଣର ଗଭୀର ଆଧାର ରହିଛି । ରଥଯାତ୍ରା ପୂର୍ବର ଅଣସର କାଳ ପରେ ମହାପ୍ରଭୁ ଯେଉଁ ପ୍ରଥମ ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି ତାହା ହେଉଛି 'ନବ ଯୌବନ ବେଶ' । ଏହାକୁ ଶାସ୍ତ୍ରଜ୍ଞ ମାନେ 'ନେତ୍ରୋତ୍ସବ ବେଶ' ବା 'ନୟନୋତ୍ସବ ବେଶ' ବୋଲି ମଧ୍ୟ କୁହାଯାଏ ।

ନବ ଯୌବନ ବେଶର ସିଧାସଳଖ ଉଲ୍ଲେଖ ମୁଖ୍ୟ ଚାରିବେଦ ବା ପୁରାଣରେ ମିଳେ ନାହିଁ। କିନ୍ତୁ ଏହାର ଆଧାର ମିଳେ ତନ୍ତ୍ର ଶାସ୍ତ୍ର ଓ ମାଦଳା ପାଞ୍ଜିରେ।

ଏଥିରେ କୁହାଯାଇଛି ଯେ ସ୍ନାନ ପୂର୍ଣ୍ଣିମା ପରେ ମହାପ୍ରଭୁ 'ସ୍ନାନ ଜ୍ୱର'ରେ ପୀଡ଼ିତ ହୋଇ ୧୫ ଦିନ ଅଣସର ଘରେ ବିଶ୍ରାମ କରନ୍ତି। ଜ୍ୱରରୁ ମୁକ୍ତ ହେବା ପରେ ସେ ନୂତନ ଜୀବନ ଓ ନୂତନ ତେଜ ସହ ପ୍ରକଟ ହୁଅନ୍ତି । ଏହି 'ନୂତନ ପ୍ରକାଶ' ହିଁ ଶାସ୍ତ୍ରଜ୍ଞଙ୍କ ମତରେ 'ନବ ଯୌବନ' ନାମରେ ଅଭିହିତ ।

ତାନ୍ତ୍ରିକ ପରମ୍ପରା ଅନୁସାରେ ଦେବତାଙ୍କ ଶରୀରେ ଯେତେବେଳେ 'ରୋଗ' ଆସେ ତେବେ ତାଙ୍କର 'ଶକ୍ତି କ୍ଷୟ' ହୁଏ । ପୁଣି ସୁସ୍ଥ ହେବା ପରେ ସେଇ ଶକ୍ତି ପୁନଃ ସ୍ଥାପିତ ହୁଏ । ଏହି ପୁନଃ ସ୍ଥାପନାକୁ 'ନବକଳେବର' ପର ଦ୍ୱିତୀୟ ବୃହତ୍ତମ ନବୀକରଣ ବୋଲି ମନାଯାଏ । ତେଣୁ ନବ ଯୌବନ ହେଉଛି ଶକ୍ତି ସଞ୍ଚାର ବେଶ ।

ଶ୍ରୀ ମନ୍ଦିର 'ରୋଷ ପଞ୍ଜି'ରେ ଲେଖାଅଛି - 'ଆଷାଢ ଶୁକ୍ଳ ପ୍ରତିପଦାରେ ଶ୍ରୀଜୀଉମାନଙ୍କ ନବଯୌବନ ଦର୍ଶନ' । ଏହା ଦ୍ୱାରା ପ୍ରମାଣିତ ହୁଏ ଯେ ଏହା ଶତାବ୍ଦୀ ଧରି ଚଳି ଆସୁଥିବା ଏକ ଶାସ୍ତ୍ର ସମ୍ମତ ନୀତି ।ଅଣସର ଅମାବାସ୍ୟା ପରଦିନ ଅର୍ଥାତ୍ ଆଷାଢ ଶୁକ୍ଳ ପ୍ରତିପଦା ତିଥିରେ ଏହି ବେଶ ଅନୁଷ୍ଠିତ ହୁଏ । ଏହା ରଥଯାତ୍ରାର ୨ ଦିନ ପୂର୍ବରୁ ।ସକାଳେ ମଙ୍ଗଳ ଆରତୀ ପରେ ଦଇତାପତି ସେବକମାନେ ତିନି ଠାକୁରଙ୍କୁ ଅଣସର ଘରୁ ରତ୍ନ ସିଂହାସନକୁ ଆଣନ୍ତି । ଏହାକୁ 'ନେତ୍ର ଉନ୍ମିଳନ' କୁହାଯାଏ ।

ଏହି ଦିନ ମହାପ୍ରଭୁଙ୍କ ଶରୀରେ ନୂତନ ରଙ୍ଗ ଲାଗିଥାଏ । କାଳିଆ ରଙ୍ଗ ଅଧିକ ଉଜ୍ ?ଳ, ବଳଭଦ୍ରଙ୍କ ଧଳା ରଙ୍ଗ ନିର୍ମଳ ଓ ସୁଭଦ୍ରାଙ୍କ ହଳଦିଆ ରଙ୍ଗ ଦୀପ୍ତିମୟ ଦେଖାଯାଏ ।

ଏହି ଦିନ ଠାକୁରମାନଙ୍କୁ ସ୍ୱତନ୍ତ୍ର 'ତାଟ ବେଶ' କରାଯାଏ । ମୁଣ୍ଡରେ ସ୍ୱତନ୍ତ୍ର କିରୀଟ, ଗଳାରେ ଫୁଲ ମାଳ ଓ ଶରୀରରେ ନୂତନ ବସ୍ତ୍ର ପରିଧାନ କରାଯାଏ । ସାଧାରଣ ଭକ୍ତଙ୍କ ପାଇଁ ଏହା ହିଁ ଅଣସର ପରର ପ୍ରଥମ ଦର୍ଶନ । ତେଣୁ ଏହି ଦିନ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୁଏ। 'ନବ' = ନୂତନ, 'ଯୌବନ' = ଯୁବା ଅବସ୍ଥା, ଶକ୍ତି, ତେଜ । ତେଣୁ ନବ ଯୌବନ ଅର୍ଥ ହେଲା 'ନୂତନ ଯୁବା ଶକ୍ତିର ପ୍ରକାଶ' ।

ଅଣସରେ ମହାପ୍ରଭୁ ଜ୍ୱରରୁ ସୁସ୍ଥ ହୁଅନ୍ତି । ସୁସ୍ଥ ହେବା ପରେ ମଣିଷ ଯେମିତି ନୂଆ ଶକ୍ତି ପାଏ, ସେମିତି ମହାପ୍ରଭୁ ବି ନବ ଯୌବନ ପ୍ରାପ୍ତ ହୁଅନ୍ତି । ଏହା ଆୟୁର୍ବେଦର 'ରସାୟନ ଚିକିତ୍ସା'ର ଶାସ୍ତ୍ରୀୟ ପ୍ରୟୋଗ ।

ଆଷାଢରେ ବର୍ଷା ଆରମ୍ଭ ହୁଏ । ପ୍ରକୃତି ନୂଆ ରୂପ ନିଏ । ଗଛ ଲତା ନୂଆ ପତ୍ର ଧରେ । ସେହିପରି ମହାପ୍ରଭୁ ବି ନୂଆ ରୂପରେ ବାହାରନ୍ତି । ଏହା ପ୍ରକୃତି ଓ ମଣିଷ ମଧ୍ୟରେ ସାମଞ୍ଜସ୍ୟର ଶାସ୍ତ୍ର ।

ଶାସ୍ତ୍ର କୁହେ - 'ଅଶକ୍ତ ଦେବତା ଯାତ୍ରା କରିପାରନ୍ତି ନାହିଁ' । ତେଣୁ ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ଓ ଶକ୍ତିଶାଳୀ ହେବା ଆବଶ୍ୟକ । ନବ ଯୌବନ ବେଶ ହେଉଛି ସେଇ ଶକ୍ତି ପ୍ରମାଣ । ଭକ୍ତମାନେ ୧୫ ଦିନ ଧରି ଦର୍ଶନରୁ ବଞ୍ଚିତ ହେବା ପରେ ଯେତେବେଳେ ନବ ଯୌବନ ରୂପ ଦେଖନ୍ତି, ସେମାନଙ୍କ ମନରେ ନୂଆ ଭକ୍ତି ଓ ନୂଆ ଉତ୍ସାହ ଜାଗେ । ଏହା ମନସ୍ତତ୍ତ୍ୱ ଶାସ୍ତ୍ରର ଏକ ପ୍ରୟୋଗ ।

ତନ୍ତ୍ର ଶାସ୍ତ୍ର ଅନୁସାରେ ମଣିଷ ଶରୀରରେ ୭ଟି ଚକ୍ର ଅଛି । ଅଣସର ସମୟରେ ମହାପ୍ରଭୁଙ୍କର 'ଅନାହତ ଚକ୍ର' ବିଶ୍ରାମ ନିଏ । ନବ ଯୌବନ ଦିନ ସେଇ ଚକ୍ର ପୁଣି ଜାଗ୍ରତ ହୁଏ । ତେଣୁ ଏହି ଦିନ ଦର୍ଶନ କଲେ ଭକ୍ତଙ୍କ ହୃଦୟ ଚକ୍ର ମଧ୍ୟ ଶୁଦ୍ଧ ହୁଏ ବୋଲି ବିଶ୍ୱାସ । ଯୋଗ ଶାସ୍ତ୍ର ଏହାକୁ 'କାୟା କଳ୍ପ' କୁହାଯାଏ - ଅର୍ଥାତ୍ ଶରୀର ନବୀକରଣ । ଦାରୁବ୍ରହ୍ମ ହେଲେ ବି ମହାପ୍ରଭୁ ମଣିଷ ପରି ବିଶ୍ରାମ ନେଇ ପୁଣି ନୂତନ ହୁଅନ୍ତି । ଏହା ଦ୍ ?ାରା ଶାସ୍ତ୍ର ଆମକୁ ଶିଖାଏ ଯେ ବିଶ୍ରାମ ବିନା କର୍ମ ସମ୍ଭବ ନୁହେଁ । ନବ ଯୌବନ କେବଳ ମନ୍ଦିର ନୀତି ନୁହେଁ, ଏହା ସମାଜକୁ ବି ପ୍ରଭାବିତ କରେ। ଏହି ଦିନ ରାଜା ଓ ପ୍ରଜା ଏକାଠି ଲାଇନରେ ଛିଡ଼ା ହୋଇ ଦର୍ଶନ କରନ୍ତି । ଶାସ୍ତ୍ର କୁହେ ଈଶ୍ୱରଙ୍କ ଆଗରେ ସମସ୍ତେ ସମାନ ।



**ଡ଼କ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ**
କଟକ, ୭୮୪୬୯୩୬୧୬୨

ଏହି ଦିନ ପଟ୍ଟଚିତ୍ରକାରମାନେ ନବ ଯୌବନ ବେଶର ଚିତ୍ର ଆଙ୍କନ୍ତି । ଗୀତିକାରମାନେ ନୂତନ ଭଜନ ରଚନା କରନ୍ତି । ଏହି ଦିନରୁ ପୁରୀରେ ରଥଯାତ୍ରାର ବାଣିଜ୍ୟ ଆରମ୍ଭ ହୁଏ । ତେଣୁ ଏହା ସାମାଜିକ ଜୀବନର ମଧ୍ୟ ଏକ ନୂତନ ଆରମ୍ଭ ।

ଜଗନ୍ନାଥଙ୍କର ବର୍ଷକରେ ଅନେକ ବେଶ ହୁଏ - ରାଜା ବେଶ, ସୁନା ବେଶ, ବନକ ଲାଗି ବେଶ । କିନ୍ତୁ ନବ ଯୌବନ ବେଶର ସ୍ୱତନ୍ତ୍ରତା ହେଲା - ଏହା ଏକମାତ୍ର ବେଶ ଯାହା ରୋଗରୁ ମୁକ୍ତି ପରେ ଆସେ । ଅନ୍ୟ ବେଶ ଶୃଙ୍ଗାର ପ୍ରତୀକ ହେଲେ, ଏହା ହେଉଛି ଜୀବନର ପ୍ରତୀକ ।

ନବ ଯୌବନ ବେଶ ହେଉଛି ଜଗନ୍ନାଥ ସଂସ୍କୃତିର ହୃଦୟ । ଏହା ଶାସ୍ତ୍ର, ବିଜ୍ଞାନ ଓ ଭକ୍ତିର ଏକ ଅପୂର୍ବ ସମନ୍ୱୟ । ଶାସ୍ତ୍ର ଆମକୁ ଶିଖାଏ- ଜୀବନରେ ପତନ ଆସିଲେ ବି ପୁଣି ଉଠିବାର ଅଛି, ଅସୁସ୍ଥତା ପରେ ସୁସ୍ଥତା ଆସିବ, ଆଉ ବିଶ୍ରାମ ପରେ ନୂତନ ଉଦ୍ୟମ ଆସିବ ।

ଯେତେବେଳେ ଆମେ ନବ ଯୌବନ ବେଶରେ ମହାପ୍ରଭୁଙ୍କ ଉଜ୍ଜ୍ୱଳ ମୁଖ ଦେଖୁ, ଆମେ ବୁଝୁ ଯେ ଈଶ୍ୱର କେବେ ବୃଦ୍ଧ ହୁଏ ନାହିଁ । ସେ ସବୁବେଳେ ନବ, ସବୁବେଳେ ଯୁବା, ସବୁବେଳେ ଅବିନଶ୍ ?ର । ଆଉ ସେଇ ନବ ଯୌବନର ଶକ୍ତି ନେଇ ହିଁ ସେ ପରଦିନ ରଥରେ ଚଢ଼ି ଜଗତକୁ ଦର୍ଶନ ଦେବାକୁ ବାହାରନ୍ତି । ତେଣୁ ନବ ଯୌବନ କେବଳ ଏକ ବେଶ ନୁହେଁ, ଏହା ହେଉଛି ଆଶାର ବେଶ, ଜୀବନର ବେଶ, ଆଉ ଓଡ଼ିଆ ଜାତିର ଚିରନ୍ତନ ବେଶ ।

## ହେରା ପଞ୍ଚମୀ

● ସୁଜିତ କୁମାର ମିଶ୍ର



ପ୍ରେମ ଭୂମିରୁ ଭୂମାକୁ
ଉଡାଣ ପକ୍ଷୀଟିଏ,
ପ୍ରେମ ଦିଗନ୍ତ ବିସ୍ତାରୀ
ଅନ୍ତରର ରଙ୍ଗ,
ପ୍ରେମ ଆକାଶେ ଅଭିମାନର
ମେଘ ମହ୍ଲାର ରାଗ ।

କୋହ ଅଶାନ୍ତ ସମୁଦ୍ର
ମୋହ ମଧୁର ନଈ,
ମୁଠେ ଅନ୍ତରଙ୍ଗତା ପାଇଁ
ଏ ଅଭିମାନର ଦୌଡ଼,
ଆକୁଳ ନିବେଦନର ବିରହ ଗୀତିରେ
ପ୍ରାଣ ଉଚ୍ଛୁଳା ଯମୁନା,
ଗଭୀର ଶୂନ୍ୟତା ପାଇଁ ତ
ସାଆନ୍ତାଣୀ ଘନଘନ ଆନମନା,
ଏ ଲୁହ କଣ ହେବ ପ୍ରିୟତମଙ୍କ
ସିଦ୍ଧାନ୍ତର ପ୍ରଣୟ ଲେଉଟା
ମିଠାଛାଇ ?

ଏ ଯାତ୍ରା ସୌନ୍ଦର୍ଯ୍ୟର, ସୌଭାଗ୍ୟର,
ପୂର୍ଣ୍ଣତାର,
ଅଭିମାନିନୀଙ୍କ ଏକାକିତ୍ ?ର,
ଗଢି ତୋଳିବାକୁ ଏକ
ଯୁଗଳ ଆକର୍ଷଣର ଭକ୍ତି ପ୍ରେମଝର ।

ସେଇଥିପାଇଁ ତ ଏ ରୋଷ,
ରସ, ରହସ୍ୟ,
ଦୌଡ଼, ଦିବ୍ୟତା, ଦରଦୀପଣ,
ଆପଣାପଣର ଶ୍ରାବଣ,
ଅନୁପମ ଐଶ୍ୱର୍ଯ୍ୟଭରା
ଶ୍ରୀମନ୍ଦିର ବେଶ ।

-ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

## ବୟସ ଚାଳିଶି ଟପିଛି



● ଡକ୍ଟର ପ୍ରଦୀପ କୁମାର ସାମନ୍ତରାୟ

ଲୋକେ କହୁଛନ୍ତି ଚାଳିଶି ଟପିଲା,
ଆଖିକୁ ଆଉ ସଫା ଦିଶିବନି
ଜମା,
ଧାଡ଼ିଏ ଦି ଧାଡ଼ି ପଢ଼ିବା ପାଇଁ ବି,
ନିଶ୍ଚେ ଲୋଡା ହେବ ଚାଳିଶା
ଚଷମା।।

ବୃଦ୍ଧ ହେବାର ଇଏ ପ୍ରଥମ
ପାହାଚ, ବନ୍ଧୁଏ କରନ୍ତି କଥା
କଥାକେ ଇଙ୍ଗିତ,
ଶୈଶବ କୈଶୋର ଯୌବନ
ବାର୍ଦ୍ଧକ୍ୟ, ଏଇ ତ' ଆମର ଜୀବନ
ଗଣିତ।।
ଆଖି ଖରାପ ହେଇପାରେ ସିନା
ଲୋକ ଚିହ୍ନା ଭୁଲ ହେବନି ବେଶୀ
ବୟସ ଚାଳିଶି ଟପିବା ସହିତ,
ଲୋକଚିହ୍ନା ବି ତ' ହେଲା ଚାଳିଶି ।।

ସହିବା ପଣେ ବି ଚାଳିଶି ଟପିଛି
ବୋଲି ଜାଣିଶୁଣି ରହୁଛି ନୀରବ,
ଚତୁରତା ତୁମ ଥାଉ ତୁମରି
ପାଖରେ, ସମୟ ଆସିଲେ ଆପେ
ବୁଝିଯିବ !

-ସହକାରୀ ପ୍ରଫେସର,
ରସାୟନ ବିଭାଗ ,
ସୁନ୍ଦରଗଡ ସ୍ୱୟଂ ଶାସିତ
ମହାବିଦ୍ୟାଳୟ

## ମଙ୍ଗଳମୂରତି ପ୍ରଭୁ



● ପ୍ରଶାନ୍ତ କୁମାର ଦାଶ

ହେ ପ୍ରଭୁ ଜଗତନାଥ
ଅନାଥ ଜନର ନାଥ
ଲୀଳା ତୋର ଅସୀମ ଅବ୍ୟକ୍ତ
ଏଠିତ ସବୁ ଅସାର
କେବଳହିଁ ତୁମେ ସାର୍
ତୁମ ମାୟା ଅଟଇ ଅନନ୍ତ।।
ତୁମେତ କରୁଣା ସିନ୍ଧୁ
ଭକତ ଜନର ବନ୍ଧୁ
ତୁମ ବିନା ସୃଷ୍ଟି ଅସମ୍ଭବ
କରଯୋଡ଼ି ତୁମ୍ଭ ପାଦେ
ଦୁଃଖ ଜଣାଉ ଆହ୍ଲାଦେ
ଦେଖ ଦୁଃଖ ଆହେ ବାସୁଦେବ।।

ବେଳୁ ବେଳ ଆସେ ଦୁଃଖ
ଲୁଟି ନିଏ କିଏ ସୁଖ
ସଂସାରରେ ଘୋର କଳି ଭରା
ବିଞ୍ଚିଦିଅ ସୁଧା ରେଣୁ
ବଜାଇ ମୋହନ ବେଣୁ
ଶାନ୍ତିମୟ ହେଇଯାଉ ଧରା
ଦୟାକର ଦୟାନିଧି
ଦାନବ କୁଳକୁ ବଧି
ଭକ୍ତ ଦୁଃଖ ନାଶକର ବିଭୁ
କାହିଁକି କପଟ କର
ତୋର ମାୟା ଅଗୋଚର
କରୁଣାରେ ତମ ନିଶି ଲିଭୁ ।।

ମଙ୍ଗଳ ମୂରତି ପ୍ରଭୁ
...ମ ସରଜିଛ ସବୁ
ପୁ... ଫଳ ...ଳ ଆଉ ମାଟି
...ପ୍ରଦୀପ ଜାଳି
...ଉଛୁ ଲୁହଡାଳି
ଶେଷ ହେଉ ଦୁଃଖ ରାତି
ସୁଖର ସିନ୍ଦୂରା ଯାଉ ଫାଟି ।।

-କୁଞ୍ଜର ସଙ୍ଗଳାଇ
ପିପିଲି -ପୁରୀ
୯୬୬୮୨୨୧୯୦

## ବରଷାରାଣୀ



ଆ ବରଷା ରାଣୀ,
ମେଘ ଓଢଣୀ ଟାଣି।
ଚାତକ ପକ୍ଷୀ ଚାହିଁ ରହିଛି
ପାଣି ଟୋପାଏ ପାଇଁ
ପାରତ୍ୱପରେ ମୟୂରୀ ପରା
ନୃତ୍ୟ ଆରମ୍ଭିଲେଣି।

ବରଷା ରାଣୀ ଆ,ତୁବରଷି ଯା
ଟପର ଟପ ଟପରଟପ ତୁ
ତୁ ବରଷିଯା,ତୁ ବରଷି ଯା।

ଚାଷିଭାଇ ସଜାଡ଼ିଲାଣି
ହଳଲଙ୍ଗଳ ତାର
ବଙ୍ଗେ ବେଙ୍ଗୁଲି କେ କଟର
ସାରୁ ବୁଦା ମୂଳର।

ବରଷା ରାଣୀ ଆ
ବେଗି ବେଗି ଆ
ଟପର ଟପ ଟପରଟପ
ତୁ ବରଷିଯା।

ମଥାରେ ଦେ ?ମେଘ ଓଢଣୀ
ଆଗରେ ଥିବ ବାଜା ରୋଷଣୀ
ଚମକାଇ ତୁ ଧରା
ବରଷା ରାଣୀ ଆ
ତୁ ବରଷିଯା।

ତୁ ଆସିଲେ ଗଛପତର
ସବୁଜମୟ ହେବ
ଧରଣୀ ମାତା ସବୁଜ ରଙ୍ଗେ
ରଙ୍ଗେଇ ହୋଇଯିବ।

ଚାଷୀଭାଇଙ୍କ ସୁରିଲାଗୀତ
ଶୁଭିବ ଶସ୍ୟ କ୍ଷେତ
ଘରଣୀ ତାଙ୍କ ହାତରେ ଧରି
ଶୁଖୁଆ ପୋଡ଼ା ଭାତ।

ହିଡ଼ ମୁଣ୍ଡରେ ବସି ଖାଇବେ
ଆନନ୍ଦ ମନ ହୋଇ
ନଦୀ ପୋଖରୀ ଜଳେ ପୁରିବ
ହସି ଝୁଲି ? କଇଁ।

ଆ ବରଷା ରାଣୀ
ମେଘ ଓଢଣୀ ଟାଣି
ଟପର ଟପ ଟପରଟପ
ମେଘୁ ଝରାଇ ପାଣି
ଆ ବରଷା ରାଣୀ
ଆ ବରଷା ରାଣୀ।

ଜଗତ ପାଇଁ, ତୁ କଲ୍ୟାଣମୟୀ
ଜଳଦାନ କାରିଣୀ
ଜଳ ବିହୁନେ ସୃଷ୍ଟି ନାଶ
ସୃଷ୍ଟି ଧ୍ୱଂସ କାରିଣୀ।

ଆ ବରଷା ରାଣୀ
ମେଘ ଓଢଣୀ ଟାଣି
ଆ ବରଷା ରାଣୀ
ଆ ବରଷା ରାଣୀ।

● ପୁଷ୍ପାଞ୍ଜଳି ଆଚାର୍ଯ୍ୟ
କେନ୍ଦୁଝର

## କୁହୁକ ପେଡି



● ଶ୍ରୀମତୀ ପ୍ରଭତୀ ରାଣୀ ମହାନ୍ତି

କବିତାର ଏହି କୁହୁକ ପେଡିରେ
ବନ୍ଦୀ ମୁଁ ଯାଅ ଦେଖି
ଗ୍ରୀଷ୍ମରେ ଶିଝୁଚି ବର୍ଷାରେ ଭିଜୁଛି
ଶବ୍ଦର ଯାଦୁ ଚାଖି
ଜୀବନ ଝଡ଼ରେ ବିଷର ପିଆଲା
ଅମୃତ ର ଏକବିନ୍ଦୁ
ପାନ କରିବାକୁ ହୁଏ ମତୁଆଲା
ଲଙ୍ଘୁଛି ମୁଁ ଭାବ ସିନ୍ଧୁ
ଭଲ ପାଇ ଭୁଲ କରିଛି କବିତା
ଜଳୁଛି ମୁଁ ଦିନରାତି
ତୁ କି ବୁଝିବୁ ଅନ୍ତର ବେଦନା
ତୋ ବିନା ନାହିଁ କେ ସାଥି
ଆତ୍ମାପକ୍ଷୀମୋର ଖୋଜେ
ବାରବାର
ହୃଦୟ ଦରଜା ଖୋଲି
ମାନ ଅଭିମାନ ଯେତେକଲେ
ମୋତେ
ତଥାପି ଯିବିନି ଭୁଲି
ଦୁଃଖ ବେଦନାରେ ଏହି ଦୁଇ
ପାଦ
ଯେବେ ବି ଅଟକି ଯାଉ
ହୃଦୟ ଚଟାଣ ଉପରେ ଲେଖିବି
ଏ ଆମ ସମ୍ପର୍କ ଥାଉ

- ସି ଆର ଆର ଆଇ
ଭଦିମୂଳ, କଟକ
୭୩୭୧୮୧୭୯୧୫

## ରଥରେ ଦେଖିଲେ କଳାବାମନ

● ଜେନା ପ୍ରଦୀପ

ରଥରେ ଦେଖିଲେ କଳାବାମନଙ୍କୁ
ପୁନର୍ଜନ୍ମ ହୁଏନାହିଁ,
ସେଥିପାଇଁ ପ୍ରଭୁ ରଥଯାତ ଦେଖି
ପୁରୀ ଜମା ଯିବିନାହିଁ।
ବାରବାର ମୋତେ ମଣିଷ ଜନମ
ଦେଉଥିବ ଆହେ ସାଇଁ।।

ସବୁଠୁ ଦୁର୍ଲ୍ଲଭ ମଣିଷ ଜୀବନ
ଅଟେ ଏଇ ଧରାତଳେ,
କେତେ ଜନ୍ମ ପରେ ମଣିଷ ଜନମ
ପାଇଛି ମୁଁ ପୁଣ୍ୟବଳେ।
ବିଭୁପ୍ରେମେ ମାତି ଦିନ ଯାଉ ବିତି
ଆନ ସୁଖ ଖୋଜୁନାହିଁ,
ବାରବାର ମୋତେ ମଣିଷ ଜନମ
ଦେଉଥିବ ଆହେ ସାଇଁ।।

ବାପା ମାଆ ଭାଇ ଭଉଣୀଙ୍କୁ ପାଇ
ଖୁସିରେ ଜୀବନ ବଢେ,
ସ୍ୱାମୀ କନ୍ୟା ପୁତ୍ର ସୋଦରଙ୍କ ସାଥେ
ଭାବର ବନ୍ଧନ ଯୋଡେ।
ଏମିତି ସମ୍ପର୍କ ଭୁଲିବି କେମିତି
ବହୁଛି ଜୀବନ ନଈ,
ବାରବାର ମୋତେ ମଣିଷ ଜନମ
ଦେଉଥିବ ଆହେ ସାଇଁ।।

ରାମ କୃଷ୍ଣ ବୁଦ୍ଧ କେତେ ରୂପେ ପ୍ରଭୁ
ପୃଥିବୀ ମାଆର କୋଳେ
କରିଗଲ ଲୀଳା ଆହେ ଚକାଡୋଳା
ତୁମ କଥା ବସି ଭାଳେ।
ନଶ୍ୱର ଜୀବନ କରିଛ ବରଣ
ତୁମେ ଯେ ଈଶ୍ୱର ହୋଇ,
ବାରବାର ମୋତେ ମଣିଷ ଜନମ
ଦେଉଥିବ ଆହେ ସାଇଁ।।

ସଂସାର କାହାକୁ ଲାଗିଲେ ଖରାପ
ମୋର କିବା ଯାଏ ଆସେ
ଏଇ ଧରଣୀର ଧୂଳି ମୋତେ ପ୍ରଭୁ
ଚନ୍ଦନ ପରିକା ବାସେ।
ଜଗତଜୀବନ ତୁମ ଜଗତର
ତୁଳନା ସତରେ ନାହିଁ,
ବାରବାର ମୋତେ ମଣିଷ ଜନମ
ଦେଉଥିବ ଆହେ ସାଇଁ।।

ସେନେହ ଶରଧା ପ୍ରୀତି ଅନୁରାଗ
ଦେଇଛ ହୃଦୟେ ଭରି
ତୁମ ନାମ ରସ ପାନ କରି ତୋଷ
ମନ ମୋ ଉଠଇ ପୂରି।
ହେ କଳା ମାଧବ ଜୀବନ ବାନ୍ଧବ
ଧନ୍ୟ ମୁଁ ତୁମକୁ ପାଇ,
ବାରବାର ମୋତେ ମଣିଷ ଜନମ
ଦେଉଥିବ ଆହେ ସାଇଁ।।

-ଲକ୍ଷ୍ମୀପାଦ, ପ୍ଲଟ ନଂ ୩ଇ
୧୦୧୮
ସେକ୍ଟର ୧୩, ମର୍କତନଗର
ସିଡିଏ କଟକ,
ମୋ-୯୯୩୮୫୨୦୩୭୧

## ଗୁଣ୍ଡିଚା ଯାତ୍ରା

● ନିରଞ୍ଜନ ସାହୁ

ଘୋଷଯାତ୍ରା ଆଜି ଆସିଅଛି ପରା
ଗୋଟିଏ ବରଷ ପରେ
ଶ୍ରୀକ୍ଷେତ୍ର ଧାମ ଯେ ଉଛୁଳି ପଡୁଛି
ଭକ୍ତ ମନେ ଭକ୍ତି ଭରେ ।

ଆଷାଢ଼ ଶୁକଳ ଦ୍ ?ତୀୟା ତିଥିରେ
ରଥଯାତ୍ରା ହୋଇଥାଏ
ଭକତ ଭକ୍ତିରେ ନିମଗ୍ନ ହୋଇକି
ଶ୍ରୀକ୍ଷେତ୍ର ଧାମକୁ ଯାଏ
ରଥରେ ଦିଅଁଙ୍କୁ ଦର୍ଶନ କରିବ
ଏହି ଆଶା ସିଏ କରେ ।

ପହଣ୍ଡି ବିଜୟେ ଚାହିଁଆ ହଲାଇ
ଦିଅଁ ବିଜେ ଝୁଲିଝୁଲି
ସେ ଶୋଭା ଦର୍ଶନେ ଭକତ ପ୍ରବର
ନିଜକୁ ତ ଯିବେ ଭୁଲି
ଚାରମାଳ ଚଢ଼ି ରଥରେ ବସିବେ
କରୁଣାର ଝର ଝରେ ।

ତାମଯାନେ ବସି ଠାକୁର ରାଜା ଯେ
ଶ୍ରୀନଅରୁ ବିଜେ କରି
ତିନି ରଥେ ଛେରାପହଁରା କରିବେ
ସୁନା ଖଡ଼ିକାକୁ ଧରି
କୋଟିଏ ରାଜାଙ୍କ ମଉଡମଣୀ ସେ
ପରିଚିତ ଘରେଘରେ ।

ଏହାପରେ ଚାରମାଳ ଖୋଲାହୋଇ
ଦଉଡି ସଂଯୋଗ ହେବ
ଭକତ ରଥକୁ ଟାଣିବା କାର୍ଯ୍ୟରେ
ଅବିଳମ୍ବେ ଯୋଗଦେବ
ଡାହୁକ ଡାକିଲେ ରଥ ଟଣାଯିବ
ଏହି ଦୃଶ୍ୟ ମନ ହରେ ।

ମାଉସୀମା ' ମନ୍ଦିରରେ ପୋଡ଼ପିଠା
ଦିଅଁଙ୍କୁ ହୋଇବ ଲାଗି
ଭକ୍ତ ସାଲବେଗ ପ୍ରଭୁ ଦର୍ଶନାର୍ଥେ
ନିଶ୍ଚୟ ଉଠିବେ ଜାଗି
ଗୁଣ୍ଡିଚା ମନ୍ଦିରେ ରଥ ପହଞ୍ଚିଲେ
ଗୁଣ୍ଡିଚା ଯାତରା ସରେ ।

-ଗଁଦିଆ ପାଟଣା, ଢେଙ୍କାନାଳ,
୯୯୩୮୭୪୧୫୮୩

## ହେଇଯିବ କାଳେ ଦେଖା

● ପ୍ରଶାନ୍ତ କୁମାର ନାୟକ



ଭୁଲିବି କେମିତି ଅତୀତର ସ୍ମୃତି
ବେଳେବେଳେ ପଡେ ମନେ,
ତୁମର ସେ ଗୁଣ ଲାଜଲାଜ ହସ
ଫେରିବନି ମୋ ଜୀବନେ ।।

ଜୀଇଁବାରେ ଏଠି କେତେଯେ ଯାତନା
କଟେନାହିଁ ରାତି ଦିନ ,
ବସନ୍ତ ମଳୟ କିଛିବି ଆସେନା
ଶୁଭେନା କୋଇଲି ଗାନ ।।

ଅସହ୍ୟ ହେଲାଣି ବିରହ ଜ୍ୱଳନ
ଦୂରକର ଅଭିମାନ ,
ଫେରିଆସ ପୁଣି ଜୀବନେ ମୋହର
ରଖ ମୋ ପ୍ରେମର ମାନ ।।

ଜନମ ଜନମ ତପ କରିପାରେ
ତୁମକୁ ପାଇବା ପାଇଁ ,
ବଡଠାରୁ ବଡ ପାପ କରିପାରେ
କେବଳ ତୁମରି ପାଇଁ ।।

ସପନରେ ମୋର ଆସନାହିଁ ପ୍ରିୟା
ଉଜାଗରେ କଟେ ରାତି ,
ହସ ପରିବର୍ତ୍ତେ ଲୁହ ଉପହାର
ଆଉ ଦିଅନାହିଁ ସାଥୀ ।।

ଦିନପରେ ଦିନ ବିତିଯାଏ ମୋର
ମିଳନ ନାହିଁ ଗୋ ଲେଖା ,
ସାରା ଜୀବନ ମୁଁ ଖୋଜି ବୁଲୁଥିବି
ହେଇଯିବ କାଳେ ଦେଖା ।।

-ଭୁବନେଶ୍ୱର
୮୨୪୯୬୫୦୪୧୪

## କଲମ



● ହରିହର ମହାନ୍ତ

କଲମ ତୋ ଦାଢ ବଲମଠୁଁ ବଳି
ପ୍ରମାଣ ଅଛି ସଂସାରେ
ତୋର ପରାଭବ କାଳର ବକ୍ଷରେ
ରହେ ଅମର ଅକ୍ଷରେ ।୧।

ନୀଳକଣ୍ଠ ସମ ସଂସାରର ଜ୍ ?ଳା
ପିଇବାରୁ ନିରନ୍ତରେ
ଶିରା ପ୍ରଶିରାରୁ ଶୋଣିତର ଧାରା
ନୀଳବର୍ଣ୍ଣ ହୋଇ ଝରେ । ୨ ।

ନାହିଁ ନାହିଁର ଏ ସଂସାରବୁକୁରେ
ପାଦ ଥାପି ଆଉଥରେ
ମଣିଷର ଯେତେ ଅକୁହା ବେଦନା
କହୁଥାଅ ନିରନ୍ତରେ ହ୍ଧ ୩ ।

ମଙ୍ଗଳଗ୍ରହରୁ ଆସିବେନି କେହି
ଦେବଦୂତ ଅବତାରେ
ସବୁ ଅସମ୍ଭବ ସମ୍ଭବ ହୋଇବ
ତୁମରି ଏକୋଇ ଗାରେ ।୪ ।

ଚାତକ ପରାୟେ ପରହାତ ଟେକା
ଚାହାଁନ୍ତି ଯେତେକ ନରେ
ଅଜ୍ଞତା ଦୋଷରୁ ଅନାହାର ବ୍ୟାଧି
ଆକ୍ରାନ୍ତ ହୁଅନ୍ତି ଖରେ ।୫।

ଆହା କରିବାକୁ ସାହା ନାହିଁ କେହି
ଏତେ ବଡ ଦୁନିଆଁରେ
ଅଣ୍ଟାଭିଡ଼ିବାକୁ ହେବ ତୋତେ ଆଜି
ସହାୟତା ପାଇଁ ତା'ରେ ।୬।

ଦୀପଶିଖା ସାଜି ପଥ କଢାଇବୁ
ଘନ ଅଜ୍ଞାନ ତିମିରେ
ସାରାଜଗତକୁ ଚଳାଉ ଯେମନ୍ତେ
ଚଳାଇବୁ ସେ ପ୍ରକାରେ ।୭।

-କୁଲାଡେରା, ମଣ୍ଡୁଆ,
କେନ୍ଦୁଝର
୮୩୨୮୯୨୮୭୯୩

## ଛୁଆର ସାଥିରେ ...

ଛୁଆ ଯେବେ ଆଖି ମେଲେ ...
କିଛି ଜାଣିବାକୁ ଲୋଡ଼େ ...
ଗୁରୁଟେ ଜନମ ନିଏ ଏହି ସମୟରେ,

କିଛି ଶିଖିବା ଆଶାରେ ...
ସେ ଯେଉଁ ପ୍ରଶ୍ନ ପଚାରେ ...
ଗୁରୁ ତା'ର ମନ କଥା ଭଲେ
ବୁଝିପାରେ।

ଆପେ ଆପେ ଛୁଆ ଆ ?ଟେ ସିଏ
ମାଡ଼ିଚାଲେ,
ମିତଟିଏ ରୂପେ ସିଏ ଚାଲେ ଏକା
ତାଳେ।
ତା' ସେନେହ ଭାବଟିକୁ ଛୁଆ
ବାରିପାରେ,
ତାହାଠାରୁ ଶିଖିବାକୁ ଖୁସିରେ ପଚାରେ।

ଏ ଧାରାରେ ଶିଖିବାର ବାଟ
ଖୋଲିଚାଲେ,
ଛୁଆ ଦେଇ ଗୁରୁଟିକୁ ଅବସର ମିଳେ। (୦)

ଗୁରୁ ଗଢ଼ା ହୁଏ ନାହିଁ ବହିର ବଳରେ,
ଗୁରୁ ମାନେ ପାଏ ନାହିଁ ଚାକିରିଟେ
କଲେ।
ଗୁରୁ କେହି ବନେ ନାହିଁ ବାଳ
ପାଚିଗଲେ,
ଗୁରୁ ପଦବୀ ମିଳେନି ଛାଟଟେ ଧରିଲେ।

ଗୁରୁ ସଦା କଅଁଳାଏ ଛୁଆଟେ ଚାହିଁଲେ,
ଏହା ହିଁ ଭାବ ଜଗାଏ ଗୁରୁର ଅନ୍ତରେ।
ସହଯୋଗ ନ କରି କି' ଗୁରୁ ରହିପାରେ,
ମହା ସୁଖ ପାଏ ସିଏ ଏହା କରିବାରେ।

ଛୁଆଦେଇ ସେ ଜୀବନେ ଡେଣା
ଯୋଡ଼ିପାରେ,
ତାହା ସାଥେ ଚାଲି ନିଜେ ସତ
ଜାଣିପାରେ। (୧)

ମଣିଷ ହିଁ ଜଗତକୁ ଭଲେ ଜାଣିପାରେ,
କେହି ଜାଣିବା ଚାହିଁଲେ ସେ ଭରେ
ଖୁସିରେ।
ସାଥେ ମିଶି ଶିଖିବାକୁ ସେ ଚାହେଁ
ଖୁସିରେ,
ଛୁଆ ସାଥେ ଶିଖିଲେ ସେ ଭଲେ
ବୁଝିପାରେ।

ଛୁଆ ସାଥେ ସିଏ ଜଣେ ମିତ
ବସିପାରେ,
ତା' ସାଥେ ମିଶି ଶିଖିଲେ ଭଲେ
ବୁଝିପାରେ।
ଛୁଆଦେଇ କାଲିଟିକୁ ସେ ସଜାଇପାରେ,
ଜଗତକୁ ଭଲ ରୂପେ ସିଏ ବୁଝିପାରେ।

ଛୁଆ ଥାଏ ତାହା ଠାରୁ କେତେ ଯେ
ଆଗରେ,
ଏହାଛଡ଼ା କେଉଁଠୁ ସେ
ସତ ଜାଣିପାରେ (୨)

● ଡ଼. ବିନୟକୃଷ୍ଣ ପଟ୍ଟନାୟକ
ଲୋନାଓ୍ବାଲା

## ଗ୍ରାମ ପଞ୍ଚାୟତ



● ବସନ୍ତ କୁମାର ପ୍ରଧାନ

ଗ୍ରାମ ପଞ୍ଚାୟତ ବସିଥିଲା ଦିନେ
ହେବାକୁ ନ୍ୟାୟ ନିଶାପ
ସବୁ ଦେଖି ସବୁ ଶୁଣି ନେଲା ପରେ
ମନଟା ହେଲା ଖରାପ ।

ସତ କହିବାକୁ କିଛି ଲୋକଙ୍କର
ନଥାଏ ସତ୍ ସାହସ
କିଛି ବ୍ୟକ୍ତି ରହି ଯାଆନ୍ତି ନୀରବ
ନବାଛି ଦୋଷ ନିର୍ଦୋଷ କ୍ଷ

ସତ କଥା ବ୍ୟକ୍ତ କରିଲେ ସମ୍ପର୍କ
କାଳେ ହୋଇଯିବ ତିକ୍ତ
ଆଉ କିଛି ବ୍ୟକ୍ତି ବୁଝୁ ବା ନବୁଝୁ
ହୋଇଥାନ୍ତି ଅନ୍ଧଭକ୍ତ ।

ବେଳେ ବେଳେ ପକ୍ଷପାତ ନୀତି ହୁଏ
ଧନୀ ଦରିଦ୍ରଙ୍କୁ ନେଇ
ଧର୍ମ ସଭାରେ ଯେ ପକ୍ଷପାତ ନୀତି
ଜମା ଶୋଭାପାଏ ନାହିଁ ।

ନ୍ୟାୟ ଦେବା ପାଇଁ ସତ କହିବାକୁ
ଦିଏ ଯିଏ ପଛଘୁଞ୍ଚା
ମୃତ୍ୟୁ ପରେ ସେହି ଶମନ ପୁରରେ
ଖାଇଥାନ୍ତି କେତେ ଖେଞ୍ଚା।

ସାଧାରଣ ବ୍ୟକ୍ତି ନୁହେଁ ସଭାପତି
ସାକ୍ଷାତ ଧର୍ମାବତାର
ସମସ୍ତଙ୍କ ପ୍ରତି ସମାନ ଦୃଷ୍ଟିରେ
କରନ୍ତି ନ୍ୟାୟ ବିଚାର ।

ପାପ ଆଉ ପୁଣ୍ୟ ଉଭୟ ରହିଛି
ତାଙ୍କର ବିଚାର ପାଇଁ
ଧରମ ସଭାରେ ମିଛ ଯେ କହଇ
ଘୋର ନରକେ ପଡ଼ଇ।

-ହରିହରପୁର,
ଛେଣ୍ଡିପଦା, ଅନୁଗୋଳ
୭୭୩୫୬୧୧୪୮୪

## ସୁବର୍ଣ୍ଣ ଛାଉଣି ମୋ ଜଗା କାଳିଆ

● ତାରାପ୍ରସାଦ ଜେନା

ସୁବର୍ଣ୍ଣ ଛାଉଣି ମୋ ଜଗା କାଳିଆ
ବସିଛି ରଥରେ ଶକ୍ତ
ନେତ୍ରକୁ ପବିତ୍ର ସଫଳ କରିବ
ଆସହେ ପରମ ଭକ୍ତ
ସୁବର୍ଣ୍ଣ ଛାଉଣି ମୋ ଜଗା
କାଳିଆ...... ! ୦ !

ନାଳିଆ ଅଧରେ ମୁରୁକି ହସୁଛି
ଜଗତ ମୋହନ ରାଜା
ପତିତ ପାବନ ନାମକୁ ବହିଛି
ଉଡ଼ାଏ ଧରମ ଧ୍ ?ଜା,
ପାପିଷ୍ଠ ନିକୃଷ୍ଟ ଚକ୍ରରେ ଛେଦୁଛି
ସଂସାର କଳୁଷ ମୁକ୍ତ
ସୁବର୍ଣ୍ଣ ଛାଉଣି ମୋ ଜଗା
କାଳିଆ...... ! ୧ !

ବିଶ୍ୱାସ ସହିତ ସବୁଠି ରହିଛି
ଭାବକୁ ନିକଟ ଦୂର
ଯେମିତି ଡାକିବ ସେମିତି ଶୁଣିବ
ସିଏ ତ ଅନ୍ତର ସ୍ୱର,
ତା ପାଖେ ଆସିକି କେହି ତ ଫେରିନି
ଶୂନ୍ୟରେ ପୂର୍ଣ୍ଣତା ଯୁକ୍ତ
ସୁବର୍ଣ୍ଣ ଛାଉଣି ମୋ ଜଗା
କାଳିଆ...... ! ୨ !

-ରଣପୁର, ଜିଲ୍ଲା-ନୟାଗଡ଼,
୯୩୪୮୦୫୪୩୦୦

## ନାଳି ରଙ୍ଗ

● ଦୀପକ କୁମାର ନାୟକ



ତୋତେ ଭଲ ଲାଗେ ନାଳି ରଙ୍ଗ ବୋଲି
ହାତକୁ ମୋ କାଟିଦେଲି
ସେହି ରକତରେ ତୋହରି ମଥାରେ
ସିନ୍ଦୁର ପିନ୍ଧାଇଥିଲି ।।
ତୋତେ ମୋର ମନ ପସନ୍ଦ ବୋଲିକି
ମନଟାକୁ ଦେଇଥିଲି
ପ୍ରତି ମୂହୁର୍ତ୍ତରେ ସେଇ ମନକଥା
କହୁଥିଲି ତୋତେ ଖୋଲି ।।
ଆପଣାର ଭାବି ହୃଦୟକୁ ମୋର
ସମର୍ପଣ କରିଥିଲି
ଜାଣି ମୁଁ ନଥିଲି ସାତପର ଦିନେ
ମୋତେ ତୁ ଭାବିବୁ ବୋଲି ।।
ସିନ୍ଦୂର ବଦଳେ ହାତ କାଟି ରକ୍ତ
ମଥାରେ ପିନ୍ଧେଇଥିଲି
ଜାଣି ମୁଁ ନଥିଲି ତୋ ମନେ ମୋପାଇଁ
ଛଳନା ରହିଛି ବୋଲି ।।
ନାଳି ରଙ୍ଗ ତୋତେ ଭଲ ଲାଗେ ବୋଲି
ହାତକୁ ମୋ କାଟିଥିଲି
ସେଇ ରକ୍ତ ନେଇ ହୋଲି ତୁ ଖେଳିବୁ
ଯମାରୁ ଭାବିନଥିଲି ।।
ଜୀବନଠାରୁ ମୁଁ ଅଧିକ ଲୋ ତୋତେ
ପାଇଥିଲି ଦିନେ ଭଲ
ଏଡ଼େ ସ୍ୱାର୍ଥପର ବୁଝି ପାରିଲୁନି
ମୋ ପ୍ରେମର ତୁହି ମୂଳ ।।
ରକ୍ତରେ ମୋହର ହୋଲି ଖେଳି ନିଶ୍ଚେ
ଖୁସି ଭାରି ହେଉଥିବୁ
ଜଣାନାହିଁ ତୋତେ କଳାକର୍ମ ଫଳ
ନିଶ୍ଚୟ ଦିନେ ଭୋଗିବୁ
ନିଶ୍ଚୟ ଦିନେ ଭୋଗିବୁ ।।.

-ଗଣ୍ଡାନାଳୀ, ହିନ୍ଦୋଳ,
ଢେଙ୍କାନାଳ, ୮୬୩୭୨୬୧୮୨୮

## ବରଷା ଋତୁ ଯେ ଆସିଲା

● ରମେଶ ଚନ୍ଦ୍ର ନାୟକ



ବରଷା ଋତୁ ଯେ ଆସିଲା
ସବୁଜ ଶାଢ଼ୀକୁ ଧରଣୀ ପିନ୍ଧିକି
କେତେ ଯେ ସୁନ୍ଦର ଦିଶିଲା ।
ସାରୁ ବୁଦା ମୂଳେ ଲୁଚିକି
ବେଙ୍ଗୁଲୀ ନାନୀ ଗାଉଛି ଗୀତ
ଆକାଶେ ବାଦଲ ଦେଖିକି ।
ଝିପି ଝିପି ବର୍ଷା ହୋଇଲା
ସବୁଜ ଘାସ ରେ ସାଧବ ବୋହୂ
ଲୁଚି ଥିରି ଥିରି ଚାଲିଲା ।
ରିମ୍ ଝିମ୍ ବର୍ଷା ଝରୁଛି
ବର୍ଷାରେ ଭିଜି କୁନା ଖେଳଇ
ମାଆ ଠାରୁ ଗାଳି ଖାଉଛି ।
ଓଦା ସର ସର ହୋଇକି
ବାଳ ବାଳିକା କାଗଜ ଡଙ୍ଗା
ଭସାନ୍ତି ନଳାରେ ହସିକି ।
ଫୁଲ ଫୁଟି ବାସ ବାସୁଛି
କିଆ କେତକୀ ମଲ୍ଲୀ ମାଳତୀ
ଦିଗ ଚହଟାଇ ଦେଉଛି ।
ଚାଷୀ ମୁଣ୍ଡେ ଠେକା ଭିଡିକି
ହଳ ଲଙ୍ଗଳ ଯୁଆଳି ଧରି
ଚାଷ କରେ ଜମି ତାଡିକି ।
ବଗିଚାରେ ମାଆ ନଇଁକି
ପୋଇ କଖାରୁ ଖଡା ଗଛକୁ
ପୋତୁଅଛି ମନ ଦେଇକି ।
ଚାରିଆଡେ ପାଣି ଖେଳୁଛି
ନାଳ ବନ୍ଧରେ ଖଇଁଚି ବସାଇ
ମାଧ ଜେଜେ ମାଛ ଧରୁଛି ।

-କେଶରପୁର , ବକ୍ସି
ବଜାର, କଟକ
୭୯୭୮୧୫୧୭୧୦

## ରାୟପୁର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଆୟୋଜନ

ରାୟପୁର ୧୬/୦୭: ଗାୟତ୍ରୀ ନଗରସ୍ଥିତ ଛତିଶଗଡ଼ର ସର୍ବବୃହତ ଜଗନ୍ନାଥ ମନ୍ଦିରଠାରେ ରଥଯାତ୍ରା ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ମନ୍ଦିରରେ ବଡ଼ି ଭୋରରୁ ବିଶେଷ ପୂଜାର୍ଚ୍ଚନା କରାଯିବା ପରେ ଦିଅଁମାନଙ୍କୁ ରକ୍ତଚନ୍ଦନ, କେଶର, ଗୋଚରଣ, କସ୍ତୁରୀ ଏବଂ କର୍ପୂର ଦ୍ୱାରା ସ୍ନାନ କରାଯାଇ ଗଜାମୁଗ ଭୋଗ ଅର୍ପଣ କରାଯାଇଥିଲା। ଚଳିତ ବର୍ଷ ଏଠାରେ ରାୟପୁର ଓ ଏହାର ଆଖପାଖ ଇଲାକାରୁ ଆସିଥିବା ପ୍ରାୟ ଲକ୍ଷାଧିକ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତଙ୍କର ଭାରି ଭିଡ଼ ପରିଲକ୍ଷିତ ହୋଇଥିଲା। ଭକ୍ତ ଓ ଭଗବାନଙ୍କର ମହାମିଳନର ଏହି ମହାନ ପର୍ବକୁ କେନ୍ଦ୍ର କରି ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉଲ୍ଲାସ, ଉତ୍ସାହ ଓ ଉଦ୍ଦୀପନା ଦେଖାଯାଇଥିଲା।ହୋମ ଯଜ୍ଞ ପରେ ଦିନ ୧୧ଟା ୪୫ ମିନିଟ୍ ସମୟରେ ମନ୍ଦିର ସାମ୍ନାର ବଡ଼ଦାଣ୍ଡରେ ଦଣ୍ଡାୟମାନ ତିନୋଟି ରଙ୍ଗାରଙ୍ଗ ରଥ ଉପରକୁ ଠାକୁରମାନଙ୍କର ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ପ୍ରଥମେ ପ୍ରଭୁ ସୁଦର୍ଶନ, ତା'ପରେ ବଡ଼ଭାଇ ବଳଭଦ୍ର, ପରେ ପରେ ଦେବୀ ସୁଭଦ୍ରା ଓ ସବାଶେଷରେ ଜଗତରନାଥ ଶ୍ରୀ ଜଗନ୍ନାଥଙ୍କୁ ସାହି ରୋଷଣୀ କରାଯାଇ ତିନି ରଥ ଉପରକୁ ନିଆଯାଇଥିଲା। ଉପସ୍ଥିତ ସେବାୟତ ଓ ଦର୍ଶକମାନଙ୍କ ଦ୍ୱାରା ଶଙ୍ଖ, ଘଣ୍ଟ, କରତାଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଗହଗହ ନାଦ, ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଗଗନ ପବନ ପ୍ରକମ୍ପିତ ହୋଇଉଠିଥିଲା। ମନ୍ଦିର ପରିଚାଳନା କମିଟି ଶ୍ରୀ ଜଗନ୍ନାଥ ମନ୍ଦିର ସେବା ସମିତିର ସଭାପତି ତଥା ସ୍ଥାନୀୟ ବିଧାୟକ ପୁରନ୍ଦର ମିଶ୍ରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭିଡ଼କୁ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ବ୍ୟାପକ ମାତ୍ରାରେ ପ୍ରସାଦ ବଣ୍ଟନର ବ୍ୟବସ୍ଥା



ସ୍ୱେଚ୍ଛାସେବକ ମାନଙ୍କ ଦ୍ୱାରା କରାଯାଇଥିଲା।ଏଠାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛତିଶଗଡ଼ର ରାଜ୍ୟପାଳ ରମେନ ଡେକା ରଥଗୁଡ଼ିକ ସାମ୍ନାରେ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାୟ ତାଙ୍କୁ ସହଯୋଗ କରିଥିଲେ। ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥିମାନଙ୍କ ମଧ୍ୟରେ ରାଜ୍ୟପାଳଙ୍କର ସହଧର୍ମିଣୀ ରାଣୀ ଡେକା କାକୋତି ଏବଂ ଝିଅ ଅୟୁଶ୍ମୀତା ଡେକା, ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ କୌଶଲ୍ୟା ଦେବୀ ସାୟ,ପୂର୍ବତନ ମନ୍ତ୍ରୀ ତଥା ସାଂସଦ ବ୍ରିଜମୋହନ ଅଗ୍ରୱାଲ, ରାୟପୁରର ମେୟର ମିନାଲ ଚୋବେ, ଭାଜପାର ଜିଲ୍ଲା ସଭାପତି ରମେଶ ଠାକୁର,ରାଜ୍ୟ ନାଗରିକ ଆପୂର୍ତ୍ତି ନିଗମ ଅଧ୍ୟକ୍ଷ ସଞ୍ଜୟ ଶ୍ରୀବାସ୍ତବ ଏବଂ ୱାର୍ଲଡ଼ ଓଡିଶା ସୋସାଇଟିର ସାଧାରଣ ସମ୍ପାଦକ କୃପାନିଧି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।ଅପରାହ୍ନରେ ତିନି ରଥ ଟଣା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସୁନ୍ଦର, ସୁଶୋଭିତ ଓ ସୁସଜ୍ଜିତ ରଥଗୁଡ଼ିକୁ ଗାୟତ୍ରୀ ନଗରରୁ ଟଣାଯାଇ ଏକ କିଲୋମିଟର ଦୂରବର୍ତ୍ତୀ ବି.ଟି.ଆଇ. ମୈଦାନକୁ ନିଆଯାଇ ଶଙ୍କର ନଗର ଥାନା ରାସ୍ତା ଦେଇ ପୁଣି ମନ୍ଦିର ବେଢ଼ାକୁ ଫେରାଇ ଅଣାଯାଇଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଉପସ୍ଥିତ ଥିବା ଭକ୍ତମାନେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଦିବ୍ୟ ଦର୍ଶନ ଲାଭ କରି କୃତକୃତ୍ୟ ହେଉଥିବାର ଦୃଶ୍ୟ ଅନୁପମ ଥିଲା। ସନ୍ଧ୍ୟା ୬ଟା ୩୦ ମିନିଟ୍ ସମୟରେ ଠାକୁରମାନଙ୍କୁ ତିନି ରଥ ଉପରୁ ପୁଣି ପହଣ୍ଡି କରାଯାଇ ମନ୍ଦିର ବେସମେଣ୍ଟରେ ଥିବା ମାଉସୀମା ଘରକୁ ନିଆଯାଇଥିଲା। ସେଠାରେ ଥିବା ଆଡ଼ପ ମଣ୍ଡପରେ ଆସୀନ ହୋଇ ଚାରି ଦିଅଁ ଆସନ୍ତା ଜୁଲାଇ ୨୪ ତାରିଖ ବାହୁଡ଼ା ପର୍ଯ୍ୟନ୍ତ ସର୍ବସାଧାରଣଙ୍କୁ ଦର୍ଶନ ଦେବେ ବୋଲି ଜଣାଯାଇଛି।ସମଗ୍ର ଆୟୋଜନକୁ ସୁଚାରୁ ରୂପେ ସମ୍ପନ୍ନ କରିବାରେ ମନ୍ଦିର ପରିଚାଳନା କମିଟିର ସଂରକ୍ଷକବୃନ୍ଦ ଯଥା ସଭାପତି ପୁରନ୍ଦର ମିଶ୍ର, ସଦସ୍ୟ ମନ୍ମଥ କୁମାର ରାଉତ, ସୁବ୍ରତ ସାହୁ, ସୁବାଷ ଅଗ୍ରୱାଲ, ଗୋପାଳ ଅଗ୍ରୱାଲ, ଦ୍ୱାରିକାଧୀଶ ମିଶ୍ର, ଗୁଣନିଧି ମିଶ୍ର, ଅଶୋକ ଦୁବେ, ଲଳିତ ପ୍ରଧାନ, ପ୍ରକାଶ ଦାସ, ପୀୟୂଷ ମିଶ୍ର, ସୌରଭ ମିଶ୍ର ଓ ଅଜୟ ଦେବତା ପ୍ରମୁଖଙ୍କ ର ଭୂମିକା ଉଲ୍ଲେଖଯୋଗ୍ୟ ଥିଲା। ଚଳିତ ବର୍ଷ ରଥଯାତ୍ରାର ବ୍ୟାପକ ସଫଳତା ପାଇଁ ରାୟପୁର ନଗର ଉତ୍ତର ନିର୍ବାଚନ ମଣ୍ଡଳୀର ସମସ୍ତ ଭାଜପା ନେତା, କାର୍ଯ୍ୟକର୍ତ୍ତା ଓ କର୍ପୋରେଟର, ବିଶେଷ କରି ଯୁବ ଓ ମହିଳା ସମ୍ପ୍ରଦାୟ ଉତ୍ସର୍ଗୀକୃତ ଭାବେ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଇଥିବା ଲକ୍ଷ୍ୟ କରାଯାଇଥିଲା।

### ନୋଏଡାରେ ପ୍ରଥମ ଥର ରଥଯାତ୍ରା

## ରଥ ଟାଣିଲେ ଭକ୍ତ



ନୋଏଡା ୧୬/୦୭: ଉତ୍ତର ପ୍ରଦେଶର ନୋଏଡାର ସେକ୍ଟର ୬୧ସ୍ଥିତ ରୟାଲ ଗାର୍ଡେନ ଇଷ୍ଟେଟ ପରିସରରେ ଅବସ୍ଥିତ ଶ୍ରୀ ସ୍ୱର୍ଣ୍ଣକ୍ଷେତ୍ର ଠାରେ ମହାସମାରୋହରେ ରଥଯାତ୍ରା ଉତ୍ସବ ପାଳନ କରାଯାଇଛି। ଏହି ପବିତ୍ର ପାର୍ବଣ ଉପଲକ୍ଷେ ବଡ଼ି ଭୋରରୁ ମନ୍ଦିର ମଧ୍ୟରେ ରୀତିନୀତି ଅନୁଯାୟୀ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ସକାଳ ୮ଟା ସମୟରେ ଠାକୁରମାନଙ୍କର ଘୋଡ଼ାଗାଡ଼ି ରଥକୁ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା।ପ୍ରଥମ ଥର ପାଇଁ ଏଠାରେ ଆୟୋଜିତ ହେଉଥିବା ରଥଯାତ୍ରାରେ ନୋଏଡାର ସେକ୍ଟର ୬୧, ୫୨, ୫୩ ଓ ୩୩ରେ ବସବାସ କରୁଥିବା ଓଡ଼ିଆ ଏବଂ ଅଣଓଡ଼ିଆ ପ୍ରାୟ ୨୦୦୦ ଭକ୍ତଙ୍କର ସମାଗମ ଘଟିଥିବା ଦେଖାଯାଇଥିଲା। ହୀନ୍ଦୁ ସମ୍ମିଳନୀ ସମିତି, ରୟାଲ ଗାର୍ଡେନ ଇଷ୍ଟେଟ ମନ୍ଦିର ସମିତି ଓ ସାମୁଦାୟିକ ବିକାଶ ସମିତିର ମିଳିତ ସହଯୋଗରେ ଆୟୋଜିତ ଏହି ଘୋଷଯାତ୍ରାକୁ କେନ୍ଦ୍ର କରି ଉପସ୍ଥିତ ଶ୍ରଦ୍ଧାଳୁ ଓ ସଙ୍ଗଠକ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉଲ୍ଲାସ ଓ ଉତ୍ସାହ ଦେଖିବାକୁ ମିଳିଥିଲା। ମୁଖ୍ୟ ଆୟୋଜକ ବିଶିଷ୍ଟ ସମାଜସେବୀ ତଥା ପ୍ରସିଦ୍ଧ ଚାଟାର୍ଡ଼ ଆକାଉଣ୍ଟାଣ୍ଟ ଡକ୍ଟର ମନୋରଞ୍ଜନ ମହାନ୍ତିଙ୍କର ସକ୍ରୀୟ ତତ୍ତ୍ୱାବଧାନରେ ୨୦୦ ସ୍ୱେଚ୍ଛାସେବକଙ୍କ ଦ୍ୱାରା ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ କରାଯାଇଥିଲା।ଏଠାରେ ଭାରତ ସରକାରଙ୍କ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛେରା ପହଁରା କାର୍ଯ୍ୟ ବିଧିମୁତାବକ ସମ୍ପନ୍ନ କରିଥିଲେ। ଏହାପରେ ସକାଳ ୮:୩୦ ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଚାରି ଠାକୁର ବିଦ୍ୟମାନ ଥିବା ସୁନ୍ଦର, ସୁଶୋଭିତ ଓ ସୁସଜ୍ଜିତ ଘୋଡ଼ାଗାଡ଼ିଟିକୁ ସେକ୍ଟର ୬୧ ସ୍ଥିତ କମ୍ୟୁନିଟି ସେଣ୍ଟର ପର୍ଯ୍ୟନ୍ତ ନିଆଯାଇ ଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଶହ ଶହ ଭକ୍ତ ଛିଡ଼ା ହୋଇ ଜଗତର ନାଥ ଜଗନ୍ନାଥଙ୍କର ଦର୍ଶନର ସାନ୍ନିଧ୍ୟ ଲାଭ କରି ନିଜକୁ କୃତକୃତ୍ୟ ମଣୁଥିବାର ଦୃଶ୍ୟ ହୃଦୟସ୍ପର୍ଶୀ ଥିଲା। ଚତୁର୍ଦ୍ଧାମୂର୍ତ୍ତି ଶ୍ରୀ ଜଗନ୍ନାଥ, ଶ୍ରୀ ବାଳଭଦ୍ର, ମାତା ସୁଭଦ୍ରା ଓ ଶ୍ରୀ ସୁଦର୍ଶନ ୧୬ ଜୁଲାଇରୁ ୨୪ ଜୁଲାଇ ପର୍ଯ୍ୟନ୍ତ ୯ ଦିନ ଧରି କମ୍ୟୁନିଟି ସେଣ୍ଟର ସ୍ଥିତ ମାଉସୀ ମା ଘରେ ରହି ୨୪ ଜୁଲାଇକୁ ବାହୁଡ଼ା ଯାତ୍ରା କରି ରୟାଲ ଗାର୍ଡେନ ସ୍ଥିତ ଶ୍ରୀ ସ୍ୱର୍ଣ୍ଣ କ୍ଷେତ୍ର ମନ୍ଦିରକୁ ଫେରିବେ ବୋଲି ଜଣାଯାଇଛି।ଏଠାରେ ସାହାରନପୁରରୁ ଆସିଥିବା ପ୍ରସିଦ୍ଧ ଆଧ୍ୟାତ୍ମିକବିତ୍ ଆଚାର୍ଯ୍ୟ ଅଜୟ କିରଣ ଆଜିଠାରୁ ଆରମ୍ଭ କରି ଜୁଲାଇ ୨୩ ତାରିଖ ପର୍ଯ୍ୟନ୍ତ ଭାଗବତ କଥା ପ୍ରବଚନ ପ୍ରଦାନ କରିବେ ବୋଲି ଜଣାଯାଇଛି। ମନ୍ଦିରରେ ଜୁଲାଇ ୨୪ ତାରିଖରେ ବାହୁଡ଼ା ଯାତ୍ରା ମଧ୍ୟ ପ୍ରଥମ ଥର ପାଇଁ ଖୁବ୍ ଜାକଜମକରେ ଆୟୋଜନ କରାଯିବ ବୋଲି ହୀନ୍ଦୁ ସମ୍ମିଳନୀ ସମିତିର ସଭାପତି ଡକ୍ଟର ମନୋରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି। ଏହି ଧାର୍ମିକ ଓ ସାଂସ୍କୃତିକ ମହୋତ୍ସବର ସବିଶେଷ ବିବରଣୀକୁ 'ଆରମ୍ଭ ଟିଭି' ମାଧ୍ୟମରେ ସିଧା ପ୍ରସାରଣ କରାଯିବ ବୋଲି ମନ୍ଦିର ସୂତ୍ରରୁ ପ୍ରକାଶ।

## ଅହମ୍ମଦାବାଦରେ ପ୍ରଭୁ ଜଗନ୍ନାଥଙ୍କ ୧୪୯ତମ ରଥଯାତ୍ରା

ଅହମ୍ମଦାବାଦ ୧୬/୦୭: ଗୁଜରାଟର ଅହମ୍ମଦାବାଦରେ ପ୍ରଭୁ ଜଗନ୍ନାଥଙ୍କ ୧୪୯ତମ ରଥଯାତ୍ରା ଆରମ୍ଭ ହୋଇଯାଇଛି। କଡ଼ା ସୁରକ୍ଷା ବ୍ୟବସ୍ଥା ଏବଂ 'ଜୟ ଜଗନ୍ନାଥ' ଧ୍ୱନି ମଧ୍ୟରେ, ରଥ ଧୀରେ ଧୀରେ ଆଗକୁ ବଢୁଛି। ଯାତ୍ରା ଆରମ୍ଭ ହେବା ପୂର୍ବରୁ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ତାଙ୍କ ପତ୍ନୀ ସୋନାଲ ଶାହଙ୍କ ସହିତ ଅହମ୍ମଦାବାଦର ଶ୍ରୀ ଜଗନ୍ନାଥ ମନ୍ଦିରରେ ମଙ୍ଗଳ ଆରତୀ କରିଥିଲେ।ଏହାପରେ ଗୃହମନ୍ତ୍ରୀ ଅମିତ ଶାହ ଏକ୍ସରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି: 'ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ, ମୁଁ ଅହମ୍ମଦାବାଦର ଶ୍ରୀ ଜଗନ୍ନାଥ ମନ୍ଦିରରେ ମଙ୍ଗଳ ଆଳତିରେ ଅଂଶଗ୍ରହଣ କରି ଏବଂ ପ୍ରଭୁଙ୍କ ଆଶୀର୍ବାଦ ନେଇଛି। ଭକ୍ତି ଏବଂ ବିଶ୍ୱାସରେ ପରିପୂର୍ଣ୍ଣ ଏହି ମୁହୂର୍ତ୍ତ ସର୍ବଦା ମୋ ପାଇଁ ଏକ ବିଶେଷ ଭାବନା ସୃଷ୍ଟି କରେ। ପ୍ରଭୁ ଶ୍ରୀ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ ଏହା ହିଁ



ମୋର ତାଙ୍କ ନିକଟରେ ପ୍ରାର୍ଥନା । ଜୟ ଜଗନ୍ନାଥ !'ରଥଯାତ୍ରା ଆରମ୍ଭ ହେବା ପୂର୍ବରୁ ଅମିତ ଶାହ ଏକ ପୋଷ୍ଟ ସେୟାର କରି ପବିତ୍ର ରଥଯାତ୍ରା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ଲେଖିଥିଲେ, ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥଙ୍କ ରଥଯାତ୍ରା ହେଉଛି ଅଟଳ ବିଶ୍ୱାସ, ବିଶ୍ୱାସ ଏବଂ ଭକ୍ତିର ଏକ ପ୍ରତୀକ। ଏହି ପବିତ୍ର ଯାତ୍ରା ପ୍ରତିବର୍ଷ ଗୁଜରାଟରେ ବହୁତ ଉତ୍ସାହ ଏବଂ ଆନନ୍ଦର ସହିତ ପାଳିତ ହୁଏ। ମୁଁ ସମସ୍ତଙ୍କ ସୁଖ, ସମୃଦ୍ଧି ଏବଂ ମଙ୍ଗଳ ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।'ରଥଯାତ୍ରା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥାଅହମ୍ମଦାବାଦ ରଥଯାତ୍ରାର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ୩୦,୦୦୦ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଅହମ୍ମଦାବାଦ ଜଗନ୍ନାଥ ରଥଯାତ୍ରା ପ୍ରତିବର୍ଷ ଆଷାଢ଼ ମାସର ଶୁକ୍ଳ ପକ୍ଷର ଦ୍ୱିତୀୟ ଦିନରେ ଜମାଲପୁରର ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୁଏ। ଶୋଭାଯାତ୍ରା ସରସପୁର (ପ୍ରଭୁଙ୍କ ଘର ଭାବରେ ବିବେଚିତ) ପହଞ୍ଚିବା ପରେ ସନ୍ଧ୍ୟାରେ ଜମାଲପୁର ମନ୍ଦିରକୁ ପୁଣି ଫେରି ଆସିଥାଏ।ଥଯାତ୍ରା କିପରି ପରିଚାଳିତ ହୁଏ ଅହମ୍ମଦାବାଦ ରଥଯାତ୍ରା ଏକ ଭବ୍ୟ ଏବଂ ପାରମ୍ପରିକ ଢଙ୍ଗରେ ଆୟୋଜିତ ହୁଏ, ଏହାର ପରିମାଣ ଏବଂ ମହିମା ବର୍ଷକୁ ବର୍ଷ ବୃଦ୍ଧି ପାଉଛି। ଏଠାରେ ରଥଯାତ୍ରା ଭୋର ସମୟରେ ମଙ୍ଗଳ ଆଳତି ଏବଂ ବିଶେଷ ପ୍ରାର୍ଥନା ସହିତ ଆରମ୍ଭ ହୁଏ। ଅମିତ ଶାହ ବର୍ଷ ବର୍ଷ ଧରି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଆସୁଛନ୍ତି। ରଥକୁ ଟାଣିବା ପାଇଁ ୧୮ଟି ହାତୀକୁ ନିୟୋଜିତ କରାଯାଇଛି।

### ସୋନମ ୱାଙ୍ଗଚୁକ୍‌ଙ୍କ ଅନଶନ

## ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପଦକ୍ଷେପ ନେବେ ବୋଲି କୋର୍ଟଙ୍କୁ କହିଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ ୧୬/୦୭: ପରୀକ୍ଷାରେ ଅନିୟମିତତା ଓ ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଯନ୍ତର ମନ୍ତରଠାରେ ଗତ ୧୯ ଦିନ ହେଲା ଅନଶନରେ ଥିବା ସାମାଜିକ କର୍ମକର୍ତ୍ତା ସୋନମ ୱାଙ୍ଗଚୁକ୍ କହିଛନ୍ତି, ସେ ଭଲ ଅବସ୍ଥାରେ ନାହାନ୍ତି, କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏତେ ଖରାପ ମଧ୍ୟ ହୋଇନାହିଁ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ଭିଡିଓ ବାର୍ତ୍ତାରେ ୱାଙ୍ଗଚୁକ୍ ତାଙ୍କୁ ଅନଶନ ଭାଙ୍ଗିବାକୁ କହିବା ଅପେକ୍ଷା ଜୁଲାଇ ୨୦ ତାରିଖରେ ସଂସଦ ଅଭିମୁଖେ ନିର୍ଦ୍ଧାରିତ ପଦଯାତ୍ରାରେ ଯୋଗ ଦେବାକୁ ଲୋକଙ୍କୁ ଅନୁରୋଧ କରିଥିଲେ।ଅନ୍ୟପକ୍ଷରେ ୱାକଚୁକ୍‌ଙ୍କ ଅନଶନକୁ ନେଇ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପଦକ୍ଷେପ ନେବେ ବୋଲି କେନ୍ଦ୍ର ସରକାର ଦିଲ୍ଲୀ ହାଇକୋର୍ଟଙ୍କୁ କହିଛନ୍ତି। ଅନଶନ ଯୋଗୁ ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଉଥିବାକୁ ନେଇ ଚିନ୍ତା ପ୍ରକଟ କରି ହୋଇଥିବା ଆବେଦନର ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହା କୁହାଯାଇଛି। ଦିଲ୍ଲୀ ହାଇକୋର୍ଟଙ୍କ ମୁଖ୍ୟ ବିଚାରପତି ଜଷ୍ଟିସ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଓ ଜଷ୍ଟିସ ତେଜସ୍ କାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟର ପ୍ରତିଦିନ କ୍ଲିନିକାଲ୍ ତଦାରଖ ସୁନିଶ୍ଚିତ କରିବାକୁ ଓ ଯେକୌଣସି ନାଗରିକର ଜୀବନ ମୂଲ୍ୟବାନ ବୋଲି ମନେ କରି



ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ତୁଷାର ମେହେଟା କୋର୍ଟକୁ ସୂଚନା ଦେଇଥିଲେ ଯେ, ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ସରକାରୀ ଡାକ୍ତର ଓ ଚିକିତ୍ସା ବିଶେଷଜ୍ଞମାନେ ପୂର୍ବରୁ ନଜର ରଖିଛନ୍ତି। ସେ ଖଣ୍ଡପୀଠକୁ ଆଶ୍ୱାସନା ଦେଇଥିଲେ ଯେ, ୱାଙ୍ଗଚୁକଙ୍କ ଅବସ୍ଥା ଉପରେ ଆଧାର କରି ଡାକ୍ତରମାନଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକୀୟ ଯେକୌଣସି ସହାୟତା କିମ୍ବା ହସ୍ତକ୍ଷେପ ଯୋଗାଇ ଦିଆଯିବ। କୋର୍ଟ ଓକିଲ ରାକେଶ କୁମାର ସାଇନିଙ୍କ ଦ୍ୱାରା ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରୁଥିଲେ, ଯେଉଁଥିରେ ୱାଙ୍ଗଚୁକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଓ ତାଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରିବା ଓ ଆବଶ୍ୟକ ହେଲେ ବଳପୂର୍ବକ ଖାଦ୍ୟ ଦେବା ସହିତ ଆବଶ୍ୟକୀୟ ଚିକିତ୍ସା ଯୋଗାଇବା ପାଇଁ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ।

## ୨୦୫୦ ସୁଦ୍ଧା ଅନେକ ଆମେରିକୀୟ ସହର ସମୁଦ୍ରରେ ବୁଡ଼ିଯିବ

ୱାସିଂଟନ ୧୬/୦୭: ଆମେରିକା ଉପକୂଳରେ ଜୀବନ ସର୍ବଦା ପରିବର୍ତ୍ତିତ ପାଗ, ଝଡ଼ ଏବଂ ଜୁଆର ଦ୍ୱାରା ପ୍ରଭାବିତ ହୋଇଥାଏ। ବୈଜ୍ଞାନିକଙ୍କ ପାଇଁ ସବୁଠାରୁ ଅଧିକ ଚିନ୍ତାର ବିଷୟ ହେଉଛି ସମୁଦ୍ରର ଜଳସ୍ତରରେ ନିରନ୍ତର ବୃଦ୍ଧି। ଏହି ନୀରବ ବିପଦ ବନ୍ୟାକୁ ଅଧିକ ବିପଜ୍ଜନକ କରୁଛି। ନାସାର ନୂତନ ସାଟେଲାଇଟ୍ ତଥ୍ୟ ବିଶ୍ୱକୁ ଚକିତ କରିଛି। ଗତ ତିନି ଦଶନ୍ଧିର ନାସା ସାଟେଲାଇଟ୍ ତଥ୍ୟ ଦର୍ଶାଉଛି ଯେ ଆଗାମୀ ବର୍ଷଗୁଡ଼ିକରେ ସମୁଦ୍ର ସ୍ତର ହ୍ରାସ ପାଇବାର ଆଶା କରାଯାଉନାହିଁ। ଏହା ଜାରି ରହିଲେ ୨୦୫୦ ସୁଦ୍ଧା, ଅନେକ ଆମେରିକା ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳସ୍ତର ପ୍ରାୟ ୧ ଫୁଟ ବା ୩୦ ସେଣ୍ଟିମିଟର ବୃଦ୍ଧି ପାଇପାରେ। ଏହି ତଥ୍ୟ ନାସାର ପ୍ରାୟ ୩୦ ବର୍ଷର ସାଟେଲାଇଟ୍ ତଥ୍ୟ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ସ୍ଥାପିତ ଜୁଆର ଭଟ୍ଟା ମାପୁଥିବା ଉପକରଣର ରେକର୍ଡ ଉପରେ ଆଧାରିତ। କିଛି ରେକର୍ଡ ୧୦୦ ବର୍ଷରୁ ଅଧିକ ପୁରୁଣା। ବୈଜ୍ଞାନିକମାନେ କହିଛନ୍ତି ଯେ ସମୁଦ୍ର ସ୍ତର ସମାନ ହାରରେ ବୃଦ୍ଧି ପାଉଛି। ଏହାର ଅର୍ଥ ହେଉଛି ବିପଦ ଏବେ ଆମ ନିକଟରେ ପହଞ୍ଚିଛି।ଏହା ଦ୍ୱାରା ଆମେରିକାର ସମସ୍ତ ଅଞ୍ଚଳ ସମାନ ଭାବରେ ପ୍ରଭାବିତ ହେବ ନାହିଁ। ତେବେ କିଛି ସ୍ଥାନରେ, ଭୌଗୋଳିକ ସ୍ଥିତି ଏବଂ ଭୂମି



ଅବନତି ଯୋଗୁଁ ବିପଦ ଅଧିକ ରହିଛି। ଉପସାଗରୀୟ ଉପକୂଳ ସବୁଠାରୁ ଅଧିକ କ୍ଷତି ସହିବ। ଯେଉଁଠାରେ ଜଳସ୍ତର ୧୪ ରୁ ୧୮ ଇଞ୍ଚ ବା ପ୍ରାୟ ୩୫ ରୁ ୪୫ ସେଣ୍ଟିମିଟର ବୃଦ୍ଧି ପାଇପାରେ। ପୂର୍ବ ଉପକୂଳର ସହରଗୁଡ଼ିକ, ଯେପରିକି ନର୍ଫୋକ ଏବଂ ଭର୍ଜିନିଆରେ ୧୦ ରୁ ୧୪ ଇଞ୍ଚ ଜଳ ବୃଦ୍ଧି ପାଇବାର ଆଶା କରାଯାଉଛି। ଏହା ବ୍ୟତୀତ, ଦକ୍ଷିଣ ପୂର୍ବ ଅଞ୍ଚଳରେ ମଧ୍ୟ ହାରାହାରି ୧୨ ଇଞ୍ଚ ଜଳ ବୃଦ୍ଧି ପାଇବ। ପଶ୍ଚିମ ଉପକୂଳ ପାଇଁ ଆଶ୍ୱସ୍ତି ଖବର ରହିଛି। ଯେଉଁଠାରେ ବୃଦ୍ଧି ୪ ରୁ ୮ ଇଞ୍ଚ ମଧ୍ୟରେ ହେବ, କିନ୍ତୁ ସେଠାରେ ମଧ୍ୟ ବିପଦ କମ୍ ହେବ ନାହିଁ।ସାଧାରଣତଃ ବନ୍ୟା ପାଇଁ ଏକ ବଡ଼ ଝଡ଼ କିମ୍ବା ଘୂର୍ଣ୍ଣିବାତ୍ୟା ହେବା ଜରୁରୀ। କିନ୍ତୁ ତାହା ନ ହେଲେ ମଧ୍ୟ ବନ୍ୟା ହୋଇପାରିବ। ସମୁଦ୍ର ସ୍ତର ବୃଦ୍ଧି ପାଇବା ଫଳରେ ଉଚ୍ଚ ଜୁଆର ସୃଷ୍ଟି ହେବ। ଫଳରେ ଲୁଣିଆ ସମୁଦ୍ର ପାଣି ସହରର ରାସ୍ତା, ଘର ଏବଂ ଗୁରୁତ୍ୱପୂର୍ଣ୍ଣ ସରକାରୀ କୋଠାଗୁଡ଼ିକରେ ସହଜରେ ପ୍ରବେଶ କରିବ। ଏହା ଯୋଗୁଁ ଦୈନନ୍ଦିନ ଜୀବନଯାତ୍ରା ସମ୍ପୂର୍ଣ୍ଣ ଠପ୍ ହୋଇଯିବ। ବହୁ ଉପକୂଳ ସହର ସମୁଦ୍ର ପାଣିରେ ବୁଡ଼ିଯିବାର ଆଶଙ୍କା ରହିଛି।ଏଥିରେ ଚକିତ କଲାଭଳି ଏକ ତଥ୍ୟ ମଧ୍ୟ ଅଛି। ୨୦୩୦ ଦଶକର ମଧ୍ୟଭାଗରେ, ଚନ୍ଦ୍ରର କକ୍ଷପଥରେ ଏକ ପ୍ରାକୃତିକ ପରିବର୍ତ୍ତନ ହେବ। ଯାହାକୁ ବୈଜ୍ଞାନିକମାନେ 'ମୁନ୍ ୱୋବାଲ' ବୋଲି କହୁଛନ୍ତି। ଏହି ଚକ୍ର ପ୍ରତି ୧୮.୬ ବର୍ଷରେ ଘଟେ ଏବଂ ଉଚ୍ଚ ସମୁଦ୍ର ଜୁଆର ସୃଷ୍ଟି କରେ। ଏହି ପରିବର୍ତ୍ତନ ଆସିବା ବେଳକୁ, ସମୁଦ୍ର ସ୍ତର ପୂର୍ବରୁ ଯଥେଷ୍ଟ ବୃଦ୍ଧି ପାଇସାରିଥିବ। ଏହା ଯୋଗୁଁ ଉପକୂଳ ଅଞ୍ଚଳରେ ବନ୍ୟା ଦେଖାଦେବ।ଏହି ଭୟଙ୍କର ବିପଦର ପୂର୍ବାନୁମାନ କରିବା ପାଇଁ ନାସା ଏବଂ ଫରାସୀ ମହାକାଶ ସଂସ୍ଥା (ସିଏନଇଏଓ) ୧୯୯୦ ଦଶକଠାରୁ ମିଳିତ ଭାବେ କାମ ଆରମ୍ଭ କରିଛନ୍ତି। ସେବେଠାରୁ, ଅନେକ ଆଧୁନିକ ଉପଗ୍ରହ ଦ୍ୱାରା ନିରନ୍ତର ସମୁଦ୍ର ସ୍ତର ମାପ କରାଯାଉଛି। ଆସୁଛନ୍ତି। ୨୦୨୦ରେ ପ୍ରକ୍ଷେପଣ କରାଯାଇଥିବା ସେଣ୍ଟିନେଲ-୬ ମାଇକେଲ ଫ୍ରିଲିଚ୍ ଉପଗ୍ରହ ସାରା ବିଶ୍ୱରେ ସମୁଦ୍ର ବିଷୟରେ ସଠିକ୍ ସୂଚନା ପ୍ରଦାନ କରୁଛି। ଏହି ମିଶନରେ, ନାସା, ଜାତୀୟ ସାମୁଦ୍ରିକ ଏବଂ ବାୟୁମଣ୍ଡଳୀୟ ପ୍ରଶାସନ(ଏନଓଏଏ)ତଥା ୟୁରୋପୀୟ ମହାକାଶ ସଂସ୍ଥା ଭଳି ଅନ୍ୟାନ୍ୟ ପ୍ରମୁଖ ବିଶ୍ୱ ସଂଗଠନ ସହିତ, ସମୟୋଚିତ ସତର୍କତା ପ୍ରଦାନ କରିବା ପାଇଁ କାର୍ଯ୍ୟ ଜାରି ରଖିଛନ୍ତି।

## ଇସ୍ରୋରେ ଚିନ୍ତା ମହାକାଶ ଗବେଷଣା ସଂସ୍ଥା ଛାଡ଼ିଲେଣି ଶତାଧିକ ବୈଜ୍ଞାନିକ

ନୂଆଦିଲ୍ଲୀ ୧୬/୦୭: ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଗଗନାୟନ ଓ ଚନ୍ଦ୍ରାୟନ-୩ ପରି ମହତ୍ୱାକାଂକ୍ଷୀ ଓ ଗୁରୁତ୍ୱପୂର୍ଣ୍ଣ ମିଶନ ସହିତ ଜଡ଼ିତ ବୈଜ୍ଞାନିକଙ୍କ ଇସ୍ତଫା ମହାକାଶ ବିଭାଗର ଚିନ୍ତା ବଢ଼ାଇ ଦେଇଛି। ଗତ କିଛି ମାସ ହେଲା ୧୦୦ରୁ ଅଧିକ ବୈଜ୍ଞାନିକ ଚାକିରି ଛାଡ଼ି ଦେଇଛନ୍ତି। ବିଭାଗ ବୈଜ୍ଞାନିକଙ୍କ ପଳାୟନ ରୋକିବାକୁ ବଡ଼ ପଦକ୍ଷେପ ନେଇଛି। ଜୁଲାଇ ୧୪ ତାରିଖରେ ଜାରି ଏକ ନୂଆ ବିଭାଗୀୟ ଚିଠି ଜରିଆରେ ବୈଜ୍ଞାନିକଙ୍କ ସ୍ୱେଚ୍ଛାକୃତ ସେବାନିବୃତ୍ତି (ଭିଆର୍‌ଏସ୍) ଓ ଇସ୍ତଫାକୁ ନେଇ ରହିଥିବା ନିୟମକୁ ଅଧିକ କଠୋର କରାଯାଇଛି। ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ମହାକାଶ ବିଭାଗ ବୈଜ୍ଞାନିକଙ୍କ ଚାକିରି ଛାଡ଼ିବା ଉପରେ କେଣସି ସଂଖ୍ୟା ପ୍ରଦାନ କରିନାହିଁ। କିନ୍ତୁ ସୂତ୍ର ଅନୁସାରେ ଏହି ସଂଖ୍ୟା ୧୦୦ରୁ ୧୨୦ ଭିତରେ ହେବ। ୟୁଆର୍‌ଏସ୍‌ସି (ୟୁଆର୍‌ ରାଓ ସାଟେଲାଇଟ ସେଣ୍ଟର)ରୁ ପାଖାପାଖି ୮୦ ଜଣ ଓ ଭିଏସ୍‌ଏସ୍‌ସି (ବିକ୍ରମ ସାରାଭାଇ ମହାକାଶ କେନ୍ଦ୍ର) ଅତିକମ୍‌ରେ ୨୦ ଜଣ ବୈଜ୍ଞାନିକ ଇସ୍ତଫା ଦେଇଛନ୍ତି। ଏହାବ୍ୟତୀତ ଅନେକ ଇସ୍ତଫା ଏବେ ତର୍ଜମା ପର୍ଯ୍ୟାୟରେ ରହିଛି। ସୂଚନାଯୋଗ୍ୟ, ୟୁଆର୍‌ଏସ୍‌ସି ଇସ୍ରୋର ଏକ ପ୍ରମୁଖ କେନ୍ଦ୍ର, ଯାହା ସାଟେଲାଇଟ ଡିଜାଇନ୍, ବିକାଶ, ନିର୍ମାଣ ଓ ପରୀକ୍ଷଣ ସହିତ ଜଡ଼ିତ। ଅନ୍ୟପକ୍ଷରେ ଭିଏସ୍‌ଏସ୍‌ସି ରକେଟ ଟେକ୍ନୋଲୋଜି ଡିଜାଇନ ଓ ବିକାଶ ପାଇଁ ଏକ ପ୍ରମୁଖ କେନ୍ଦ୍ର। ଇସ୍ତଫା ପ୍ରଦାନକାରୀ ବୈଜ୍ଞାନିକଙ୍କ ମଧ୍ୟରେ ଭିଏସ୍‌ଏସ୍‌ସିରୁ ଏଲଭିଏମ୍-୩ ପ୍ରକଳ୍ପର ନିର୍ଦ୍ଦେଶକ ଭିକ୍ଟର ଯୋଶେଫ ଇସ୍ତଫା ଅଛନ୍ତି। ସେହିପରି ୟୁଆରଏସ୍‌ସିର ସ୍ୱାଡେକ୍ସ ପ୍ରକଳ୍ପର ନିର୍ଦ୍ଦେଶକ ମଧ୍ୟ ଚାକିରି ଛାଡ଼ି ଦେଇଛନ୍ତି। ଐତିହାସିକ ଚନ୍ଦ୍ରାୟନ-୩ ମିସନର ଅଂଶ ଥିବା ଆଦିତ୍ୟ ରାଲାପଲ୍ଲୀ ମଧ୍ୟ ଇସ୍ତଫା ଦେଇଛନ୍ତି। ସେ ମିସନର ପ୍ରୋଜେକ୍ଟ ପରିଚାଳକ (ସିମୁଲେସନ) ଥିଲେ ଓ ତାଙ୍କ ଟିମ୍ ଚନ୍ଦ୍ରରେ ଅବତରଣକୁ ଭ୍ୟାଲିଡେଟ୍ କରିବାକୁ ୧ ଲକ୍ଷରୁ ଅଧିକ ପରୀକ୍ଷା କରି ପାଖାପାଖି ୨୫ ଟେରାବାଇଟ ଡାଟା ପ୍ରସ୍ତୁତ କରିଥିଲେ। ଇସ୍ତଫାର ଧାରାକୁ ଦେଖି ସରକାର ୨୦୨୦ରେ ଆଣିଥିବା ନୂଆ ନିୟମକୁ ବଦଳାଇ ଦେଇଛନ୍ତି। ପୂର୍ବରୁ ଇସ୍ରୋର ସେଣ୍ଟର ନିର୍ଦ୍ଦେଶକଙ୍କୁ ଗ୍ରୁପ 'ଏ' ର ବୈଷୟିକ ଓ ବୈଜ୍ଞାନିକ କର୍ମୀଙ୍କ ଇସ୍ତଫା ଓ ଭିଆର୍‌ଏସ୍ ମଞ୍ଜୁର କରିବାର ଅଧିକାର ଥିଲା। କିନ୍ତୁ ନୂଆ ଆଦେଶ ପରେ ଗଗନାୟନ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରୀୟ ମିଶନ ସହିତ ଜଡ଼ିତ ବୈଜ୍ଞାନିକଙ୍କ ଇସ୍ତଫା କେନ୍ଦ୍ରର ନିର୍ଦ୍ଦେଶକ ରୁଟିନ୍ ଅନୁଯାୟୀ କରିପାରିବେ ନାହିଁ। ଏବେ ଇସ୍ତଫା ପାଇଁ ନିର୍ଦ୍ଦେଶକଙ୍କ ସୁପାରିସ୍ ସହିତ ଚୂଡ଼ାନ୍ତ ନିଷ୍ପତ୍ତି ମହାକାଶ ବିଭାଗ ନିକଟକୁ ପଠାଇବାକୁ ପଡ଼ିବ। ରିପୋର୍ଟ ଅନୁଯାୟୀ ଇସ୍ରୋର ଅଧ୍ୟକ୍ଷ ଭି ନାରାୟଣନ ଇସ୍ତଫା କଥାକୁ ସ୍ୱୀକାର କରିଛନ୍ତି ଓ କହିଛନ୍ତି ଯେ, ଇସ୍ରୋ ଏହାର ମୁକାବିଲା କରିବାକୁ ପ୍ରସ୍ତୁତ। ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ତଥା ବଡ଼ ପ୍ରକଳ୍ପ ଯେପରି ବାଧାପ୍ରାପ୍ତ ହେବନାହିଁ ସେଥିପାଇଁ ଯେତେବେଳେ ଜଣେ ଇସ୍ତଫା ଦେଲେ ଅନ୍ୟ ଜଣେ ସେହି ଦାୟିତ୍ୱ ନେବାକୁ ଯେପରି ପ୍ରସ୍ତୁତ ଥିବେ,ସେ ଉପରେ ଗୁରୁତ୍ୱ ଦେବା ଦିଗରେ ଆମେ ଧ୍ୟାନ ଦେଉଛୁ। ଇସ୍ରୋରେ ବର୍ତ୍ତମାନ ୧୪,୭୦୦ରୁ ଅଧିକ କର୍ମଚାରୀ ଅଛନ୍ତି। ଗତ ଆର୍ଥିକ ବର୍ଷର ଶେଷରେ ୟୁଆର୍‌ଏସ୍‌ସିରେ ୧,୩୩୯ ଜଣ କର୍ମଚାରୀ ଥିଲେ ଓ ଇସ୍ରୋର ସବୁଠାରୁ ବଡ଼ କେନ୍ଦ୍ର ଭିଏସ୍‌ଏସ୍‌ସିରେ ୪,୫୭୭ ଜଣ କର୍ମଚାରୀ ଥିଲେ। ତେବେ ଇସ୍ରୋରୁ କର୍ମଚାରୀ ଚାକିରି ଛାଡ଼ିବା କିଛି ନୂଆ କଥା ନୁହେଁ। ୨୦୧୨ରୁ ୨୦୨୪ ଭିତରେ ପାଖାପାଖି ୭୦୦ କର୍ମଚାରୀ ଇସ୍ତଫା ଦେଇଛନ୍ତି। ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ୨୦୦୪ ରୁ ୨୦୦୭ ମଧ୍ୟରେ ଏଜେନ୍ସିର ପ୍ରାୟ ଅଧା ନୂତନ ନିଯୁକ୍ତି ପାଇଥିବା କର୍ମଚାରୀମାନେ ଇସ୍ତଫା ଦେଇଥିଲେ।ଅନ୍ୟପକ୍ଷରେ ଇସ୍ରୋର ୨୦୨୫-୨୬ ବାର୍ଷିକ ରିପୋର୍ଟରେ କୁହାଯାଇଛି ଯେ, ପ୍ରାୟ ୧,୦୫୦ ବୈଜ୍ଞାନିକ, ବୈଷୟିକ ଓ ପ୍ରଶାସନିକ ପଦବୀ ପାଇଁ ନିଯୁକ୍ତି ଉନ୍ନତ ପର୍ଯ୍ୟାୟରେ ଅଛି। ଗତବର୍ଷ ଅନୁମୋଦିତ କ୍ୟାଡର ସମୀକ୍ଷା ୪୬୬ ପ୍ରକଳ୍ପ ପଦବୀକୁ ନିୟମିତ କରିଛି ଓ ପ୍ରାୟ ୪୬୦ ଉଚ୍ଚ-ଗ୍ରେଡ୍ ପଦବୀ ସୃଷ୍ଟି କରିଛି।

## ଆମେ ଟ୍ରମ୍ପଙ୍କୁ ମାରିବୁ

ତେହେରାନ/ୱାଶିଂଟନ୍ ୧୬/୦୭: ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ସାମରିକ ମହାସମର ଏବେ ଅତି ଭୟାନକ ସ୍ତରରେ ପହଞ୍ଚିଛି। ଇରାନର ରାଜଧାନୀ ତେହେରାନର ଏକ ପ୍ରମୁଖ ଛକ 'ଏଙ୍ଗେଲାବ ସ୍କୋୟାର'ରେ ଏକ ବିଶାଳ ବିଲବୋର୍ଡ ଲଗାଯାଇଛି, ଯେଉଁଥିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ କଳା କଫିନ୍ ଭିତରେ ଶୋଇଥିବାର ଦୃଶ୍ୟ ଚିତ୍ରିତ କରାଯାଇଛି।ଏହି ବିଲବୋର୍ଡରେ ପାର୍ସୀ ଏବଂ ଇଂରାଜୀ ଭାଷାରେ "ଆମେ ଟ୍ରମ୍ପଙ୍କୁ ହତ୍ୟା କରିବୁ" ବୋଲି ଏକ ଖୋଲା ଚେତାବନୀ ଲେଖାଯାଇଛି। ଗତ ଫେବୃଆରୀ ୨୮ ରେ ଆମେରିକୀୟ ଆକ୍ରମଣରେ ଇରାନର ମିନାବ ସହରର ଏକ ପ୍ରାଥମିକ ସ୍କୁଲ୍ ଧ୍ୱଂସ ହେବା ଏବଂ ସେଠାରେ ଶିଶୁମାନଙ୍କ ମୃତ୍ୟୁର ପ୍ରତିଶୋଧ ସ୍ୱରୂପ ଏହି ପୋଷ୍ଟର ଲଗାଯାଇଥିବା ଦର୍ଶାଯାଇଛି।ଇସ୍ରାଏଲ ଗୋଇନ୍ଦା ସଂସ୍ଥା ପକ୍ଷରୁ ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଇରାନ ଏକ ଗୁପ୍ତ ଯୋଜନା କରୁଥିବା ନେଇ ୱାଶିଂଟନକୁ ସତର୍କ କରାଯିବା ପରେ ଏହି



ବିଲବୋର୍ଡ ସାମ୍ନାକୁ ଆସିଛି। ଏହାର ଜବାବରେ ରାଷ୍ଟ୍ରପତି ଟ୍ରମ୍ପ ଇରାନକୁ ଅତି କଡ଼ା ଭାଷାରେ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ଇରାନ ଆମେରିକାର ରାଷ୍ଟ୍ରପତିଙ୍କ ଉପରେ ଆକ୍ରମଣ କିମ୍ବା ହତ୍ୟା ଉଦ୍ୟମ କରେ, ତେବେ ତାର ପରିଣାମ ଅତି ଭୟଙ୍କର ହେବ। ଆମେରିକାର ୧୦୦୦ରୁ ଅଧିକ ମିସାଇଲ୍‌ଏବେ ଇରାନ ଆଡ଼କୁ ମୁହାଁଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି ଏବଂ ଆବଶ୍ୟକ ପଡ଼ିଲେ ହଜାର ହଜାର ମିସାଇଲ୍ ତୁରନ୍ତ ମାଡ଼ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏଥିସହ ସେନାକୁ ସୁଟ୍-ଅନ୍-ସାଇଟ୍ ବା ପ୍ରତିଶୋଧମୂଳକ ଆକ୍ରମଣ ପାଇଁ ପୂର୍ବରୁ ଆଦେଶ ଦିଆଯାଇ ସାରିଛି।



# ଜେଲ୍ ଥିମ୍ ବାର୍

ବ୍ରିଟେନରେ କରୋନା ଭାଇରସ୍ ଲକ୍‌ଡାଉନ୍ କଟକଣା କୋହଳ ହେବା ପରେ ଧୀରେ ଧୀରେ ବାର, ରେସ୍ତୋରାଁ ଖୋଲୁଛି । ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ଏବଂ ଅଧିକ ଆୟ କରିବାକୁ ବାରଗୁଡିକ ସେମାନଙ୍କ ବ୍ୟଞ୍ଜନରେ ବିଭିନ୍ନ ରିହାତି ଅଫର କରୁଛନ୍ତି । ସ୍ଥାନୀୟ ଏକ ବାରରେ ଠିକ୍ ସେହିଭଳି ହୋଇଛି । କିନ୍ତୁ ଗ୍ରାହକଙ୍କ ଧ୍ୟାନ ଆକର୍ଷଣ କରିବାକୁ ଏହା ନିଆରା ଉପାୟ ଆପଣେଇଛି । ଇଂଲଣ୍ଡରେ ଜେଲ୍ ଥିମ୍‌ରେ କକ୍‌ଟେଲ ବାର ଖୋଲିଛି, ଯାହା ଏବେ ନୂଆ ଅପରାଧୀଙ୍କୁ ଖୋଜୁଛି । ବୁଝିପାରିଲେନି ? ବାରରେ ଅବିକଳ ଜେଲ୍ କୋଠାରୀ ନିର୍ମିତ ହୋଇଛି, ଯେଉଁଠି ଗ୍ରାହକ କଏଦୀଙ୍କ ଭଳି ବନ୍ଦୀ ହୋଇ କକ୍‌ଟେଲ୍ ପାର୍ଟିର ମଜା ନେଇପାରିବେ । ବାରର ନାଁ ଅଲ୍‌କୋଟ୍ରାକ୍ ସେଲ୍ ବ୍ଲକ୍ ଟୁ ୱାନ୍ ଟୁ । ଲଣ୍ଡନର ଶୋରଡିଚ୍‌ଠାରେ ଏହା ଅବସ୍ଥିତ । ଏଇଟି ସହରର ଅନ୍ୟତମ ଅନନ୍ୟ କକ୍‌ଟେଲ୍ ବାର ବୋଲି ଦାବି କରିଛି । ଏଠାରେ ଗ୍ରାହକ କଏଦୀଙ୍କ ଭଳି କମଳା ରଙ୍ଗର ଜମ୍ପସୁଟ୍ ପିନ୍ଧି ଜେଲ୍ ମଧ୍ୟରେ ମଦ୍ୟପାନ କରିପାରିବେ । ଏଠାରେ ମୋଟ୍ ୧୦ ଜେଲ୍ କୋଠରୀ ରହିଛି । ଯେଉଁଥିରେ ୫୦ କଏଦୀ (ଗ୍ରାହକ) ଆରାମରେ କକଟେଲ ପାର୍ଟି କରିପାରିବେ । ବାରଟି ଶସ୍ତା ସିଟ୍ ଅଫର ଦେଉଛି । ଅତିଥିମାନେ ଅଧିକ ମଦ୍ୟପାନ କରିବା ଲାଗି କ୍ୟାଂଟିନ୍‌କୁ ଯିବାର ସ୍ୱତନ୍ତ୍ର ଅଫର ବି ପ୍ରଦାନ କରାଯାଉଛି । ଏଥିରେ ରୁଚି ରଖୁଥିବା ଗ୍ରାହକଙ୍କୁ ଟିକେଟ୍ ବୁକ୍ କରିବାକୁ ପଡିବ, ଯାହାର ମୂଲ୍ୟ ୩୫.୯୯ ପାଉଣ୍ଡ ବା ୩୬୦୦ ଟଙ୍କା । ଏଠାକୁ ଆସୁଥିବା ଗ୍ରାହକଙ୍କୁ ଆଲକହଲ୍, ସ୍ମଗଲିଙ୍ଗ ଗେମ୍ ଖେଳିବାକୁ ଦିଆଯାଏ । ଗେମ୍ ଜିତିବା ପରେ ଜେଲ କୋଠାରୀ ଭିତରେ ନିଜ ସାଥୀ କଏଦୀଙ୍କ ସହ ପସନ୍ଦର ମଦ୍ୟ ପାନ କରିବାର ମଉକା ସେମାନଙ୍କୁ ମିଳେ । ଯେହେତୁ ବାରକୁ ଜେଲ୍ ଥିମ୍‌ରେ ପ୍ରସ୍ତୁତ କରାଯାଇଛି, ସେଥିପାଇଁ ଏଠାକୁ ଆସୁଥିବା ଗ୍ରାହକଙ୍କୁ ଖାଦ୍ୟ ତାଲିକାରେ ମଦ ମିଳେନାହିଁ । ଏହି ଥିମ୍‌ଟି ସଫଳ ହେବାରୁ ବିଭିନ୍ନ ସ୍ଥାନରେ ଏହାର ଆଉଟଲେଟ୍ ଖୋଲିଲାଣି । ଏଠାରେ ପହଂଚୁଥିବା ଗ୍ରାହକଙ୍କୁ ପ୍ରଥମେ ଜେଲ୍ କୋଠରୀରେ ଥିବା ସାଥୀ କଏଦୀଙ୍କ ନମ୍ବର ଓ କଏଦୀ ପୋଷାକ ଦିଆଯାଏ ।



# ସଫଳତା ଯେଉଁଠି ଆଦର ସେଇଠି

ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିର ସର୍ବାଧିକ ପରିଚିତ ନାଁ ମଧ୍ୟରେ ତମନ୍ନା ଅନ୍ୟତମ । ଏଠାରେ ସେ ଅନେକ ସଫଳ ଫିଲ୍ମର ଅଂଶ ହୋଇଛନ୍ତି । ବଲିଉଡ୍‌ରେ ମଧ୍ୟ ଏକାଧିକ ଫିଲ୍ମରେ ସେ ସ୍କ୍ରିନ୍ ସେୟାର କରିଛନ୍ତି । ହିମ୍ମତୱାଲା, ଏଂଟରଟେନ୍‌ମେଂଟ୍, ହମ୍‌ଶକଲ୍, ତୁତକ୍ ତୁତକ୍ ତୁତିୟା ଭଳି ବଲିଉଡ୍ ଫିଲ୍ମରେ ତାଙ୍କୁ ପରଦାରେ ଦେଖିଛନ୍ତି ଦର୍ଶକ । ନିକଟରେ ଏକ ଗଣମାଧ୍ୟମ ସହ ବାର୍ତ୍ତାଳପରେ ବଲିଉଡ୍ ଓ ସାଉଥ୍ ଫିଲ୍ମ ମଧ୍ୟରେ ଯେଉଁଠି ପରିଚିତ ପାଇବା ସବୁଠୁ କଷ୍ଟକର ବୋଲି ତମନ୍ନାଙ୍କୁ ପଚରାଯାଇଥିଲା । ସେ କହିଥିଲେ ସାଉଥ୍‌ରେ ମୁଁ ଅନେକ ସଫଳ ଫିଲ୍ମ କରିଛି, ଏଠାରେ ଏହା ଖୁବ୍ ସରଳ । ସବୁ ସିନେ ଇଣ୍ଡଷ୍ଟ୍ରିର କାମ ସମାନ, ଏଥିରେ କିଛି ପାର୍ଥକ୍ୟ ନାହିଁ । ସର୍ବଶେଷରେ ଯେଉଁଠି ତୁମେ ସଫଳତା ହାସଲ କର, ସେଠାରେ ତୁମକୁ ଅଧିକ ଗ୍ରହଣ କରାଯାଏ । ଦକ୍ଷିଣ ସିନେ ଇଣ୍ଡଷ୍ଟ୍ରିରେ ବାହୁବଳୀ ଭଳି ଏକାଧିକ ବ୍ଲକବଷ୍ଟର ଫିଲ୍ମର ଅଂଶ ହୋଇଥିବା ତମନ୍ନା ବିଶ୍ୱସ୍ତରରେ ଦର୍ଶକଙ୍କ ପାଖରେ ପହଂଚିବାକୁ ଆଶା ରଖିଛନ୍ତି । ତାଙ୍କର ବିଶ୍ୱାସ ଯେ ଦକ୍ଷିଣ ସିନେ ଇଣ୍ଡଷ୍ଟ୍ରିରେ ସେ ଯେଉଁଭଳି ଭାବେ ଖ୍ୟାତି ଲାଭ କରିଛନ୍ତି, ଠିକ୍ ସେହିଭଳି ନିଜର ଭଲ ପ୍ରଦର୍ଶନ ଜରିଆରେ ବିଶ୍ୱସ୍ତରରେ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିବେ । ନିକଟରେ ତମନ୍ନା ନଭେମ୍ବର ଷ୍ଟୋରୀ ନାମକ ୱେବ୍ ସିରିଜ୍‌ରେ ନଜର ଆସିଥିଲେ । ହିନ୍ଦୀ ଥ୍ରୀଲର ଫିଲ୍ମ ଅନ୍ଧାଧୂନ୍‌ର ତେଲଗୁ ରିମେକ୍ ପାଇଁ ସେ ଏବେ ପ୍ରସ୍ତୁତି ଚଳାଇଛନ୍ତି । ମର୍ଲାପାକା ଗାନ୍ଧି ଫିଲ୍ମ ତେଲଗୁ ସଂସ୍କରଣର ନିର୍ଦ୍ଦେଶନା ଦାୟିତ୍ୱ ନିର୍ବାହ କରିଛନ୍ତି ।



# ୧୦ ବର୍ଷୀୟାଙ୍କ କୃତିତ୍ୱ
# ପିଆଜ ରସୁଣଚୋପାରେ କାଗଜ



ବେଙ୍ଗାଲୁରର ୬ଷ୍ଠ ଶ୍ରେଣୀ ଛାତ୍ରୀ ମାନ୍ୟା ହର୍ଷ ଏଭଳି ଏକ କାରନାମା କରିଛନ୍ତି, ଯାହା ବଡ଼ଙ୍କ କ୍ଷେତ୍ରରେ ଅସମ୍ଭବ । ୧୦ ବର୍ଷ ବୟସରେ ମାନ୍ୟା ପରିବେଶ ସୁରକ୍ଷା ପାଇଁ ଅଂଟା ଭିଡ଼ିଛନ୍ତି । ତାଙ୍କର ଏହି ପ୍ରୟାସ ଲାଗି ମିଳିତ ଜାତିସଂଘ ଜଳ (ୟୁଏନ୍-ୱାଟର) ତାଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି । ଜାଣି ଆଶ୍ଚର୍ଯ୍ୟ ହେବେ ଯେ ପିଆଜ, ରସୁଣ ଟମାଟର ଚୋପାରୁ ସେ ଏହି କାଗଜ ପ୍ରସ୍ତୁତ କରିଛନ୍ତି । ଏହି ପ୍ରେରଣାତ୍ମକ ଓ ଅଭିନବ ପ୍ରୟାସ ଲାଗି ତାଙ୍କ ନିକଟକୁ ପ୍ରଶଂସାର ଛୁଅ ଛୁଟୁଛି । ପ୍ରକୃତି ସୁରକ୍ଷା ପ୍ରତି ସଚେତନ ମାନ୍ୟା ସର୍ବଦା ଏହାର ସଂରକ୍ଷଣ ଲାଗି ପ୍ରଚାର କରୁଛନ୍ତି । ସହରରେ ବର୍ଜ୍ୟ ସମସ୍ୟା ଦେଖିବା ପରେ ନିଜେ କିଛି କରିବା ଉଚିତ୍ ବୋଲି ସେ ଚିନ୍ତା କଲେ । ଲୋକଙ୍କୁ ପରିବେଶ ସଂରକ୍ଷଣ ଲାଗି ସଚେତନ କରିବାକୁ ସେ ଏକ ବ୍ଲଗ୍ ଆରମ୍ଭ କଲେ । ଏମିତିକି ପ୍ରକୃତି ସୁରକ୍ଷା ବିଷୟ ଉପରେ ୫ ପୁସ୍ତକ ମଧ୍ୟ ରଚନା କଲେ । ବର୍ଜ୍ୟ ଜନିତ ପ୍ରଦୂଷଣରୁ ରକ୍ଷା ପାଇବା ଲାଗି ମାନ୍ୟା ନିକଟରେ ମାର୍କୋନହଲ୍ଲି ବନ୍ଧ ଓ ବରକା ସମୁଦ୍ର ତଟରେ ସଫେଇ ଅଭିଯାନର ନେତୃତ୍ୱ ନେଇଥିଲେ । ସଚେତନା ସୃଷ୍ଟି ଲାଗି ଆନିମେଟେଡ୍ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣକାରୀ ସବୁଠୁ କମ୍ ବୟସ୍କ ବ୍ୟକ୍ତି ଭାବେ ତାଙ୍କୁ ୨୦୨୦ରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ଦ୍ୱାରା ମାନ୍ୟତା ପ୍ରଦାନ କରାଯାଇଥିଲା । ଲକ୍‌ଡାଉନ୍ ଛୁଟିରେ ସେ ବୃକ୍ଷ ସଂରକ୍ଷଣ ଲାଗି ମାତ୍ର ୧୦ ପିଆଜ ଚୋପାରୁ ୨-୩ ଏ ୪ ଆକାର ବିଶିଷ୍ଟ କାଗଜ ତିଆରି କରିଛନ୍ତି ।

# ସହିଦଙ୍କ ଛାତରେ ପାକ୍ ମୁହାଁ ତୋପ



୧୯୯୯ ମସିହା ଜୁଲାଇ ୨୬ ତାରିଖ । ଭାରତ ପାଇଁ ଏହା ଏକ ଐତିହାସିକ ଦିନ । କାର୍ଗିଲ ଯୁଦ୍ଧରେ ପାକିସ୍ତାକୁ ମାତ୍ ଦେଇ ଏହି ଦିନ ବିଜୟ ପତାକା ଉଡ଼ାଇଥିଲା ଭାରତ । ଯୁଦ୍ଧରେ ଭାଗ ନେଇଥିବା ଭାରତ ମା'ର ସୁଯୋଗ୍ୟ ସୈନ୍ୟଙ୍କ ସାହାସ ଓ ଶୌର୍ଯ୍ୟକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ଦିନକୁ କାର୍ଗିଲ୍ ବିଜୟ ଦିବସ ଭାବେ ପାଳନ କରାଯାଏ । ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଯୁଦ୍ଧ ଚାଲିଥିଲା । ଯୁଦ୍ଧରେ ଭାରତ ମା ଲାଗି ହସି ହସି ଗୁଳି ଖାଇଥିବା ସୈନ୍ୟଙ୍କ ବୀରତ୍ୱର କାହାଣୀ ଏ ଅବସରରେ ସତେଜ ହୋଇଉଠେ । ଦେଶବାସୀ ପୁଣି ଫେରିପାଆନ୍ତି ସେ ଦିନକୁ । ଏଭଳି ଜଣେ ସହିଦଙ୍କ କାହାଣୀ



ଏବେ ସବୁରି ଧ୍ୟାନ ଆକର୍ଷଣ କରିଛି । ପଂଜବାର ନାନ୍‌ଗାଲସ୍ଥିତ ଏକ ପରିବାର ନିଜ ପଅ ବୀର ଚକ୍ର ସମ୍ମାନର ଅଧିକାରୀ କ୍ୟାପ୍‌ଟେନ୍ ଅମୋଲ କାଲିଆଙ୍କୁ କାର୍ଗିଲ୍ ଯୁଦ୍ଧରେ ହରାଇ ଦେଇଥିଲେ । ଏବେ ବି ସେହି ମୁହୂର୍ତ୍ତକୁ ଅମୋଲଙ୍କ ପରିବାର ଭୁଲି ନାହିଁ । ପାକିସ୍ତାନ ପ୍ରତି କ୍ରୋଧ ଓ ଘୃଣା ଭାବ ଏବେ ବି ତାଙ୍କର କମିନାହିଁ । ସହିଦ ପୁଅର ସ୍ମୃତି ଓ ଶତ୍ରୁ ଦେଶ ପ୍ରତି କ୍ରୋଧକୁ ନିଜ ଭିତରେ ଜଳାଇ ରଖିବାକୁ ଅମୋଲଙ୍କ ପରିବାର ନିଜ ଛାତ ଉପେର ପଡୋଶୀ ପାକିସ୍ତାନ ଆଡ଼କୁ ମୁହଁ କରି ଏକ ତୋପ ସ୍ଥାପନ କରିଛନ୍ତି । ଅମୋଲଙ୍କ ବାପା ସତ୍‌ପାଲ କାଲିଆ ଛାତ ଉପରେ ତୋପ ରଖିବାର କାରଣ ବିଷୟରେ କହିଛନ୍ତି । ସେ କହିଛନ୍ତି, ବନ୍ଧୁକର ମଡେଲ ଦୂରରୁ ଦୃଶ୍ୟମାନ ହେବ ନାହିଁ, ତେଣୁ ସେ ତୋପକୁ ଚୟନ କରିଛନ୍ତି । ଅମୋଲ ଭାରତୀୟ ସୈନ୍ୟବାହିନୀର ୧୨ ଜମ୍ମୁ-କାଶ୍ମୀର ଲାଇଟ୍ ଇନ୍‌ଫାଂଟ୍ରିରେ ମୁତୟନ ଥିଲେ । ଯୁଦ୍ଧରେ ମେଶିନ୍ ଗନ୍ ଚଳାଇବା ସମୟରେ ତାଙ୍କ ଦଳର ଜଣେ ସୈନ୍ୟଙ୍କୁ ହତ୍ୟା କରାଗଲା । ଅମୋଲ ସଂଗେ ସଂଗେ ମେଶିନ୍ ଗନ୍‌ର ମଙ୍ଗ ଧରିଲେ ଏବଂ ପାକିସ୍ତାନୀ ସୈନ୍ୟଙ୍କ ବିରୋଧରେ ଲଢ଼େଇ କଲେ ।



# ଶୌଚାଳୟରେ ସିଂହ

ଜଙ୍ଗଲରେ ସିଂହ ଦେଖିବା ଅବା ସଫାରୀରରେ ସିଂହ ଦଳଙ୍କୁ ଦେଖି ମଜା ନେବା ନିଆରା । ହଠାତ୍ ଶୌଚାଳୟ କବାଟ ଖୋଲି ସିଂହ ବାହାରକୁ ଆସିବା ଦେଖିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ । ଏଭଳି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଭିଡିଓରେ ଏକ ସିଂହ ଶୌଚାଳୟରୁ ବାହାରୁଥିବା ଦେଖିବାକୁ ମିଳୁଛି । ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବା କାରରେ ବସିଥିବା ଜଣେ ବ୍ୟକ୍ତି ଏହି ଭିଡିଓ କରିଛନ୍ତି । କିଛି ସମୟ ପରେ ସିଂହଟି ଶୌଚାଳୟରୁ ବାହାରି ଜଙ୍ଗଲ ମୁହାଁ ହୋଇଥିଲା ।

# ନକଲି ରେଳବାଇ ଅଧିକାରୀଙ୍କୁ ଗିରଫ କଲା ଟାଉନ ଥାନା ପୋଲିସ

କେନ୍ଦୁଝର:୧୬/୦୭(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଟାଉନ ପୋଲିସ ଠକେଇ ମାମଲାରେ ଜଣେ ନକଲି ରେଳବାଇ ଅଧିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତର ନାମ ରାଜ କୁମାର ପୂର୍ତ୍ତି (୩୧)। କେନ୍ଦୁଝରର ଜଣେ ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ କେସ୍ ନମ୍ବର ୫୮୭/୨୬ରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି।ଅଭିଯୋଗ ଅନୁଯାୟୀ ଅଭିଯୁକ୍ତ ରାଜ କୁମାର, ପୂର୍ବତଟ ରେଳବାଇର ଜାଲ ପରିଚୟପତ୍ର ଦେଖାଇ ବସନ୍ତପୁର ରେଳଷ୍ଟେଶନ ମାଷ୍ଟର ଭାବରେ ନିଜକୁ ମିଥ୍ୟା ପରିଚୟ ଦେଉଥିଲେ। ଅଭିଯୋଗକାରୀଙ୍କ ସ୍ୱାମୀ ଜଣେ ରେଳ କର୍ମଚାରୀ ହୋଇଥିବାରୁ, ଅଭିଯୁକ୍ତ ତାଙ୍କର ବିଶ୍ୱାସ ଜିତି ରେଳ ବିଭାଗର ଏକ କାମ ବାହାନାରେ ତାଙ୍କ ସ୍ୱାମୀଙ୍କ ଓଆର୍୦୯ଏଲ୬୩୯୮ ନମ୍ବର ବିଶିଷ୍ଟ ହିରୋ ସ୍ପ୍ଲେଣ୍ଡର ମୋଟରସାଇକେଲ ନେଇଥିଲେ।ପରେ ଅଭିଯୁକ୍ତ ବାରମ୍ବାର ଅଭିଯୋଗକାରୀଙ୍କ ସହିତ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ ଏବଂ ପାରିବାରିକ ଜରୁରୀକାଳିନ ପରିସ୍ଥିତିର ମିଥ୍ୟା କଥା କହି ଫୋନ୍ ପେ' ମାଧ୍ୟମରେ ଟଙ୍କା



ନେଇଥିଲେ। ମୋଟରସାଇକେଲ ବ୍ୟତୀତ ୨୭,୦୦୦ ଟଙ୍କା ଠକେଇ କରି ନେଇଯାଇଥିଲେ।ଅଭିଯୋଗ ପାଇବା ପରେ ପୋଲିସ ଟାଉନ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତଦନ୍ତ ସମୟରେ କେନ୍ଦୁଝର ଟାଉନ ପୋଲିସ ଅନଲାଇନ ଟ୍ରାଞ୍ଜାକ୍ସନ ରେକର୍ଡ, ମୋବାଇଲ ଫୋନ୍ ଡାଟା, ବ୍ୟାଙ୍କ ରେକର୍ଡ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ସାମଗ୍ରୀ ସମେତ ଡକ୍ୟୁମେଣ୍ଟାରୀ ଏବଂ ଡିଜିଟାଲ ପ୍ରମାଣ ସଂଗ୍ରହ କରିଛି।

### ଶ୍ରୀ ବଳଦେବଜୀଉଙ୍କ ଜମି ହଡପ ଅଭିଯୋଗ

# ଦେବୋତ୍ତର ବିଭାଗ ଅନୁମତି ନ ଥାଇ ବିକୁଛନ୍ତି ମାର୍ଫତଦାର

କେନ୍ଦୁଝର:୧୬/୦୭(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ସଦର ତହସିଲରେ ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ମୂଲ୍ୟବାନ ଜମି ହଡପ ହେଉଥିବା ନେଇ ଅଭିଯୋଗ ହୋଇଛି । ଦେବୋତ୍ତର ବିଭାଗର ଅନୁମତି ନଥାଇ ମାର୍ଫତଦାର ବିକ୍ରୀ କରୁଛନ୍ତି । ଟାଙ୍ଗରପଲସା ମୌଜାର ଖାତା ନମ୍ବର ୧୭୫/୧୨୬ ଏବଂ ୧୭୫/୨୧୫ ଠାକୁରଙ୍କ ନାମରେ ଥିବା ମୂଲ୍ୟବାନ ଜମି କିଛି ଲୋକଙ୍କ ନାମରେ ଭୋଗ ଦଖଲ ବା ମାର୍ଫତଦାର ଥିଲା । ପରେ ଚଞ୍ଚକତା କରି ଉକ୍ତ ଜମିକୁ ମାର୍ଫତଦାର ଖେୱାଟ ପରିବର୍ତ୍ତନ କରି ନିଜ ନାମରେ ପଟ୍ଟା ସଂଶୋଧନ କରି ବିକ୍ରୀ କରିଥିବା ଅଭିଯୋଗ ହୋଇଛି । ଠାକୁରଙ୍କ ନାମରେ ଥିବା ମାର୍ଫତଦାର କେବଳ ଦେବୋତ୍ତର କମିଶନରଙ୍କ ଆଦେଶକ୍ରମେ ଖେୱାଟ ପରିବର୍ତ୍ତନ କରାଯାଇପାରିବ । ମାତ୍ର ଦେବୋତ୍ତର ବିଭାଗର ଅନୁମତି ନ ଥାଇ ଅତିରିକ୍ତ ଆୟୁକ୍ତ ବନ୍ଦୋବସ୍ତ ଓ ଚକବନ୍ଦୀ ଅଦାଲତ, କେନ୍ଦୁଝର ପକ୍ଷରୁ ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ନାମ କାଟି ଓଡିଶା ସରକାର କରିବା ପାଇଁ ଆଦେଶ ପ୍ରଦାନ କରିଥିଲେ । ଏହି ଆଦେଶ ପାଇବା ପରେ ସଦର ତହସିଲଦାର



କାଳ ବିଳମ୍ବ ନ କରି ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ନାମ କାଟି ଖେୱାଟ ୧ରେ ସଂଶୋଧନ କରି ଓଡିଶା ସରକାର କରିଛନ୍ତି । ରେଭିନ୍ୟୁ ମିସ୍ କେସ ନମ୍ବର ୬୦/୨୦୨୫ ଏବଂ ଏଲ୍ଆର୍ଏମ୍ଏସ୍ ମିସ୍ କେସ ନମ୍ବର ୪୦୭/୨୦୨୫ (ଅତିରିକ୍ତ ଆୟୁକ୍ତ ବନ୍ଦୋବସ୍ତ ଓ ଚକବନ୍ଦୀ ଅଦାଲତ, କେନ୍ଦୁଝର) ରିଭିଜନ କନସଲିଡେସନ ନମ୍ବର ୭୪୮/୨୦୨୪ ହୁକୁମ ମୁତାବକ ଖେୱାଟ ସଂଶୋଧନ କରାଯାଇଛି । ଖେୱାଟରେ ଓଡିଶା ସରକାର ପରିବର୍ତ୍ତନ ହେବା ପରେ ଠାକୁରଙ୍କ ନାମରେ ଥିବା ଏକର ଏକର ମୂଲ୍ୟବାନ ଜମି କେନ୍ଦୁଝର ମାଷ୍ଟରପ୍ଲାନ ଅଂଚଳରେ ପ୍ଲଟିଂ ହୋଇ ବିକ୍ରୀ ଚାଲିଛି । ଅତିରିକ୍ତ ଆୟୁକ୍ତ ବନ୍ଦୋବସ୍ତ ଓ ଚକବନ୍ଦୀ ଅଦାଲତ, କେନ୍ଦୁଝର କ୍ଷମତା ବାହାରେ ଅର୍ଡର ଦେଉଥିବା ବରିଷ୍ଠ ଆଇନଜୀବି ଅଶୋକ ଦାସ କହିଛନ୍ତି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ତୁରନ୍ତ ବଳଦେବଜୀଉଙ୍କ ନାମରେ ଥିବା ଜମିକୁ ଫେରାଇ ଆଣିବାକୁ ଦାବୀ କରିଛନ୍ତି । କେଉଁ ସର୍କୁଲାର ଆଧାରରେ କୋର୍ଟ ଏହି ଆଦେଶ ପ୍ରଦାନ କରୁଛି ତାହାର ମେମ୍ବର ବୋର୍ଡ ଅଫ୍ ରେଭିନ୍ୟୁ ଯାଂଚ କରି ପଦକ୍ଷେପ ନେବାକୁ ଶ୍ରୀ ଦାସ ଦାବୀ କରିଛନ୍ତି । କେନ୍ଦୁଝର ସହରରେ ଜମି ଦର ଆଶାତୀତ ଭାବେ ବୃଦ୍ଧି ପାଉଥିବାବେଳେ ଏହାର ସୁଯୋଗ ନେଇ ଜମି ମାଫିଆମାନେ ଠାକୁରଙ୍କ ନାମରେ ଥିବା ମୂଲ୍ୟବାନ ଜମିକୁ ଚଞ୍ଚକତା କରି ବିକ୍ରୀ କରି ମାଲେମାଲ ହେଉଛନ୍ତି । ଅନ୍ୟପକ୍ଷରେ ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ଜମିର ସୁରକ୍ଷା ଦାୟିତ୍ୱରେ ଥିବା ଦେବୋତ୍ତର ବିଭାଗ ଚୁପ ବସି ଥିବାରୁ ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ମୂଲ୍ୟବାନ ଜମି ହଡପ ହେଉଛି । ସୂଚନାଯୋଗ୍ୟ ଯେ, କେନ୍ଦୁଝର ସଦର ତହସିଲ ମଣ୍ଡୁଆ ରାଜସ୍ୱ ନୀରିକ୍ଷକ ଅନ୍ତର୍ଗତ ଟାଙ୍ଗରପଲସା ମୌଜାରେ ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ନାମରେ ଥିବା ଏକର ଏକର ମୂଲ୍ୟବାନ ଜମି କିପରି ଖେୱାଟ ସଂଶୋଧନ କରାଗଲା ତାହା ତଦନ୍ତ ସାପେକ୍ଷ । ଏ ନେଇ ଉପ ଜିଲ୍ଲାପାଳ ଉମାଶଙ୍କର ଦଳେଇ କହିଛନ୍ତି, ଏଭଳି ଖେୱାଟ ବଦଳାଇ ଜମି କିଣାବିକା ହେଉଥିଲେ ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଦେବୋତ୍ତର ଜମିର ସୁରକ୍ଷା ପାଇଁ ପଦକ୍ଷେପ ନେବେ ।

# ଘଟଗାଁ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ନୂତନ ଗୃହ ପ୍ରତିଷ୍ଠା ଉତ୍ସବ



କେନ୍ଦୁଝର/ଘଟଗାଁ:୧୬/୭(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ନୂତନ ଗୃହ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ସଂଘର ସଭାପତି ଚକ୍ରଧର ବଳଙ୍କ ପୌରୋହିତ୍ୟରେ ସଦସ୍ୟ ରାଜେନ୍ଦ୍ର କୁମାର ସାହୁ ଓ ତାଙ୍କ ସହଧର୍ମିଣୀ ଅବନ୍ତୀ ସାହୁ ସଂକଳ୍ପରେ ବସିଥିବା ବେଳେ ପଣ୍ଡିତ ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା କରାଯାଇ ପ୍ରତିଷ୍ଠା କାର୍ଯ୍ୟ ସମାପନ ହୋଇଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ସଂପାଦକ ନରୋତ୍ତମ ବାରିକ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ବେହେରା, ବରିଷ୍ଠ ଉପଦେଷ୍ଟା ବୈଦ୍ୟନାଥ ବ୍ରହ୍ମଚାରୀ, ଭାଗୀରଥି ବେହେରା, ସୂର୍ଯ୍ୟମଣି ବାରିକ , ଡମ୍ବରୁଧର ରାଉତ, ବିଶୀକେଶନ ଧୀର ସଦସ୍ୟ ମଦନମୋହନ ରାଉତ, ଶେଷଦେବ ସାହୁ, ଅନନ୍ତ ସାହୁ, ବାବୁଲାଲ ପଲେଇ, କମଳାକାନ୍ତ ବାରିକ, ବିଶ୍ୱନାଥ ବେଜ, ଗଣେଶ୍ୱର ରାଉତ, ରମେଶ ଚନ୍ଦ୍ର ସେଠୀ, ପ୍ରସନ୍ନ କୁମାର ବାରିକ, ସନ୍ତୋଷ କୁମାର ପତି, ଡମ୍ବରୁଧର ବାରିକ, ଗୋଲକ ବିହାରୀ ସାହୁ, ଚନ୍ଦ୍ରଭାନୁ ନାଏକ, ପୀତାମ୍ବର ସାହୁ, ପରମେଶ୍ୱର ବେହେରା, ରବିନ୍ଦ୍ର କୁମାର ବେହେରା, କ୍ଷୀରୋଦ ବେହେରା, ମୁକ୍ତିକାନ୍ତ ବାରିକ, ରାଧାକାନ୍ତ ସାହୁ, ନବ କିଶୋର ସେଠୀ, ନିମାଇଁ ଚରଣ ପଣ୍ଡା ଆଦି ୫୦ ଜଣରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ।

### ରାମ ମନ୍ଦିର ଚାନ୍ଦା ହେରଫେର ଅଭିଯୋଗ

# ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଦାବି

କେନ୍ଦୁଝର:୧୬/୦୭(ଦିଲ୍ଲୀପ କୁମାର ସାହୁ) - ରାମ ମନ୍ଦିର ନିର୍ମାଣ ପାଇଁ ଦେଶର କୋଟି କୋଟି ଶ୍ରଦ୍ଧାଳୁଙ୍କ ଦ୍ୱାରା ପ୍ରଦତ୍ତ ଦାନ ଓ ଭେଟି ଅର୍ଥର ଅନିୟମିତତାକୁ ନେଇ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଶାସକ ବିଜେପି-ଆରଏସଏସ ମଡେଲ ଉପରେ ତୀବ୍ର ଆକ୍ରମଣ କରାଯାଇଛି। ଭଗବାନ ରାମଙ୍କ ନାମରେ ସଂଗ୍ରହ କରାଯାଇଥିବା ଅର୍ଥ ରାଜନୈତିକ ମୁନାଫାଖୋରୀର ଶିକାର ହୋଇଥିବା ନେଇ କଂଗ୍ରେସ ଗୁରୁତର ଅଭିଯୋଗ ଆଣିଛି।ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ କହିଛନ୍ତି ଯେ, ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ତତ୍କାଳୀନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ଇସ୍ତଫା ଗ୍ରହଣ କରାଯିବା ହିଁ ପ୍ରମାଣ କରୁଛି ଯେ ଏହି ମାମଲା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଘଟି ଯାଇଥିବା ଏକ ବଡ଼ ଦୁର୍ନୀତି ଆଡ଼କୁ ଇସାରା କରୁଛି। ଟ୍ରଷ୍ଟର ଅନ୍ୟତମ ବରିଷ୍ଠ ସଦସ୍ୟ ଗୋବିନ୍ଦ ଦେବ ଗିରି ଓ ଗୋପାଳ ରାଓଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବଂ ନୂତନ ସାଧାରଣ ସମ୍ପାଦକ କୃଷ୍ଣମୋହନଙ୍କ ନିଯୁକ୍ତିକୁ ନେଇ କଂଗ୍ରେସ ଦଳ ପ୍ରଶ୍ନ ଉଠାଇଛି। ଦୁର୍ନୀତିକୁ ଲୁଚାଇବା ପାଇଁ କେବଳ କନିଷ୍ଠ ଓ ନିମ୍ନ ସ୍ତରର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ବେଳେ ଶୀର୍ଷ ସ୍ତରର ଅଧିକାରୀଙ୍କୁ ସୁରକ୍ଷା ଦିଆଯାଉଛି ବୋଲି କଂଗ୍ରେସ




କହିଛି। ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଝଓଞ୍ଚ) ବର୍ତ୍ତମାନ ଏହି ମାମଲାରେ ବଡ଼ ବଡ଼ କାର୍ଯ୍ୟକ୍ରମର ଖର୍ଚ୍ଚ ଉପରେ ନଜର ପକାଇଛି। ୨୨ ଜାନୁଆରୀ ୨୦୨୪ ର ପ୍ରାଣ ପ୍ରତିଷ୍ଠା ମହୋତ୍ସବରେ ପ୍ରାୟ ୧୧୩ କୋଟି ଟଙ୍କା ବ୍ୟୟ ହୋଇଥିଲା।୨୫ ନଭେମ୍ବରର ପତାକା ଉତ୍ତୋଳନ ଉତ୍ସବରେ ପ୍ରାୟ ୧୦.୧୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଚଗଙ୍ଗ ର ସକ୍ରିୟ ଭୂମିକାରେ ଗଠିତ ଏହି ଟ୍ରଷ୍ଟର ଦୁର୍ନୀତି ପାଇଁ କିଏ ଦାୟୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା ଉପରେ କାହିଁକି ନୀରବ ଅଛନ୍ତି ଯଦି ସବୁକିଛି ସ୍ୱଚ୍ଛ ଥିଲା, ତେବେ ଇସ୍ତଫା ଦେବାର ଆବଶ୍ୟକତା କାହିଁକି ପଡ଼ିଲା ପ୍ରଧାନମନ୍ତ୍ରୀଙ୍କ ସ୍ପଷ୍ଟୀକରଣ: ଟ୍ରଷ୍ଟ ଗଠନ ଓ ନିଯୁକ୍ତିରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଭୂମିକା କଣ ଥିଲା, ତାହା ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖରେ ସ୍ପଷ୍ଟ କରନ୍ତୁ। ଚମ୍ପତ ରାୟ, ଅନିଲ ମିଶ୍ର ଏବଂ ଏହି ଆର୍ଥିକ ହେରଫେରରେ ସମ୍ପୃକ୍ତ ସମସ୍ତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ଋଓଜ ପଞ୍ଜିକୃତ କରାଯାଇ ସେମାନଙ୍କୁ ଗିରଫ କରାଯାଉ। ସମ୍ପୂର୍ଣ୍ଣ ଘଟଣାର ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ) ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱାଧୀନ ନ୍ୟାୟିକ ତଦନ୍ତ କରାଯାଉ ।ବର୍ତ୍ତମାନର ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ତୁରନ୍ତ ଭଙ୍ଗ କରାଯାଇ ଧାର୍ମିକ ନେତା, ବିଶିଷ୍ଟ ନାଗରିକ ଏବଂ ପ୍ରଶାସନିକ ବିଶେଷଜ୍ଞ ମାନଙ୍କୁ ନେଇ ଏହାର ପୁନର୍ଗଠନ କରାଯାଉ ।ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ମୋହନ ଚରଣ ପରିଡା, ମୁଖପାତ୍ର ଦୀପକ କୁମାର ରାଜ ତାଙ୍କୁ ସହଯୋଗ କରିଥିଲେ ଲଳିତ ମୋହନ ନାୟକ, ଉତ୍ତମ ସାହୁ, ସୁଜଳ କୁମାର ସେଠୀ, ରତ୍ନାକର ଜେନା, ପୂର୍ଣ୍ଣଚନ୍ଦ୍ର ଦାସ, ଦିନେଶ ରାଉତ, ପ୍ରଦୀପ ଦାସ ପ୍ରମୁଖ ଥିଲେ ।

# ବାରାହୀ ସରକାରୀ ଉଚ୍ଚ ବିଦ୍ୟାଳୟରେ, ନୂତନ କମିଟି ଗଠନ

ହାଟଡିହି:୧୬/୭(ଅମୀୟ ବରାଳ )- ହାଟଡିହି ବ୍ଲକ ଶିକ୍ଷା ଅଧିକାରୀ ଅନ୍ତର୍ଗତ ବଞ୍ଚୋ ବାରାହୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ ଏକ ପରିଚାଳନା କମିଟି ଗଠନ କରାଯାଇଅଛି। ଏଥିପାଇଁ ଆଜି ବିଦ୍ୟାଳୟ ସଭାଗୃହରେ ପ୍ରଧାନ ଶିକ୍ଷୟିତ୍ରୀ ଆଲାମଣୀ ସେଠୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଦୀର୍ଘ ସମୟ ଆଲୋଚନା ପରେ ଉପସ୍ଥିତ ଅଭିଭାବକ ମଧ୍ୟରେ ଶାନ୍ତି ଶୃଙ୍ଖଳା ଓ ଭାଇଚାରାକୁ ପାର୍ଥେୟ କରି ପ୍ରଥମେ ନୂତନ ପରିଚାଳନା କମିଟି ସଦସ୍ୟ ଚୟନ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଅମୀୟ ରଂଜନ ବରାଳଙ୍କୁ ପରିଚାଳନା କମିଟି ଅଧ୍ୟକ୍ଷ ଓ ମଞ୍ଜୁଲତା ସ୍ୱାଇଁଙ୍କୁ ଅଧ୍ୟକ୍ଷା ଭାବେ ମନୋନୀତ କରାଯାଇଥିଲା। ଏହି ବୈଠକରେ ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତସିଂହାର ଆନୁଷ୍ଠାନିକ ଭାବେ ଯୋଗ ଦେଇ ଥିବା ବେଳେ,ଅନ୍ୟ କମିଟି ସଦସ୍ୟଙ୍କ ମଧ୍ୟରେ ଅନିରୁଦ୍ଧ ଜେନା, ପ୍ରକାଶ କୁମାର ଜେନା,ନିମାଇଁ ବେହେରା, ସନାତନ ରାଉତ, ସୁଶାନ୍ତ କୁମାର ଗୋଛାୟତ, ପ୍ରଶାନ୍ତି ବରାଳ,ପିଙ୍କ୍ ଜେନା, ଲକ୍ଷ୍ମୀ ପ୍ରିୟା ଜେନା,



ସେବତୀ ଖଟୁଆ,ଝୁନୁଲତା ବେହେରା , ନମିତା ରଣା,କମଳା ଜେନା ଅବସରପ୍ରାପ୍ତ ଶିକ୍ଷାବିତ୍ ରତ୍ନାକର ନାୟକ ,ଅଙ୍ଗନୱାଡି କର୍ମୀ ସୁକାନ୍ତି ଲେଙ୍କା,ଓ୍ୱାର୍ଡ ସଭ୍ୟା ଯଶୋଦା ରାଉତ,ଆଶା କର୍ମୀ ମାଳତୀ ଜେନାଙ୍କୁ ବିଦ୍ୟାଳୟର ଉନ୍ନତି ଓ ଅଗ୍ରଗତିର ନୂଆ ସମ୍ଭାବ୍ୟକୁ ନେଇ ସର୍ବସମ୍ମତିକ୍ରମେ ଚୟନ କରିଥିଲେ। ଏହାକୁ ଶିକ୍ଷକ ବିଦୁ ଭୁଷଣ ପୁହାଣ ପୁହାଣ ଅଫିସ ଗାଇଡ ଲାଇନ ନିୟମ ଅନୁଯାୟୀ ପ୍ରସ୍ତୁତ କରିଥିବା ବେଳେ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ବେଆଇନ ବାଲି ଓ ମେସିନ, ହାୱାଇ ଜବତ୍ ଧର୍ମକୁ ଆଖିଠାର ଖଣି ଅଧିକାରୀ ସାଜିଛନ୍ତି ମାଫିଆଙ୍କ ଗଡଫାଦର

ହାଟଡିହି:୧୬/୭(ଅମୀୟ ବରାଳ )- - ସାରା ରାଜ୍ୟରେ ମୌସୁମୀ ଯୋଗୁଁ ମାସାଧିକ କାଳ ହେବ ତୁହାକୁ ତୁହା ବର୍ଷା ଲାଗି ରହିଥିବା ବେଳେ କେନ୍ଦୁଝର ଜିଲ୍ଲାରେ ମୌସୁମୀ ବାୟୁ ସକ୍ରିୟ ହୋଇ ଲଘୁଚାପ ଜନିତ ବର୍ଷା ଲାଗିରହିଛି ।ବର୍ଷାଦିନରେ ବାଲି ମାଫିଆଙ୍କୁ ସୁରକ୍ଷା ଦେବା ପାଇଁ ଏଭଳି ସୁଚିନ୍ତିତ ଷଡ଼ଯନ୍ତ୍ର କରିଛନ୍ତି ଜିଲ୍ଲା ଖଣି ଅଧିକାରୀ ଶ୍ରୀ ସିଂଙ୍କ ଅବସର ସମୟ ଆଉ ମାତ୍ର ଗୋଟିଏ ଦିନ ଥିବାବେଳେ ମୋଟା ଟଙ୍କା ରୋଜଗାର ତାଙ୍କର ଏକମାତ୍ର ନିଶା ହୋଇଛି। ସେଥିପାଇଁ ସବୁ ଆଇନ କାନୁନକୁ ସେ ଫୁ କରି ଉଡେଇ ଦେଇଛନ୍ତି। ଦେଶରେ ମୌସୁମୀ ପ୍ରବାହ ସମ୍ପର୍କିତ ନିର୍ଦ୍ଦେଶାବଳୀ ଆଇଏମଡି ନାଗପୁର ସ୍ଥିର କରେ। ତଦନୁଯାୟୀ ଓଡ଼ିଶା ପାଇଁ ମଧ୍ୟ ନାଗପୁର ତାରିଖ ଧାର୍ଯ୍ୟ କରିଥାଏ ।ଯାହା ଜୁନ୍ ମାସ ୫ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଧାର୍ଯ୍ୟ ସମୟ ରହିଛି। ଏହାକୁ ଆଧାର କରି ରାଜ୍ୟରେ ଜୁନ୍ ୫ରୁ ନଦୀମାନଙ୍କରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ବାଲି ଉତ୍ତୋଳନ ଓ ଚାଲାଣ ବନ୍ଦ ରଖିବା ପାଇଁ କେନ୍ଦ୍ର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ତେବେ ଖଣି ଅଧିକାରୀ ତାରିଣୀ ସିଂ ଙ୍କ ଚିଠି ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଶ୍ରୀ ସିଂ ଜୁଲାଇ ୪ ତାରିଖରେ ଚିଠି କରି ୬ ତାରିଖରୁ ବାଲି ଉତ୍ତୋଳନ ବନ୍ଦ ପାଇଁ ଲିଜ ଧାରୀଙ୍କୁ



ଚିଠି କରିଛନ୍ତି। ପରିବେଶବିତ୍ ପ୍ରଶ୍ନ କରିଛନ୍ତି, କେନ୍ଦୁଝରକୁ କେବେ ମୌସୁମୀ ଆସିଲା ତାରିଣୀ ସିଂ କେବେ ଏ ସୂଚନା କାହାଠାରୁ ପାଇଲେ ଏହାକୁ ସ୍ପଷ୍ଟ କରିବା ଦରକାର ।ଅପରପକ୍ଷରେ ମାଫିଆଙ୍କୁ ସୁରକ୍ଷା ଦେବା ଲାଗି ଖଣି ଅଧିକାରୀ ଶ୍ରୀ ସିଂଙ୍କର ଏହା ଏକ ସୁଚିନ୍ତିତ କୁବୁଦ୍ଧି ହେଇଥିଲା ପରି ଲାଗୁଛି। ଗଳାବାଟ ମାଧ୍ୟମରେ ମାଫିଆଙ୍କ ଗଡଫାଦର୍ ସାଜିଛନ୍ତି ଖଣି ଅଧିକାରୀ ।ବର୍ଷାଦିନେ ନଦୀରୁ ବାଲି ଉତ୍ତୋଳନ କରି ନଦୀପାର୍ଶ୍ୱରେ ଗଚ୍ଛିତ ରଖିବାକୁ ଯୋଜନା ହେଉଛି। ପରେ ଏହାକୁ ନିଲାମ ଜରିଆରେ ମାଫିଆଙ୍କୁ ଦିଆଯାଉଛି। ଏହି ବାଲି ପାଇଁ କିଛି ଟ୍ରାଞ୍ଜିଟ ପାସ୍ ଅଣାଯାଇ ନଦୀରୁ ବାଲି ଉତ୍ତୋଳନ ହେଉଥିବା ଦେଖିବାକୁ ମିଳିଛି। ଲଘୁ ଖଣି ଅଧିକାରୀ ଓ ବାଲିମାଫିଆଙ୍କ ଭିତିରି ଦେଣନେଣ କାର୍ଯ୍ୟକାରୀ ହେଉଥିବା ଜଣାଯାଇଛି।ଏହିଭଳି ଭାବେ ଜବତ ବାଲିକୁ ଦେଖାଇ ନଦୀରୁ ପ୍ରତିଦିନ ଶହ ଶହ ଟ୍ରିପ ବାଲି ହାଇୱା ଯୋଗେ ରାଜ୍ୟ ବାହାରକୁ ଚାଲାଣ ହେଉଛି। ନିକଟ ଅତୀତରେ ବିରଗୋବିନ୍ଦପୁର, ଅମାରଙ୍ଗ, ନପଙ୍ଗା ସମେତ ଉପଖଣ୍ଡର ବିଭିନ୍ନ ସ୍ଥାନରେ ନଦୀକୂଳରେ ବାଲି ଉତ୍ତୋଳନ କରି ଗଚ୍ଛିତ ରଖା ଯାଇଥିବା ବେଳେ ଚଢ଼ାଉ ଆଳରେ ଏହାକୁ କେବଳ ଜବତ କରାଯାଇ ନିଲାମ ଦିଆଯାଇଛି। ତେବେ ଏହି ଜବତ ବାଲି କେଉଁଠୁ ଆସିଲା, କିପରି ଆସିଲା, କିଏ ଆଣିଲା ଓ କିଭଳି ଆଣିଲା ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏହି ଘଟଣାମାନଙ୍କରେ କାହା ନାମରେ ଖଣି ବିଭାଗ ଗୋଟିଏ ମଧ୍ୟ ମାମଲା ରୁଜୁ ନକରି ମାଫିଆଙ୍କ ହାତରେ ଜବତ ବାଲିକୁ ଟେକି ଦେଇଛି। ଏହି ବାଲିକୁ ଆଖି ଆଗରେ ରଖି ନଦୀରୁ ବେଧଡକ ପ୍ରତିଦିନ ଶହ ଶହ ଟ୍ରିପ ବାଲି ଚୋରି ହେଉଥିବା ଜଣା ପଡ଼ିଛି। ସେହିପରି ପୋଲିସ୍ ଜବତ କରୁଥିବା ମେସିନ,ହାୱାଇ, କେବଳ ଜୋରିମାନା ଆଦାୟ କରି ନିଜ କାମ ସାରି ଦେଉଛି। ଏହାର ମୂଳ ପର୍ଯ୍ୟନ୍ତ ଯିବାକୁ ନା ପୁଲିସ ନା ଖଣି ବିଭାଗ କେହି ବି ଦୃଷ୍ଟି ଦେଉ ନାହାନ୍ତି। ଜବତ ହୋଇ ଜୋରିମାନା ଦେବା ପରେ ମଧ୍ୟ ପୁନର୍ବାର ମେସିନ, ହାୱାଇ ଗାଡି ବେଆଇନ ବାଲି ପରିବହନରେ ବ୍ୟବହାର ହେଉଥିବା ଜଣାପଡ଼ିଛି। ଏଣୁ ଏହା ଧର୍ମକୁ ଆଖି ଠାର ସଦୃଶ ଭଳି ମନେ ହୁଏ।

# ନିଜ ରଥରେ ନିଜେ ସାରଥୀ ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ପାର୍ଥ ସାରଥି

ପାତ୍ରପୁର, ୧୬/୦୭(ଅକ୍ଷର ଓଡ଼ିଶା)ଦ୍ୱିତୀୟ ଶ୍ରୀକ୍ଷେତ୍ର ତଥା ପାର୍ଥସାରଥୀ ଭାବେ ପରିଚିତ ପାର୍ଥ ସାରଥି କ୍ଷେତ୍ରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ମହାପ୍ରଭୁଙ୍କ ଦର୍ଶନ ନିମିତ୍ତ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ଏହି ପ୍ରସିଦ୍ଧ ଦ୍ୱିତୀୟ ଶ୍ରୀକ୍ଷେତ୍ର ଦର୍ଶନ ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭକ୍ତ ମାନେ ସକାଳୁ ଆସି



ପ୍ରଭୁ ପାର୍ଥସାରଥୀ ଓ ଜଗନ୍ନାଥଙ୍କ ଦର୍ଶନ କରିଥିଲେ । ଆନ୍ଧ୍ର-ଓଡିଶା ସୀମାନ୍ତରେ ଜରଡ଼ା ଗାଁ ଅବସ୍ଥିତ ଥିବାରୁ ଯାତ୍ରାରେ ଆନ୍ଧ୍ର ଭକ୍ତଙ୍କ ସଂଖ୍ୟା ଅଧିକ ରହିଥିଲା । ଗୁରୁବାର ଭୋର ଠାକୁରଙ୍କ ରୀତିନୀତି ଶେଷ ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା ।ମନ୍ଦିର କମିଟି ତରଫରୁ ବେରିକେଡ ବ୍ୟବସ୍ଥା କରାଯାଇ ଭକ୍ତଙ୍କ ସୁବିଧା ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ଅପରାହ୍ନ ସାଢେ ଦୁଇଟା ବେଳେ ଦର୍ଶନ ବନ୍ଦ ହୋଇ ଅପରାହ୍ନ ସମୟରେ ଜଗନ୍ନାଥଙ୍କ ପହଣ୍ଡି ହୋଇଥିଲା,ତାପରେ ପାର୍ଥସାରଥୀଙ୍କ ପହଣ୍ଡି ହୋଇଥିଲା । ରାଜା ଦୀପକ ଚନ୍ଦ୍ର ଦେଓ ରଥ ଉପରେ ଛେରା ପଂହରା ଦେବା ପରେ ଭକ୍ତଙ୍କ ଜୟଧ୍ୱନି ଓ ହୁଳହୁଳି ଶବ୍ଦ ମଧ୍ୟରେ ଅପରାହ୍ନ ୫ଘଣ୍ଟ ବେଳେ ରଥଟଣା ହୋଇଥିଲା । କେ.କୃଷ୍ଣମୂର୍ତ୍ତି ଓ ରାମ ଗୋପାଳ ପାଢ଼ୀ ରଥ ଉପରେ ଉଭୟ ଓଡ଼ିଆ ଓ ତେଲୁଗୁ ଭାଷାରେ ଯାତ୍ରାର ଧାରା ବିବରଣୀ ପ୍ରଦାନ କରିଥିଲେ ।ପ୍ରବଳ ଭିଡକୁ ଆଖି ଆଗରେ ରଖି ବ୍ୟାପକ ବ୍ୟବସ୍ଥା ଜରଡ଼ା ପୋଲିସ ଓ ଡ୍ରାଇଭର ସଂଘ ତରଫରୁ କରାଯାଇଥିଲା । ଗତ ଦୁଇଦିନ ଧରି ଝିପିଝିପି ବର୍ଷା ଲାଗିରହିଥିବା ବେଳେ ଗୁରୁବାର ପାଗ ସାମାନ୍ୟ ଶୁଖିଲା ହେବା ପରେ ଭକ୍ତଙ୍କ ଭିଡ଼ ବଢିଥିଲା ।ଜରଡ଼ା ଗ୍ରାମବାସୀ,ଯୁବଗୋଷ୍ଠୀ, ଅଗ୍ନିଶମ କର୍ମଚାରୀ, ଶ୍ରୀ ଭରତପତି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଶେଷ ସହଯୋଗ କରିଥିଲେ ।

# ରଥଟଣା ବେଳେ ଘର କାନ୍ଥରେ ବାଜିଲା ରଥ ଅଳ୍ପକେ ଟଳିଲା ବଡ଼ ଅଘଟଣ



ନାରାୟଣପାଟଣା, ୧୬/୭ (ଗିରିଧର ଖରା): କୋରାପୁଟ ଜିଲ୍ଲା ନାରାୟଣପାଟଣା ସଦରରେ ଗୁରୁବାର ଅନୁଷ୍ଠିତ ରଥଟଣା ବେଳେ ଏକ ଅପ୍ରୀତିକର ଘଟଣା ଘଟିଥିଲା। ହଜାର ହଜାର ଭକ୍ତଙ୍କ 'ହରିବୋଲ' ଧ୍ୱନି ମଧ୍ୟରେ ରଥ ଟଣାଯାଉଥିବା ସମୟରେ ହଠାତ୍ ରଥଟି ନିର୍ଦ୍ଧାରିତ ପଥରୁ ସରି ନିକଟସ୍ଥ ଏକ ଘରର କାନ୍ଥରେ ବାଜିଯାଇଥିଲା। ଏଥିରେ କିଛି ସମୟ ପାଇଁ ରଥଟଣା ବନ୍ଦ ରହିବା ସହ ଘଟଣାସ୍ଥଳରେ ଉତ୍କଣ୍ଠାର ପରିବେଶ ସୃଷ୍ଟି ହୋଇଥିଲା।ରଥକୁ ପୂର୍ବ ସ୍ଥିତିକୁ ଆଣିବା ପାଇଁ ଜେସିବି ସହାୟତା ନିଆଯାଇଥିଲେ ମଧ୍ୟ ସଫଳତା ମିଳିନଥିଲା। ଦୀର୍ଘ ସମୟ ଧରି ପ୍ରୟାସ ଚାଲିଥିଲେ ମଧ୍ୟ ରଥଟି ସମ୍ପୃକ୍ତ ସ୍ଥାନରେ ଅଟକି ରହିଥିଲା। ତେବେ ସୌଭାଗ୍ୟବଶତଃ ଏହି ଘଟଣାରେ କୌଣସି ଭକ୍ତ କିମ୍ବା ରଥରେ ବିରାଜମାନ ଶ୍ରୀଜିଉଙ୍କର କୌଣସି କ୍ଷତି ହୋଇନଥିବାରୁ ଏକ ବଡ଼ ଅଘଟଣ ଟଳିଯାଇଛି ।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ନାରାୟଣପାଟଣା ବଡ଼ଦାଣ୍ଡ ସଂକୀର୍ଣ୍ଣ ଥିବାରୁ ପ୍ରତିବର୍ଷ ରଥଯାତ୍ରା ବେଳେ ରଥ ଚଳାଚଳରେ ସମସ୍ୟା ଦେଖାଦେଉଛି। କେତେବେଳେ ରଥ ଡ୍ରେନ୍ ଉପରକୁ ଚଢ଼ିଯାଉଥିବା ବେଳେ ଆଉ କେତେବେଳେ ଘର କାନ୍ଥରେ ବାଜୁଛି। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ସ୍ଥାୟୀ ସମାଧାନ ହେଉନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରଥଯାତ୍ରା ପରି ବୃହତ୍ ଧାର୍ମିକ ସମାରୋହକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡର ପ୍ରଶସ୍ତୀକରଣ, ବାଧକ ସ୍ଥାନଗୁଡ଼ିକର ସ୍ଥାୟୀ ସମାଧାନ ଏବଂ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ, ନାରାୟଣପାଟଣାରେ ପୂର୍ବ ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଦୁଇ ଦିନ ଧରି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ।

# କ୍ଷୁଦ୍ର ଜଳସେଚନ ବିଭାଗରେ ବ୍ୟାପକ ଅନିୟମିତତା

ନୟାଗଡ ୧୬/୦୭(ଅକ୍ଷର ଓଡ଼ିଶା): ନୟାଗଡ଼ ବ୍ଲକ ଅଧିନସ୍ଥ ବିରୁଡ଼ା ପଞ୍ଚାୟତ ମହନଗୁରୁ ଡ୍ୟାମ ପୁନଃରୁଦ୍ଧାର କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି । ମହନଗୁରୁ ଡ୍ୟାମ ଧିରେ ଧିରେ ପୋତି ହେଉଥିବା ଜଳସେଚନ ପାଇଁ ଆବଶ୍ୟକ ପାଣି ରହୁନାହିଁ । ସ୍ଥାନୀୟ ଚାଷୀ ଏହା ଉପରେ ନିର୍ଭର କରୁଥିବା ବେଳେ କ୍ଷୁଦ୍ର ଜଳସେଚନ ବିଭାଗ ବହୁ ବର୍ଷ ପରେ ଏହାକୁ ପୁନଃରୁଦ୍ଧାର କରିବା ପାଇଁ ବ୍ୟୟ ବରାଦ କରିଛି । ବିଭାଗୀୟ ସୂଚନାନୁସାରେ, ୩୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଆରମ୍ଭରୁ ପୁନଃରୁଦ୍ଧାର କାମ ଝୁଣ୍ଟିଲାଣି ବୋଲି ବିରୁଡ଼ା ଗ୍ରାମର ଭୂବନ ହାତୀ କହିଛନ୍ତି । କାମ ପାଇଥିବା ଠିକାଦାର ବନ୍ଧରୁ ଡାଳପତ୍ର ହାଣି ଗୋଟିଏ ଡ୍ୟାମ୍ ?ର ଗୋଟିଏ କଣରୁ ସାମାନ୍ୟ ପଙ୍କ ଉଠାଇ ବନ୍ଧ ଉପରେ ଗଦା କରିଛି । ଅନ୍ୟ କୌଣସି କାମ ହୋଇନଥିବା ବେଳେ ବିଭାଗ ଠିକାଦାରଙ୍କୁ ୪ରୁ ୫ ଲକ୍ଷ ଟଙ୍କା ବିଲ୍ ପ୍ରଦାନ କରିଛି । ବର୍ଷାଋତୁ ଆରମ୍ଭ ହେଉଥିବାରୁ ଆଗକୁ କାମ ହୋଇପାରିବା ସମ୍ଭାବନା ନାହିଁ । ଫଳରେ ଅଳ୍ପ କିଛି କାମ କରି ବିଲ୍ କରିବା ସବୁ ବିଲ୍ କରିବା ପାଇଁ ଜୋରଦାର ମସୁଧା ଚାଲିଥିବା ଅଭିଯୋଗ ହୋଇଛି । ବିତ ଦିନରେ ଏହି ଡ୍ୟାମରେ ନିର୍ମାଣ କରାଯାଇଥିବା କେନାଲ ୱାଲ୍ ଭୁଶୁଡ଼ି ଯାଇଥିଲା । ଏଠାରେ ଥିବା ଏକ ବଙ୍ଗଳାର ଅବସ୍ଥା ଅତ୍ୟନ୍ତ ଦୟନୀୟ ସ୍ଥିତିରେ ରହିଛି। ବଙ୍ଗଳାର ଝରକା, କବାଟ ନଥିବା ବେଳେ ଚାରି ପଟେ ଘଞ୍ଚ ଜଙ୍ଗଲ ସୃଷ୍ଟି ହୋଇଛି। ରୋଷଇ ଘରର ଅବସ୍ଥା ମଧ୍ୟ ସମାନ ସ୍ଥିତିରେ ରହିଛି। ଉକ୍ତ ସ୍ଥାନକୁ ଅନେକ ସମୟରେ ନୟାଗଡ଼ ଆଖପାଖ ଅଞ୍ଚଳର ଲୋକେ ଭୋଜିଭାତ କରିବାକୁ ଆସୁଥିବା ବେଳେ ଏହାକୁ ଦେଖି ଅଟହାସ୍ୟ କରୁଛନ୍ତି। ଜଳସେଚନ ପ୍ରକଳ୍ପ ପୁନଃରୁଦ୍ଧାର ଏବଂ ନୂତନ ବଙ୍ଗଳା ନିର୍ମାଣ କରିବା ପାଇଁ ଅଞ୍ଚଳ ବାସୀ ଦାବି କରୁଥିବା ବେଳେ ଏବେ ପୁନଃରୁଦ୍ଧାର କାର୍ଯ୍ୟ ଦେଖି ଅଟହାସ୍ୟ କରୁଛନ୍ତି । କ୍ଷୁଦ୍ର ଜଳସେଚନ ବିଭାଗ ଯନ୍ତ୍ରୀ ଅଶୋକ କୁମାର କାଣ୍ଡିଙ୍କ ପ୍ରତିକ୍ରିୟା ନେବାରେ, କାମ ଚାଲିଛି । ୪ରୁ ୫ ଲକ୍ଷ ବିଲ୍ ହୋଇଛି । ଆବଶ୍ୟକ କାମ କରାଯିବ ବୋଲି କହିଛନ୍ତି ।










# ଇଂଲଣ୍ଡ ପାଇଁ ୨୩୪ ରନର ବିଜୟ ଲକ୍ଷ୍ୟ




ନୂଆଦିଲ୍ଲୀ, ୧୬/୦୭ : କାର୍ଡିଫ୍‌ର ସୋଫିଆ ଗାର୍ଡେନ୍ସଠାରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ମାତ୍ର ୨୩୩ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଜିତି ଭାରତ ୧-୦ ରେ ଆଗୁଆ ଥିବା ବେଳେ, ଇଂଲଣ୍ଡ ପାଇଁ ଏହି ମ୍ୟାଚ୍ ଜିତି ସିରିଜ୍ ବରାବର କରିବାକୁ ସୁବର୍ଣ୍ଣ ସୁଯୋଗ ରହିଛି। ଇଂଲଣ୍ଡର କାମଚଳା ଅଧିନାୟକ ହ୍ୟାରୀ ବ୍ରୁକ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଓପନର୍ ଶୁଭମନ ଗିଲ୍ (୩୧ ରନ୍) ଏବଂ ରୋହିତ ଶର୍ମା (୨୬ ରନ୍) ଆଉଟ୍ ହେବା ପରେ, ବିରାଟ କୋହଲି ଏବଂ ଶ୍ରେୟସ ଆୟର ଭାରତୀୟ ଇନିଂସକୁ ସମ୍ଭାଳିଥିଲେ। ବିରାଟ କୋହଲି ୬୬ଟି ବଲ୍‌ରୁ ୬୫ ରନ୍ (୮ ଚୌକା) ଏବଂ ଶ୍ରେୟସ ଆୟର ୭୧ଟି ବଲ୍‌ରୁ ଦ୍ରୁତ ୬୬ ରନ୍ (୫ ଚୌକା, ୨ ଛକା) କରି ସର୍ବାଧିକ ସ୍କୋରର ସାଜିଥିଲେ। ଗୋଟିଏ ସମୟରେ ଭାରତ ୧୭୩ ରନ୍‌ରେ ୩ଟି ୱିକେଟ୍ ହରାଇ ମଜବୁତ ସ୍ଥିତିରେ ଥିଲା। କିନ୍ତୁ ବିରାଟ କୋହଲି ଆଉଟ୍ ହେବା ପରେ ମାତ୍ର ୫୦ ରନ୍ ମଧ୍ୟରେ ଶେଷ ୭ଟି ୱିକେଟ୍ ପତନ ଘଟିଥିଲା, ଯାହା ଫଳରେ ଭାରତ ୪୪ ଓଭରରେ ୨୩୩ ରନ୍‌ରେ ସୀମିତ ରହିଗଲା। ଇଶାନ କିଷାନ (୧), ଅକ୍ଷର ପଟେଲ (୧) ଏବଂ ଶିବମ ଦୁବେ (୦) ସମ୍ପୂର୍ଣ୍ଣ ଫ୍ଲପ୍ ସାବ୍ୟସ୍ତ ହୋଇଥିଲେ। ଇଂଲଣ୍ଡର ଦ୍ରୁତ ବୋଲରମାନେ ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ଦବଦବା ଦେଖାଇ ୧୦ଟି ଯାକ ୱିକେଟ୍ ଅକ୍ତିଆର କରିଥିଲେ। ଗସ୍ ଆଟକିନସନ୍ (୩/୫୦) ଏବଂ ଜୋଫ୍ରା ଆର୍ଚ୍ଚର (୩/୪୭) ଭାରତର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ସାକିବ୍ ମହମୁଦ୍ ୨ଟି ଏବଂ ସାମ କୁରାନ ଓ ୱିଲ୍ ଜ୍ୟାକ୍ସ ୧ଟି ଲେଖାଏଁ ୱିକେଟ୍ ନେଇଥିଲେ। ୨୩୪ ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ଇଂଲଣ୍ଡର ପ୍ରାରମ୍ଭିକ ଖରାପ ଖେଳିଥିଲା। ଭାରତର ଷ୍ଟାର୍ ବୋଲର ଜସପ୍ରୀତ ବୁମରା ଏବଂ ପ୍ରସିଦ୍ଧ କ୍ରିଷ୍ଣା ପ୍ରାରମ୍ଭିକ ୱିକେଟ୍ ନେଇ ଇଂଲଣ୍ଡ ଉପରେ ଚାପ ପକାଇଥିଲେ। ଇଂଲଣ୍ଡ ୧୧ ଓଭର ସୁଦ୍ଧା ୫୪ ରନ୍‌ରେ ୩ଟି ୱିକେଟ୍ ହରାଇଥିଲା।

ଫିଫା ବିଶ୍ୱକପ୍-୨୦୨୬ ଜୁଲାଇ ୧୯ (ରବିବାର) ଟ୍ରଫି ଟକ୍କର

# ଆର୍ଜେଣ୍ଟିନା-ସ୍ପେନ୍ ଫାଇନାଲ ଲଢ଼େଇ




ଆଟଲାଣ୍ଟା, ୧୬/୦୭ : ବିଜେତା ଆର୍ଜେଣ୍ଟିନାର ବିଜୟ ରଥ ଗର୍ବ ଓ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିଛି। ହାଇଭୋଲ୍‌ଟେଜ୍ ଓ ଉତ୍ତେଜନା ପ୍ରବଣ ଦ୍ୱିତୀୟ ସେମିଫାଇନାଲ୍‌ରେ ଇଂଲଣ୍ଡକୁ ୨-୧ ଗୋଲ୍‌ରେ ହରାଇ ଲିଓନେଲ ମେସିଙ୍କ ଲାଟିନ୍ ଆମେରିକୀୟ ବାହିନୀ ଲଗାତାର ଦ୍ୱିତୀୟ ଥର ଫିଫା ଫୁଟ୍‌ବଲ୍ ମହାକୁମ୍ଭର ଫାଇନାଲ୍‌ରେ ପ୍ରବେଶ କରିଛି। ତା' ସହିତ ଚତୁର୍ଥ ଥର ବିଶ୍ୱବିଜୟୀ ହେବା ଦିଗରେ ଆଉ ଏକ ପାଦ ଆଗକୁ ବଢାଇଛି। ଟ୍ରଫି ଟକ୍କରରେ ଏବେ ଆର୍ଜେଣ୍ଟିନା ରବିବାର ୟୁରୋପୀୟ ଶକ୍ତି ସ୍ପେନ୍‌କୁ ଭେଟିବ। ଏହି ବିଜୟ ପରେ ଆର୍ଜେଣ୍ଟିନା ଉତ୍ସବ ମୁଖର ହୋଇଛି। ଅନ୍ୟପକ୍ଷରେ ଇଂଲଣ୍ଡର ୬ ଦଶନ୍ଧି ପରେ ବିଶ୍ୱକପ୍ ଫାଇନାଲ୍ ଖେଳିବା ସ୍ୱପ୍ନ ଭାଙ୍ଗି ଚୂରମାର୍ ହୋଇଯାଇଛି। ଆର୍ଜେଣ୍ଟିନାର ବିଜୟ ଥିଲା ବେଶ୍ ନାଟକୀୟ। ଦମଦାର ପ୍ରତ୍ୟାବର୍ତ୍ତନର ଆଉ ଏକ ବଳିଷ୍ଠ ନମୁନା ଦେଖାଇ ଏହି ଦଳ ଅସାଧାରଣ ବିଜୟ ହାସଲ କରିଥିଲା। ୮୪ ମିନିଟ୍ ଧରି ଗୋଟିଏ ଗୋଲ୍‌ରେ ପଛୁଆ ରହିବା ପରେ ୭ ମିନିଟ୍ ଭିତରେ ଦୁଇଟି ଗୋଲ୍ ଦେଇ ଆର୍ଜେଣ୍ଟିନା ଫାଇନାଲ୍ ଟିକେଟ ହାସଲ କରି ନେଇଥିଲା। ଇଂଲଣ୍ଡ ମ୍ୟାଚ୍‌ର ଅଧିକାଂଶ ସମୟ ଆଧିପତ୍ୟ ବିସ୍ତାର କରିଥିଲେ ମଧ୍ୟ ଶେଷ କିଛି ମିନିଟ୍‌ରେ ଏକାଗ୍ରତା ହରାଇ ଦୁଃଖଦ ବିଦାୟ ନେଇଥିଲା। ଏହି ବଡ଼ ଲଢ଼େଇ ଉପରେ ସାରା ବିଶ୍ୱର ନଜର ରହିଥିଲା। ଉଭୟ ଦଳର ଖେଳାଳି ମଧ୍ୟ ଥିଲେ ଉଲ୍ଲସିତ ଓ ଉତ୍ସାହିତ। ଯାହାର ଝଲକ ପ୍ରଥମ ମିନିଟ୍‌ରୁ ହିଁ ଦେଖିବାକୁ ମିଳିଥିଲା। ପରସ୍ପର ଉପରେ ଆରମ୍ଭରୁ ଚାପ ସୃଷ୍ଟି କରିବା ଲକ୍ଷ୍ୟରେ ଦୁଇଟି ଯାକ ଦଳର ଖେଳାଳି ଆପ୍ରାଣ ଉଦ୍ୟମ କରିଥିଲେ। ଫଳରେ ପଡ଼ିଆ ଭିତରେ ଉଷ୍ମତାର ବାତାବରଣ ସୃଷ୍ଟି ହୋଇଥିଲା। ପଞ୍ଚମ ମିନିଟ୍ ସୁଦ୍ଧା ଇଂଲଣ୍ଡର ଅଗ୍ରଭାଗ ଓ ଆର୍ଜେଣ୍ଟିନାର ରକ୍ଷଣଭାଗ ଖେଳାଳିମାନେ ଏକାଧିକ ଥର ଧସ୍ତାଧସ୍ତି ଓ ଠେଲାପେଲା ହେଉଥିବା ଦେଖିବାକୁ ମିଳିଥିଲା। ଛକାପଞ୍ଝା ଓ ବଳ କଷାକଷି ଭିତରେ ପ୍ରଥମାର୍ଦ୍ଧ ଶେଷ ହୋଇଥିଲା। କେହି କାହାରିକୁ ଗୋଲ୍ ଦେଇ ନପାରିବାରୁ ପ୍ରଥମ ୪୫ ମିନିଟ୍ ଖେଳ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। ଆର୍ଜେଣ୍ଟିନା ୧୨ଟି ଏବଂ ଇଂଲଣ୍ଡ ୭ଟି ଫାଉଲ୍ କରିଥିଲା। ବିଶ୍ୱ ମାନ୍ୟତାର ପ୍ରଥମ ସ୍ଥାନରେ ଥିବା ଆର୍ଜେଣ୍ଟିନା ଓ ଚତୁର୍ଥରେ ଥିବା ଇଂଲଣ୍ଡ ପାଖାପାଖି ସମାନ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲେ। ହେଲେ କେହି କାହାର ଗୋଲ୍‌ପୋଷ୍ଟ ଉପରକୁ ଥରେ ମାତ୍ର ଆକ୍ରମଣ କରି ନଥିଲେ। ଆର୍ଜେଣ୍ଟିନାର ୨୫୮ ପାସ୍ ତୁଳନାରେ ଇଂଲଣ୍ଡ ଖେଳାଳିମାନେ ୨୧୮ ପାସ୍ ଦେଇଥିଲା। ଏହି କ୍ଷେତ୍ରରେ ଆର୍ଜେଣ୍ଟିନା ସାମାନ୍ୟ ଆଗୁଆ ରହିଥିଲା। ଶେଷରେ ଏହି ଗତିରୋଧ ୫୫ ମିନିଟ୍‌ରେ ଆନ୍ଥୋନୀ ଗର୍ଡନଙ୍କ ଗୋଲ୍ ବଳରେ ଦୂର ହୋଇଥିଲା। ମୋର୍ଗାନ ରୋଜର୍ସଙ୍କଠାରୁ ଡାହାଣ ପଟୁ ପାଇଥିବା ତେରଛା ପାସ୍କୁ ସଫଳତାର ସହ ଗୋଲ୍‌ପୋଷ୍ଟ ଭିତରକୁ ପଠାଇ ଇଂଲଣ୍ଡକୁ ଆଗୁଆ କରି ଦେଇଥିଲେ ସେ। ଏହା ପୂର୍ବରୁ ଆର୍ଜେଣ୍ଟିନାର ଦୁଇ ସେଣ୍ଟର ବ୍ୟାକ୍ ଲିସାଣ୍ଡ୍ରୋ ମାର୍ଟିନଜେ୍ ଓ ରୋମେରିଓ ବିପଜ୍ଜନକ ଖେଳ ପାଇଁ ହଳଦିଆ କାର୍ଡ ପାଇବା ଇଂଲଣ୍ଡକୁ ସୁହାଇଥିଲା। ଏହା ପରେ ଆର୍ଜେଣ୍ଟିନା କିନ୍ତୁ ତା'ର ଆକ୍ରମଣକୁ ତୀବ୍ର କରିଥିଲା। ତେବେ ଇଂଲଣ୍ଡ ଗୋଲ୍‌ରକ୍ଷକ ଜୋର୍ଡାନ ଫିକ୍‌ଫୋର୍ଡ୍ ଏକାଧିକ ସେଭ୍ କରି ମେସିଙ୍କ ଦଳକୁ ଚାପରେ ରଖିଥିଲେ। ଶେଷରେ ୮୫ତମ ମିନିଟ୍‌ରେ ଏନ୍‌ଜୋ ବକ୍ସ ବାହାରୁ ସଟ୍ ମାରି ଫିକ୍‌ଫୋର୍ଡ୍‌ଙ୍କୁ ଚକ୍‌ମା ଦେବାକୁ ସକ୍ଷମ ହୋଇଥିଲେ। ତାଙ୍କ ସମୟପୋଯୋଗୀ ଗୋଲ୍ ବଳରେ ଆର୍ଜେଣ୍ଟିନା ସ୍ଥିତି ୧-୧ କରି ନେଇଥିଲା। ଏହାର ୭ ମିନିଟ୍ ପରେ ଅର୍ଥାତ୍ ଆହତ ସମୟ (୯୦+୨)ରେ ମେସିଙ୍କଠାରୁ ପାଇଥିବା ଲମ୍ବା ପାସ୍କୁ ହେଡର୍‌ରେ ଗୋଲ୍‌ପୋଷ୍ଟ ଭିତରକୁ ପୂରାଇ ଲୌତାରୋ ମାର୍ଟିନେଜ୍ ଆର୍ଜେଣ୍ଟିନାକୁ ଠିକଣା ସମୟରେ ୨-୧ରେ ଅଗୁଆ କରି ଦେଇଥିଲେ। ଶେଷରେ ଏହି ସ୍କୋର୍ ଲାଇନ୍‌ରେ ଆର୍ଜେଣ୍ଟିନା ବିଜୟୀ ହୋଇଥିଲା।




ନୂଆ ଫର୍ମାଟ୍‌ରେ କ୍ରିକେଟ୍ ବିଶ୍ୱକପ୍

## ଦିନିକିଆରେ ସୁପର୍-୭, ଟ୍ୱେଣ୍ଟି-୨୦ରେ ସୁପର୍-୧୦

ଦୁବାଇ, ୧୬/୦୭ : ଆଗାମୀ ୨୦୨୭ ଦିନିକିଆ ବିଶ୍ୱକପ୍ ଓ ୨୦୨୮ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ନୂଆ ଫର୍ମାଟ୍‌ରେ ଖେଳାଯିବ। ଦିନିକିଆ ବିଶ୍ୱକପ୍ ଫାଇନାଲ୍‌ରେ ପହଞ୍ଚିବାକୁ ୩ ସ୍ତର ଦେଇ ଯିବାକୁ ପଡ଼ିବ। ସେହିଭଳି ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟ ୧୦ ଦଳରେ ପହଞ୍ଚିବ ବୋଲି ବୁଧବାର ଆଇସିସି ଘୋଷଣା କରିଛି। ଏହି ନୂଆ ଫର୍ମାଟ୍ ନିଷ୍ପତ୍ତି ଏଡିନ୍‌ବର୍ଗରେ ଚାଲିଥିବା ଆଇସିସି ବାର୍ଷିକ ଅଧିବେଶନରେ ନିଆଯାଇଛି। ତିନିସ୍ତର ପରେ ୨୦୨୭ରେ ଦିନିକିଆ ବିଶ୍ୱକପ୍ ଫାଇନାଲ୍ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ୨୦୨୭ ବିଶ୍ୱକପ୍‌ରେ ୧୪ ଦଳ ଅଂଶଗ୍ରହଣ ନେଇ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ଏବେ ଆଇସିସି ଏଥିରେ ସୁପର ସିରିଜ୍ ରାଉଣ୍ଡ (ଗ୍ରୁପ୍ ରାଉଣ୍ଡ) ଏବଂ ସେମିଫାଇନାଲ୍ ପୂର୍ବରୁ ସୁପର-୭ ଭର୍ତ୍ତି କରିଛି। ଏହି ୩ ସ୍ତର ପରେ ଫାଇନାଲ୍ ଖେଳାଯିବ। ୧୨ରୁ ୧୪ତମ ଭାବେ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଥିବା ଦଳ ସୁପର ସିରିଜ୍ ରାଉଣ୍ଡ ଖେଳିବେ। ରାଉଣ୍ଡ ରବିନ୍ ଫର୍ମାଟ୍‌ରେ ଏହି ପର୍ଯ୍ୟାୟ ଖେଳାଯିବ। ଏହି ପର୍ଯ୍ୟାୟର ଶ୍ରେଷ୍ଠ ଦଳ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚିବ। ଏହି ପର୍ଯ୍ୟାୟରେ ୧୨ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ଏହି ପର୍ଯ୍ୟାୟରେ ମୋଟ ୩୦ ମ୍ୟାଚ୍ ଖେଳାଯିବ। ପ୍ରତିଗ୍ରୁପ୍‌ର ୩ ଲେଖାଏଁ ଦଳ ଏବଂ ଉଭୟ ଗ୍ରୁପ୍‌ର ପରବର୍ତ୍ତୀ ଶ୍ରେଷ୍ଠ ଦଳ ସୁପର-୭ ଷ୍ଟେଜ୍‌ରେ ପହଞ୍ଚିବେ। ଯାହା ପୂର୍ବରୁ ସୁପର-୬ ଥିଲା। ସୁପର-୭ ରାଉଣ୍ଡ ରବିନ୍‌ରେ ହେବାକୁ ଥିଲା ବେଳେ ମୋଟ ୨୧ ମ୍ୟାଚ୍ ଖେଳାଯିବ। ଏହି ପର୍ଯ୍ୟାୟର ଶ୍ରେଷ୍ଠ ୪ ଦଳ ସେମିଫାଇନାଲ୍‌କୁ ଉତ୍ତୀର୍ଣ୍ଣ ହେବେ। ଦୁଇ ସେମିଫାଇନାଲ୍ ବିଜେତା ଫାଇନାଲ୍‌ରେ ଟ୍ରଫି ପାଇଁ ଲଢ଼ିବେ। ଏହି ପ୍ରତିଯୋଗିତାକୁ ୧୦ ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଏଥିରେ ସହଆୟୋଜକ ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ସହ ପୂର୍ଣ୍ଣ ସଦସ୍ୟ ଦଳ ରହିଛନ୍ତି।










ଜାପାନ ଓପନ୍

## କ୍ୱାର୍ଟରରେ ସିନ୍ଧୁ

ଟୋକିଓ, ୧୬/୦୭ : ଦୁଇ ଥର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ଚଳିତ ଋତୁରେ ଆଉ ଏକ ଶ୍ରେଷ୍ଠ ପ୍ରଦର୍ଶନ ଦେଇ ଚଳିତ ଜାପାନ ଓପନ୍ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ପ୍ରିକ୍ୱାର୍ଟରଫାଇନାଲ୍‌ରେ ଏହି ବିଶ୍ୱର ୧୦ ନମ୍ବର ଭାରତୀୟ ଖେଳାଳି ସିଧାସଳଖ ୨୧-୧୬, ୨୧-୧୪ରେ ବିଶ୍ୱର ୫ ନମ୍ବର ଚୀନ୍‌ର ହାଁ ୟୁଏଙ୍କୁ ହରାଇଛନ୍ତି। ଏହି ବିଜୟ ସହ ହାଁଙ୍କ ବିରୋଧରେ ସିନ୍ଧୁଙ୍କ ବିଜୟ ବ୍ୟବଧାନ ୮-୧ରେ ପହଞ୍ଚିଛି। ୩୧ ବର୍ଷୀୟ ସିନ୍ଧୁ ସେମିଫାଇନାଲ୍ ସ୍ଥାନ ଲାଗି ଶୁକ୍ରବାର ଜାପାନର ନୋଜୋମି ଓକୁହାରାଙ୍କୁ ଭେଟିବେ। ଓକୁହାରା ନିଜର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଦକ୍ଷିଣ କୋରିଆର ଆନ୍ ସି-ୟଙ୍ଗଠୁ ୱାକ୍‌ଓଭର ପାଇଥିଲେ। ତେବେ ଭାରତୀୟ ମିଶ୍ରିତ ଯୁଗଳ ଯୋଡ଼ି ତନିଶା କ୍ରାଷ୍ଟୋ ଓ ଧ୍ରୁବ କପିଳ ୨୦-୨୨, ୧୭-୨୧ରେ ଶୀର୍ଷ ମାନ୍ୟତାପ୍ରାପ୍ତ ଚୀନ୍‌ର ଫେଙ୍ଗ ୟାଁ ଝେ ଓ ହୁଆଙ୍ଗ ଡୋଙ୍ଗ ପିଙ୍ଗ୍‌ଙ୍କଠୁ ହାରି ବିଦାୟ ନେଇଛନ୍ତି।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by BHARAT KUMAR BEHERA, Published at -99/6, Kalinga Vihar, Bhubaneswar-751019. Printed at PRINT-TECH OFFSET PVT. LTD., F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera